# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଏପ୍ରିଲ ୨୬/୨୦୨୧ (୧୨ ପୃଷ୍ଠା) | Sambalpur, Monday, April 26/2021 | ★★

୧୭ଶ ଭାଗ ୧୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ପାକିସ୍ତାନକୁ ସ୍ୱରାଙ୍କ ପ୍ରଶଂସା

କରୋନା ସହ ଲଢ଼େଇରେ ଭାରତକୁ ସହଯୋଗ କରିବାକୁ ପ୍ରସ୍ତୁତ ଥିବା ପାକିସ୍ତାନ କହିବା ପରେ ଏହି ପଡ଼ୋଶୀ ଦେଶକୁ ପ୍ରଶଂସା କରିଛନ୍ତି ଅଭିନେତ୍ରୀ ସ୍ୱରା ଭାସ୍କର।

୧୦ ୦୯

## ରେକର୍ଡ ସମକକ୍ଷ ହେଲେ ଜାଡେଜା

ଆରସିବି ବିପକ୍ଷ ଆଇପିଏଲ୍ ମ୍ୟାଚର ଅନ୍ତିମ ଓଭରରେ ୩୭ରନ କରି କ୍ରିସ୍ ଗେଲ୍ଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି ସିଏସ୍କେର ରବୀନ୍ଦ୍ର ଜାଡେଜା।



# ୧୮ରୁ ଊର୍ଦ୍ଧ୍ୱଙ୍କୁ ମାଗଣା ଟିକା

- ରାଜସ୍ଥାନ ପରେ ଓଡ଼ିଶାର ଘୋଷଣା
- ରାଜ୍ୟ ସରକାର ଖର୍ଚ୍ଚ କରିବେ ୨ ହଜାର କୋଟି
- ଲକ୍ଡାଉନ୍ ସପକ୍ଷରେ ନୁହେଁ: ମୁଖ୍ୟମନ୍ତ୍ରୀ
- ୧୦.୩୪ ଲକ୍ଷ କୋଭାକ୍ସିନ୍, ୩୭୭ ଲକ୍ଷ କୋଭିଶିଲ୍ଡ ଡୋଜ୍ ଅର୍ଡର କଲା ରାଜ୍ୟ

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

ଏବେ ସମସ୍ତଙ୍କୁ ମିଳିବ ମାଗଣା ଟିକା। ପୂର୍ବରୁ ୪୫ବର୍ଷରୁ ଊର୍ଦ୍ଧ୍ୱଙ୍କୁ ମାଗଣାରେ ଟିକା ଦିଆଯାଉଥିବାବେଳେ ଏବେ ଆସନ୍ତା ମେ ପହିଲାରୁ ୧୮ରୁ ୪୪ବର୍ଷ ବୟସ୍କଙ୍କୁ ମାଗଣାରେ ମିଳିବ। ରବିବାର ରାଜ୍ୟବାସୀଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ରାଜସ୍ଥାନ ପରେ ଓଡ଼ିଶା ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହି ଟିକାକରଣ ବାବଦରେ ୨ହଜାର କୋଟି ଟଙ୍କା ଖର୍ଚ୍ଚ ହେବ, ଯାହାକୁ ରାଜ୍ୟ ସରକାର ବହନ କରିବେ। ଟିକା ନେବା ପାଇଁ କାହାକୁ ପଇସା ଦେବାକୁ ପଡ଼ିବନି। ଏହାଦ୍ୱାରା ୨କୋଟି ଲୋକ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବଢୁଥିବା ସଂକ୍ରମଣକୁ ଦେଖି ରାଜ୍ୟବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିବା ସହିତ ହାତ ଯୋଡ଼ି ଜନତାଙ୍କୁ କରୋନା ନିୟମ ମାନିବାକୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ, ସାରା ଦେଶ ଆଜି ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି। ଏହାକୁ



ନବୀନ ପଟ୍ଟନାୟକ

ଯୁଦ୍ଧକାଳୀନ ପରିସ୍ଥିତି ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ପ୍ରତିଦିନ ଲକ୍ଷାଧିକ ଲୋକ ସଂକ୍ରମିତ ହେଉଥିବାବେଳେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟୁଛି। ବିଭିନ୍ନ ରାଜ୍ୟରେ ବେଡ୍‌ଠାରୁ ଆରମ୍ଭ କରି ମେଡିସିନ୍, ଅକ୍ସିଜେନ ଅଭାବ ଦେଖାଦେଇଛି। ସବୁଠାରୁ ଦୁଃଖର କଥା ଯେ, ଶ୍ମଶାନ ଘାଟଗୁଡ଼ିକରେ ମଧ୍ୟ ମୃତଦେହ ଦାହ ପାଇଁ ଜାଗା ମିଳୁ ନାହିଁ। ଏଭଳି ଭୟଙ୍କର ଓ କଠିନ ପରିସ୍ଥିତି ଭାରତ ଇତିହାସରେ କେବେ ବି ଆସି ନ ଥିଲା। ଗତବର୍ଷ ତୁଳନାରେ ଏବର୍ଷର ସ୍ଥିତି ଅତ୍ୟନ୍ତ ସାଙ୍ଘାତିକ। ତେଣୁ ପରିସ୍ଥିତିର ଭୟାବହତାକୁ ରାଜ୍ୟବାସୀ ବୁଝିବା ଦରକାର। ସମସ୍ତେ କୋଭିଡ୍ ଗାଇଡ୍‌ଲାଇନକୁ ମାନନ୍ତୁ। ସମସ୍ତେ ମାସ୍କ ପିନ୍ଧିବାକୁ ଗୁରୁତ୍ୱ ଦିଅନ୍ତୁ। ଯଦି ଆମେ ନିଜେ ସତର୍କ ନ ହେବା ତା'ହେଲେ ସରକାର ଏକାକୀ ଏହି ମୁକାବିଲା ବିରୋଧରେ ଲଢ଼ିପାରିବେ ନାହିଁ। ପ୍ରତ୍ୟେକ ମୃତ୍ୟୁ ପଛରେ ରହିଛି ଗୋଟିଏ ପରିବାରର ଦୁଃଖଭରା କାହାଣୀ। କିଏ ନିଜ ବାପାମା'ଙ୍କୁ ହରାଇଛି ତ କିଏ ନିଜ ଭାଇ ଭଉଣୀଙ୍କୁ ହରାଇଛି। ଏପରିକି କେଉଁଠି ନବବିବାହିତା ସ୍ତ୍ରୀ ତା'ର ସ୍ୱାମୀକୁ ହରାଇଛି। କେଉଁଠି ଛୋଟ ଛୋଟ ପିଲା ଅନାଥ ମଧ୍ୟ ହେଉଛନ୍ତି। ତେଣୁ ମୁଁ ଆପଣ ସମସ୍ତଙ୍କୁ ହାତଯୋଡ଼ି ଅନୁରୋଧ କରୁଛି ଯେ, କୋଭିଡ୍ ନିୟମକୁ ମାନନ୍ତୁ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ମୁଁ ଲକ୍ଡାଉନ୍ ସପକ୍ଷରେ ନାହିଁ। କାରଣ ଏହା ଅର୍ଥନୀତିକୁ ଦୁର୍ବଳ କରିଦେବ। କିନ୍ତୁ ଅର୍ଥନୀତି ସହ ଜୀବନ ରକ୍ଷା ମଧ୍ୟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମେ ଯଦି ସତର୍କ ରହିବା ଏବଂ କୋଭିଡ୍ ନିୟମ ମାନିବା ତେବେ ବିନା ଲକ୍ଡାଉନ୍‌ରେ ମଧ୍ୟ ଏହି ଯୁଦ୍ଧ ଜିତିପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ☞ପୃଷ୍ଠା–୪

## କୋଭିଡ୍ ହସ୍ପିଟାଲରେ ନିଆଁ: ୮୨ ମୃତ

**ବାଗ୍‌ଦାଦ, ୨୫।୪**

ଇରାକ ରାଜଧାନୀ ବାଗ୍‌ଦାଦର ଦିୟାଲା ବ୍ରିଜ୍ ଅଞ୍ଚଳରେ ଥିବା ଇବ୍‌ନ ଖାଟିବ୍ ହସ୍ପିଟାଲରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ୮୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୧୦ ଜଣ ଆହତ ହୋଇଛନ୍ତି। ଅକ୍ସିଜେନ୍ ଟାଙ୍କିରେ ବିସ୍ଫୋରଣ ହେବାରୁ ଉକ୍ତ କୋଭିଡ୍ ହସ୍ପିଟାଲରେ ନିଆଁ ଲାଗିଯାଇଥିଲା ବୋଲି ଗୃହ ମନ୍ତ୍ରଣାଳୟ ମୁଖପାତ୍ର ରବିବାର କହିଛନ୍ତି। ଏଭଳି ଦୁଃଖଦ ଘଟଣା ଭବିଷ୍ୟତରେ ଯେପରି ନ ଘଟେ ସେଥିପାଇଁ ସମସ୍ତ ହସ୍ପିଟାଲର ସୁରକ୍ଷା ପଦକ୍ଷେପର ଜରୁରୀ ସମୀକ୍ଷା ଆବଶ୍ୟକ ବୋଲି ସେ କହିଛନ୍ତି।

ନିଆଁ ଲାଗିବା ପରେ ହସ୍ପିଟାଲ ଭିତରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଅନେକେ ଜୀବନ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

## ଅତର୍କ୍କା ଦୌଡ଼

## କହିଥିଲେ, ଦେଲେ ନାହିଁ

**ଆଗକୁ ଭାକ୍ସିନ କଳାବଜାର**

**୩୫,୦୦୦ କୋଟି ଗଲା କୁଆଡ଼େ**

**ନୂଆଦିଲ୍ଲୀ,୨୫।୪:** ଦେଶରେ କରୋନା ସଂକ୍ରମଣ ବଢୁଥିବା ଦେଖି ବିଭିନ୍ନ ରାଜ୍ୟର ଦାବି ପରେ ମେ' ୧ ତାରିଖରୁ ୧୮–୪୪ ବର୍ଷୀୟଙ୍କୁ କୋଭିଡ୍–୧୯ ଟିକା ନେବା ପାଇଁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ତେବେ ଏହି ଆୟୁ ବର୍ଗର ନାଗରିକଙ୍କୁ ଭାକ୍ସିନ ନେବାକୁ ହେଲେ ଟଙ୍କା ଗଣିବାକୁ ପଡ଼ିବ। ଏପରି କି ସରକାରୀ ଟିକାଦାନ କେନ୍ଦ୍ରରେ ମଧ୍ୟ ମାଗଣାରେ ଭାକ୍ସିନ ଦିଆଯିବ ନାହିଁ ବୋଲି ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ (ଏନ୍ଏଚ୍ଏ) ☞ପୃଷ୍ଠା–୪


NEWTON COLLEGE OF +2 SCIENCE

NEWTON HIGHER SECONDARY SCHOOL OF SCIENCE

DEBAIPALI, SASON, SAMBALPUR- 768200

ADMISSION OPEN FOR

FOUNDATION COURSE

FOR CLASS 10TH OUTGOING STUDENTS

ONLINE CLASSES FOR +2 SCIENCE & ENTRANCE COACHING (NEET & JEE MAIN)

WILL START FROM 3RD MAY 2021

-: FOR DETAILS KINDLY CONTACT :-

9438069105, 9337301382, 9938586082, 9583325666




ଧରିତ୍ରୀ
DHARITRI
ସୋମବାର, ୨୬ ଏପ୍ରିଲ, ୨୦୨୧

**୨୨ଙ୍କୁ ସଂକ୍ରମିତ କରି ବନ୍ଧାହେଲେ**

ସ୍ପେନର ମାଲୋର୍କା ଦ୍ୱୀପରେ କରୋନା ସଂକ୍ରମଣ ବଢ଼ାଇଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କଠାରେ କରୋନା ଲକ୍ଷଣ ଥିବା ସତ୍ତ୍ୱେ ସେ ତାହା ଲୁଚାଇ ତାଙ୍କ କାର୍ଯ୍ୟସ୍ଥଳୀ ସମେତ ସର୍ବସାଧାରଣ ସ୍ଥାନକୁ ଯାଉଥିବା ପୋଲିସ କହିଛି। ସେ କୋଭିଡ୍ ଟେଷ୍ଟ କରାଇଥିଲେ ହେଁ ରିପୋର୍ଟକୁ ଅପେକ୍ଷା ନ କରି ସଧାରଣ ଭାବେ ସମସ୍ତଙ୍କ ସହ ମିଶିଥିଲେ। ତାଙ୍କ ସଂସ୍ପର୍ଶରେ ଆସି ଅଫିସ୍ କର୍ମଚାରୀ ଓ ପରିବାର ଲୋକଙ୍କ ସମେତ ୨୨ ଜଣ ସଂକ୍ରମିତ ହୋଇଥିଲେ।



## ସଂକ୍ଷେପରେ

### ସୁପ୍ରିମକୋର୍ଟ ବିଚାରପତି ଶାନ୍ତାଗୌଡରଙ୍କ ପରଲୋକ



**ନୂଆଦିଲ୍ଲୀ, ୨୫।୪:** ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ମୋହନ ଏମ୍ ଶାନ୍ତାଗୌଡରଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କୁ ୬୨ ବର୍ଷ ହୋଇଥିଲା। ଫୁସ୍‌ଫୁସ୍‌ରେ ସଂକ୍ରମଣ ଯୋଗୁ ସେ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ତେବେ ସେ କୋଭିଡ୍ ସଂକ୍ରମିତ ହୋଇଥିଲେ କି ନା ତାହା ସ୍ପଷ୍ଟ ହୋଇନାହିଁ। କର୍ଣ୍ଣାଟକରେ ଜନ୍ମିତ ଜଷ୍ଟିସ୍ ଶାନ୍ତାଗୌଡର ୧୭ ଫେବୃୟାରୀ ୨୦୧୭ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ୧୨ ମେ ୨୦୦୩ରେ କର୍ଣ୍ଣାଟକ ହାଇକୋର୍ଟର ଅତିରିକ୍ତ ଜଜ୍ ଏବଂ ୨୦୦୪ରେ ସୁପ୍ରିମକୋର୍ଟରେ ସ୍ଥାୟୀ ବିଚାରପତି ହୋଇଥିଲେ। ୧ ଅଗଷ୍ଟ ୨୦୧୬ରେ ତାଙ୍କୁ କର୍ଣ୍ଣାଟକ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଦାୟିତ୍ୱ ମିଳିଥିଲା। ସୁପ୍ରିମକୋର୍ଟକୁ ଯିବା ପୂର୍ବରୁ ୨୨ ସେପ୍ଟେମ୍ବର ୨୦୧୬ରେ ସେ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ।

### କରୋନାରେ ଟିଏମ୍‌ସି ପ୍ରାର୍ଥୀ ମୃତ



**କୋଲକାତା, ୨୫।୪:** ଉତ୍ତର ୨୪ ପ୍ରଗଣା ଜିଲା ଖର୍ଦ୍ଦାହ ନିର୍ବାଚନମଣ୍ଡଳୀର ଟିଏମ୍‌ସି ପ୍ରାର୍ଥୀ କାଜଲ ସିହ୍ନାଙ୍କ ରବିବାର ପରଲୋକ ଘଟିଛି। ତାଙ୍କୁ ୫୯ ବର୍ଷ ହୋଇଥିଲା। ଦୁଇ ଦିନ ପୂର୍ବେ ତାଙ୍କ କୋଭିଡ୍ ରିପୋର୍ଟ ପଜିଟିଭ୍ ଆସିଥିବାବେଳେ କୋଲକାତାର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ମୃତ୍ୟୁରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଶୋକବ୍ୟକ୍ତ କରିଛନ୍ତି। ସେ ତାଙ୍କ ଜୀବନ ଲୋକଙ୍କ ସେବାରେ ଉତ୍ସର୍ଗ କରିଥିବା ମମତା କହିଛନ୍ତି। ଉକ୍ତ ନିର୍ବାଚନମଣ୍ଡଳୀରେ ଗତ ୨୨ ତାରିଖରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

### 'ଗଗନୟାନ' ଟ୍ରାକ୍ କରିବ ସ୍ୱତନ୍ତ୍ର ଉପଗ୍ରହ

**ନୂଆଦିଲ୍ଲୀ, ୨୫।୪:** ମିଶନ ଗଗନାୟନ ଆରମ୍ଭ ହେବା ପରେ ଏହାସହ ଯୋଗାଯୋଗ ରଖିବାକୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ଏକ ସ୍ୱତନ୍ତ୍ର ଉପଗ୍ରହ ପ୍ରେରଣ କରିବ। ଗଗନାୟନ ଅଭିଯାନ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ ଏହି ସାଟେଲାଇଟ ଉତ୍‌କ୍ଷେପଣ କରାଯିବ, ଯାହା କି ମହାକାଶଚାରୀଙ୍କୁ ଲୋୟର ଆର୍ଥ ଅର୍ବିଟକୁ ପଠାଇବ। ମାନବରହିତ ମିଶନର ପ୍ରଥମ ଚରଣ ଡିସେମ୍ବରରେ ଆରମ୍ଭ ହେବ। ପ୍ରଥମ ହ୍ୟୁମାନ ସ୍ପେସ୍ ଫ୍ଲାଇଟ୍‌କୁ ଟ୍ରାକ୍ କରିବାକୁ ନିଜସ୍ୱ ସାଟେଲାଇଟ୍ ପ୍ରେରଣ କରାଯିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ମିଶନ ଗଗନାୟନ ଅଧୀନରେ ତିନୋଟି ସ୍ପେସ୍ ଫ୍ଲାଇଟ୍ କକ୍ଷପଥକୁ ପଠାଯିବ।

### ଟିକାର ପ୍ରକାର, ଦାମ୍ କୋୱିନ୍ ପୋର୍ଟାଲରେ ରହିବ

**ନୂଆଦିଲ୍ଲୀ, ୨୫।୪(ପି.ଟି.):** ମେ' ୧ରୁ ଦେଶରେ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହେଉଥିବାବେଳେ ୧୮ରୁ ୪୪ ବର୍ଷ ବୟସର ଲୋକେ ଘରୋଇ କୋଭିଡ୍ ଟିକା କେନ୍ଦ୍ର (ସିଭିସି)ରେ ଟଙ୍କା ଦେଇ ଟିକା ନେଇପାରିବେ। ଏଥିପାଇଁ କୋୱିନ୍ ପୋର୍ଟାଲରେ ଟିକାର ପ୍ରକାର ଏବଂ ଦାମ୍ ସମ୍ପର୍କରେ ଉଲ୍ଲେଖ କରିବାକୁ ପଡ଼ିବ, ଫଳରେ ପଞ୍ଜୀକରଣ ପୂର୍ବରୁ ଲୋକେ ନିଜ ପସନ୍ଦର ଟିକା ଚୟନ କରିପାରିବେ। ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରାଜ୍ୟଗୁଡ଼ିକୁ ପତ୍ର ଲେଖି ଜଣାଇଛନ୍ତି। ଆସନ୍ତା ୨୮ ତାରିଖରୁ କୋୱିନ ପୋର୍ଟାଲରେ ପଞ୍ଜୀକରଣ ଆରମ୍ଭ ହେବ। ସାବାଳକ ଟିକା ନେବାକୁ ହେଲେ ପଞ୍ଜୀକରଣକୁ ବାଧତାମୂଳକ କରାଯାଇଛି।

## ସାଇକେଲରେ ଗଲେ ବର



କରୋନା କଟକଣା ମାନି ନିରାଡମ୍ବର ଭାବେ ବିବାହ କରି ଚର୍ଚ୍ଚାକୁ ଆସିଛନ୍ତି ଉତ୍ତରପ୍ରଦେଶ ପ୍ରତାପଗଡ଼ ଜିଲାର ବିନୟ କୁମାର। ମାସ୍କ ପିନ୍ଧି ନିଜେ ସାଇକେଲ ଚଲାଇ ବିନୟ କନ୍ୟାଙ୍କ ଘରକୁ ଯାଇଥିଲେ। ସାଙ୍ଗରେ କେବଳ ୩/୪ ଜଣ ସାଙ୍ଗ ରହିଥିଲେ। କରୋନା ସଂକ୍ରମଣ ନ ବଢ଼ାଇବାକୁ ଏବଂ ଜାକଜମକରେ କାର୍, ବସ୍ ବ୍ୟବହାର କରି ପରିବେଶ ପ୍ରଦୂଷଣ ଓ ଖର୍ଚ୍ଚ ରୋକିବାକୁ ସେ ଏଭଳି ଢଙ୍ଗରେ ବାହା ହୋଇଥିବା କହିଛନ୍ତି। ଏହାଦ୍ୱାରା ସମାଜକୁ ଏକ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଏପରି କରିଥିବା ବିନୟ କହିଛନ୍ତି। ବିନୟଙ୍କ ଏଭଳି କାମକୁ ବିପୁଳ ପ୍ରଶଂସା ମିଳିବାରେ ଲାଗିଛି।

## ଭୋଟ ଦେବେନି ବାବୁଲ ସୁପ୍ରିଓ



କେନ୍ଦ୍ରମନ୍ତ୍ରୀ ତଥା ପଶ୍ଚିମବଙ୍ଗର ଆସାନସୋଲରୁ ଭାଜପା ପ୍ରାର୍ଥୀ ବାବୁଲ ସୁପ୍ରିଓ ପୁଣି କରୋନାରେ ସଂକ୍ରମିତ ହୋଇଛନ୍ତି। ତାଙ୍କ ସହ ସ୍ତ୍ରୀଙ୍କ କୋଭିଡ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଥିବା ସେ ରବିବାର ଟୁଇଟ୍ କରିଛନ୍ତି। ନିଜକୁ ଆଇସୋଲେସନରେ ରଖିଥିବାରୁ ୨୬ ତାରିଖରେ ଆସାନସୋଲରେ ସେ ଭୋଟ ଦେଇପାରିବେନି ବୋଲି କହିଛନ୍ତି। ନିରପେକ୍ଷ ମତଦାନ ପାଇଁ ତାଙ୍କ ଉପସ୍ଥିତି ଜରୁରୀ ଥିଲା। ତେବେ ଘରେ ରହି ସେ ତାଙ୍କ କାମ କରିବେ ବୋଲି କହିଛନ୍ତି।

**କରୋନାର ଭୟାବହ ସ୍ଥିତି**

# ପ୍ରତି ମିନିଟରେ ୨୪୩ ସଂକ୍ରମିତ

**ନୂଆଦିଲ୍ଲୀ, ୨୫।୪**

ଭାରତରେ କରୋନା ସଙ୍କଟ ଦିନକୁ ଦିନ ଭୟଙ୍କର ରୂପ ନେବାରେ ଲାଗିଛି। କିଛିଦିନ ହେଲା ଦୈନିକ ସଂକ୍ରମଣ ୩ ଲକ୍ଷ ଉପରେ ରହିଥିବାବେଳେ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିଚାଲିଛି। ସୁନାମି ଭଳି ମାଡ଼ିଚାଲିଛି କରୋନା। ପ୍ରତି ମିନିଟରେ ୨୪୩ ଜଣ ସଂକ୍ରମିତ ହେଉଥିବା ଏକ ହିସାବରୁ ଜଣାପଡ଼ିଛି। ଏଭଳି ସମୟରେ ଅନେକ ରାଜ୍ୟ ଅକ୍ସିଜେନ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ସମସ୍ତଙ୍କୁ ଟିକା ଦେବା ପାଇଁ ପର୍ଯ୍ୟାପ୍ତ ଟିକା ମଧ୍ୟ ଉପଲବ୍ଧ ହେଉନାହିଁ।

ରବିବାର ୩.୪୯ ଲକ୍ଷ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୪ ଦିନ ହେଲା କ୍ରମାଗତ ଭାବେ ଦୈନିକ ୩ ଲକ୍ଷରୁ ଊର୍ଦ୍ଧ୍ୱ ପଜିଟିଭ୍ ଚିହ୍ନଟ ହେବାରେ ଭାରତ ବିଶ୍ୱରେ ପ୍ରଥମ ଦେଶ। ରବିବାର ସକାଳ ସୁଦ୍ଧା ୨୪ ଘଣ୍ଟାରେ ୨,୭୬୭ ଜଣଙ୍କର କରୋନାରେ ଜୀବନ ଯାଇଛି। ଏପ୍ରିଲ ୫ରେ ଦେଶରେ ଦୈନିକ ସଂକ୍ରମଣ ୧ ଲକ୍ଷ ଟପିଥିଲା। ଏପ୍ରିଲ ୧୪ରେ ଦୁଇଲକ୍ଷ ଏବଂ ୨୦ରେ ୩ ଲକ୍ଷ ଟପିଥିଲା ଦୈନିକ ପଜିଟିଭ୍ ସଂଖ୍ୟା। ଗତବର୍ଷ ସେପ୍ଟେମ୍ବରରେ ସଂକ୍ରମଣର ପ୍ରଥମ ଲହର ଶୀର୍ଷ ଛୁଇଁଥିଲା। ତେବେ ସେତେବେଳେ ଦୈନିକ ସଂକ୍ରମଣ ୧ ଲକ୍ଷ ଟପି ନ ଥିଲା। ପ୍ରଥମ ଲହରରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦ ଲକ୍ଷ ହେବା ପାଇଁ ୬୫ଦିନ ଲାଗିଥିଲା। ସେପ୍ଟେମ୍ବରରେ ୧୦ ଲକ୍ଷ ନୂଆ ମାମଲା ପାଇଁ ୧୧ ଦିନ ଲାଗିଥିଲା। ଏବେ ମାତ୍ର ୩ ଦିନରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଛନ୍ତି।

ଦେଶରେ ସକ୍ରିୟ ମାମଲା ସଂଖ୍ୟା ଫେବୃୟାରୀ ମଧ୍ୟଭାଗ ବେଳକୁ ହ୍ରାସ ପାଇ ୧.୩ ଲକ୍ଷରେ ପହଞ୍ଚିଥିଲା। ଏବେ ଏହି ସଂଖ୍ୟା ୨୬ ଲକ୍ଷ ଅତିକ୍ରମ କରିଛି। ଅର୍ଥାତ୍ ମାତ୍ର ଦୁଇମାସ ମଧ୍ୟରେ ସକ୍ରିୟ ମାମଲା ସଂଖ୍ୟା ପାଖାପାଖି ୧୫ଗୁଣ ବୃଦ୍ଧି ପାଇଛି।



ନୂଆଦିଲ୍ଲୀର ବଦରପୁରଠାରେ ଅକ୍ସିଜେନ ସିଲିଣ୍ଡର ରିଫିଲିଂ ପାଇଁ କରୋନା ରୋଗୀଙ୍କ ଜଣେ ସମ୍ପର୍କୀୟ ଅପେକ୍ଷା କରିଛନ୍ତି।

## ଦିଲ୍ଲୀରେ ସପ୍ତାହେ ବଢ଼ିଲା ଲକ୍‌ଡାଉନ

ରାଜଧାନୀ ଦିଲ୍ଲୀରେ ସଂକ୍ରମଣ ଦ୍ରୁତ ବେଗରେ ବଢ଼ିଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଲକ୍‌ଡାଉନ୍‌କୁ ଆଉ ଏକ ସପ୍ତାହ ବୃଦ୍ଧି କରିଛନ୍ତି। ଲକ୍‌ଡାଉନ ବଢ଼ାଇବା ପାଇଁ ଜନସାଧାରଣ ମତାମତ ଦେଇଥିଲେ ବୋଲି କେଜ୍‌ରିୱାଲ କହିଛନ୍ତି। କୋରିୟର ସେବା, ଇଲେକ୍ଟ୍ରିସିଆନ, ପ୍ଲମ୍ବର, ୱାଟର ପ୍ୟୁରିଫାୟର ମରାମତି କରୁଥିବା ଲୋକଙ୍କୁ ଯାତାୟାତ ପାଇଁ ଇ-ପାସ ଯୋଗାଇ ଦିଆଯିବ। ପିଲାମାନଙ୍କ ପାଇଁ ଥିବା ବହି ଦୋକାନ, ଇଲେକ୍ଟ୍ରି ଫ୍ୟାନ୍ ଦୋକାନକୁ ଲକ୍‌ଡାଉନରୁ ବାଦ୍ ଦିଆଯିବ ବୋଲି କେଜ୍‌ରିୱାଲ କହିଛନ୍ତି। ଗୁରୁବାର ଦିଲ୍ଲୀରେ ପଜିଟିଭ୍ ହାର ସର୍ବାଧିକ ୩୬.୨୪ ପ୍ରତିଶତ ଥିଲା। ଶନିବାର ସନ୍ଧ୍ୟାରେ ଏହା ୩୨.୨୭ ପ୍ରତିଶତକୁ ହ୍ରାସ ପାଇଛି। କରୋନା ଜନିତ ଦୈନିକ ମୃତ୍ୟୁସଂଖ୍ୟା ସର୍ବାଧିକ ୩୫୭ରେ ପହଞ୍ଚିଛି। କେତେକ ହସ୍ପିଟାଲକୁ ଅକ୍ସିଜେନ ଯୋଗାଇବାରେ ସରକାର ବିଫଳ ହୋଇଥିବାବେଳେ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସହାୟତାର ହାତ ବଢ଼ାଇଲେ ଆମେରିକା, ୟୁରୋପ, ବ୍ରିଟେନ, କାନାଡା

**ନୂଆଦିଲ୍ଲୀ, ୨୫।୪**

ଭାରତରେ କରୋନାର ଭୟଙ୍କର ସ୍ଥିତି ବେଳେ ସହାୟତା ଯୋଗାଇଦେବାକୁ ଆମେରିକା, ୟୁରୋପୀୟ ୟୁନିୟନ, ଇସ୍ରାଏଲ୍, ଜର୍ମାନୀ, କାନାଡା ପ୍ରଭୃତି ଦେଶ ଆଗେଇ ଆସିଛନ୍ତି। ମାର୍ଚ୍ଚ ଆରମ୍ଭରୁ ଭାରତରେ ସଂକ୍ରମଣ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଚାଲିଥିବାବେଳେ ଏବେ ଦୈନିକ ସଂକ୍ରମଣ ୩.୫ ଲକ୍ଷରେ ପହଞ୍ଚିଛି। ଏଭଳି ସ୍ଥିତିରେ ମହାମାରୀ ବିରୋଧୀ ଲଢ଼େଇରେ ସହାୟତା ପାଇଁ ୟୁରୋପ ସଂଘ, ଇସ୍ରାଏଲ୍ ଏବଂ ଜର୍ମାନୀ ରବିବାର ପ୍ରତିଶ୍ରୁତି ଦେଇଛନ୍ତି। ବ୍ରିଟେନ ଭାରତକୁ ୪୯୫ ଅକ୍ସିଜେନ ସେଣ୍ଟ୍ରେଟର, ୧୨୦ ନନ୍-ଇନ୍‌ଭାସିଭ୍ ଭେଣ୍ଟିଲେଟର ଏବଂ ୨୦ ମାନୁଆଲ ଭେଣ୍ଟିଲେଟର ଯୋଗାଇ ଦେଇଛି। ସେଗୁଡ଼ିକ ୯ଟି ଜାହାଜରେ ଆସୁଥିବା ବ୍ରିଟେନ ସରକାର ରବିବାର ସୂଚନା ଦେଇଛନ୍ତି। କରୋନା ବିପତ୍ତି ବେଳେ ଆମେ ବନ୍ଧୁ ଓ ସହଯୋଗୀ ଭାବେ ଭାରତ ସହ ଛିଡ଼ାହୋଇଛୁ ବୋଲି ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ କହିଛନ୍ତି। ସେହିପରି କାନାଡା ମଧ୍ୟ ଯଥାସମ୍ଭବ ସହାୟତା ଯୋଗାଇଦେବା ଲାଗି ଆଗ୍ରହ ପ୍ରକାଶ କରିଛି। ଭାରତକୁ ପିପିଇ କିଟ୍, ଭେଣ୍ଟିଲେଟର ଓ ଅନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଇବା ପାଇଁ ପ୍ରସ୍ତୁତ ବୋଲି କାନାଡା ଜନସେବା ମନ୍ତ୍ରୀ ଅନିତା ଆନନ୍ଦ କହିଛନ୍ତି।

'ପ୍ରଥମେ ଆମେରିକୀୟ' ବୋଲି କହି ବାଇଡେନ୍ ପ୍ରଶାସନ ଭାରତକୁ ଟିକା ପ୍ରସ୍ତୁତିରେ ସହାୟତା କରିବାକୁ ମନା କରିଦେଇଥିଲା। ତେବେ ବିଭିନ୍ନ ମହଲରୁ ସମାଲୋଚିତ ହେବା ପରେ ଆମେରିକା ସରକାର ଭାରତକୁ ସହାୟତା ଯୋଗାଇଦେବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି ପାକିସ୍ତାନ ଓ ଚାଇନା ମଧ୍ୟ ଭାରତକୁ ସହାୟତା କରିବା ଲାଗି ପ୍ରସ୍ତୁତ ଥିବା କହିଛନ୍ତି।



କାନପୁରର ଭୈରବ ଘାଟ ଶ୍ମଶାନରେ ମୃତ କରୋନା ରୋଗୀଙ୍କ ସମୂହ ଦାହ କରାଯାଉଛି।



ଚେନ୍ନାଇ ସହରରେ ରବିବାର ଲକ୍‌ଡାଉନବେଳେ ଶୁନ୍‌ଶାନ ରାସ୍ତାଘାଟ।

## ନିଖୋଜ ବୁଡ଼ାଜାହାଜ ବୁଡ଼ିଥିବା ଘୋଷଣା କଲା ଇଣ୍ଡୋନେସିଆ

**ଜାକର୍ତ୍ତା, ୨୫।୪**

ଇଣ୍ଡୋନେସିଆ ବୁଡ଼ାଜାହାଜ କେଆର୍‌ଆଇ ନଙ୍ଗାଲା ୪୦୨ ବୁଧବାରଠାରୁ ନିଖୋଜ ଥିଲା। ଫାଟ ସୃଷ୍ଟି ହେବାରୁ ସବ୍‌ମେରାଇନ୍‌ଟି ବୁଡ଼ିଯାଇଥିବା ନୌବାହିନୀ ପକ୍ଷରୁ ଘୋଷଣା କରାଯାଇଛି। ସେଥିରେ ଥିବା ସମସ୍ତ ୫୩ ଜଣ ମୃତ ବୋଲି ମଧ୍ୟ ଘୋଷଣା କରାଯାଇଛି। ବାଲି ଦ୍ୱୀପ ନିକଟରେ ବୁଡ଼ାଜାହାଜ ଯେଉଁଠି ନିଖୋଜ ହୋଇଥିଲା ସେଠାରେ ତେଲ ଭାସିବା ସହ ଭଗ୍ନାବଶେଷ ମିଳିଛି। ବୁଡ଼ାଜାହାଜଟି ବୁଡ଼ିଯାଇଥିବାର ସ୍ପଷ୍ଟ ପ୍ରମାଣ ମିଳୁଛି ବୋଲି ସେନା ମୁଖ୍ୟ ହାଡି ଜାହଜାଣ୍ଟୋ କହିଛନ୍ତି। ବୁଡ଼ାଜାହାଜରେ ବିସ୍ଫୋରଣ ହୋଇ ନ ଥିବା ନୌସେନା ମୁଖ୍ୟ ୟୁଡୋ ମାର୍ଗୋନୋ କହିଛନ୍ତି।

## ଆଜି ସପ୍ତମ ପର୍ଯ୍ୟାୟ ନିର୍ବାଚନ

**କୋଲକାତା, ୨୫।୪**

**ପଶ୍ଚିମବଙ୍ଗରେ ୭,୨୮,୦୬୧ ସଂକ୍ରମିତ**

ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଇଥିବା ପଶ୍ଚିମବଙ୍ଗରେ ସୋମବାର ସପ୍ତମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୩୪ ଆସନ ପାଇଁ ୨୮୪ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ପୂର୍ବ ପର୍ଯ୍ୟାୟରେ ହିଂସାକାଣ୍ଡ ଘଟିଥିବାରୁ ଏଥର ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମତଦାନକୁ ଶାନ୍ତିଶୃଙ୍ଖଳାର ସହ କରିବା ଲାଗି ନିର୍ବାଚନ କମିଶନ ଏହି ପର୍ଯ୍ୟାୟରେ ୭୯୬ କମ୍ପାନୀ କେନ୍ଦ୍ରୀୟ ବଳ ନିୟୋଜିତ କରିଛନ୍ତି। ମୁର୍ଶିଦାବାଦ, ପଶ୍ଚିମ ବର୍ଦ୍ଧମାନ, ଦକ୍ଷିଣ ଦିନାଜପୁର, ମାଲଦା ଏବଂ କୋଲକାତାର ମୋଟ ୧୨,୦୬୮ ଭୋଟଗ୍ରହଣ କେନ୍ଦ୍ରରେ ମତଦାନ ହେବ। ତେବେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ବାଚନମଣ୍ଡଳୀ ଭବାନିପୁର ଉପରେ ସମସ୍ତଙ୍କର ନଜର ରହିବ। ଟିଏମ୍‌ସି ସୁପ୍ରିମୋ ଏବେ ଭବାନିପୁରରୁ ବିଧାୟକ ଅଛନ୍ତି। ଏଥର ସେ ନନ୍ଦିଗ୍ରାମ ଆସନରୁ ନିର୍ବାଚନ ଲଢ଼ିଛନ୍ତି। ପଶ୍ଚିମବଙ୍ଗରେ ଶନିବାର ଗୋଟିଏ ଦିନରେ ୧୪,୨୮୧ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏହାକୁ ମିଶାଇ ସେଠାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭,୨୮,୦୬୧ରେ ପହଞ୍ଚିଛି। ସେହିପରି ଶନିବାର ୫୯ ଜଣଙ୍କ ମୃତ୍ୟୁ ସହ କରୋନା ଜନିତ ମୋଟ ମୃତ୍ୟୁସଂଖ୍ୟା ୧୦,୮୮୪ ହୋଇଛି।

## ଟିକାକୁ ନେଇ ରାଜନୀତି କରୁଛି କେନ୍ଦ୍ର

**ନୂଆଦିଲ୍ଲୀ, ୨୫।୪(ଆଇଏଏନ୍ଏସ୍)**




**କଂଗ୍ରେସ ଶାସିତ ରାଜ୍ୟର ଅଭିଯୋଗ**

ମେ' ମାସରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଟିକା ଦେବା ପାଇଁ ନିଷ୍ପତ୍ତି ହୋଇଥିବାବେଳେ କେନ୍ଦ୍ର ସରକାର ଟିକାକୁ ନେଇ ରାଜନୀତି କରୁଥିବା ୪ କଂଗ୍ରେସ ଶାସିତ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ରବିବାର ଅଭିଯୋଗ କରିଛନ୍ତି। ଟିକା ଦାମ୍ ସମସ୍ତଙ୍କ ପାଇଁ ସମାନ ହେବା ଆବଶ୍ୟକ ବୋଲି ଛତିଶଗଡ଼ ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ୍. ସିଂଦେଓ, ରାଜସ୍ଥାନର ରଘୁ ଶର୍ମା, ଝାଡ଼ଖଣ୍ଡର ବନ୍ନା ଗୁପ୍ତା ଏବଂ ପଞ୍ଜାବ ସ୍ୱାସ୍ଥ୍ୟମନ୍ତ୍ରୀ ବଲ୍‌ବୀର ସିଂ ସିଦ୍ଧୁ ଏକ ମିଳିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେହିପରି ସଂକ୍ରମଣକୁ ଦେଖି ରାଜ୍ୟଗୁଡ଼ିକୁ ଔଷଧ ଓ ଅକ୍ସିଜେନ ଯୋଗାଇ ଦିଆଯିବା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି।

ଟିକା ନ ଯୋଗାଇଲେ ଟିକାକରଣ କିପରି ହେବ ବୋଲି ଛତିଶଗଡ଼ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି। କୋଭିଶିଲ୍ଡ ପାଇଁ କେନ୍ଦ୍ର ରଖିଥିବା ଅର୍ଡରକୁ ପୂରଣ କରିବାକୁ ମେ' ୧୫ ପର୍ଯ୍ୟନ୍ତ ସମୟ ଲାଗିବ। ଏହା ପୂର୍ବରୁ ରାଜସ୍ଥାନକୁ ଟିକା ଯୋଗାଇବା ସମ୍ଭବ ନୁହେଁ ବୋଲି ସିରମ୍ ଇନ୍‌ଷ୍ଟିଚ୍ୟୁଟ କହିଥିବା ଶର୍ମା ସୂଚନା ଦେଇଛନ୍ତି। ସେହିପରି ଛତିଶଗଡ଼ ପାଇଁ କେନ୍ଦ୍ର ସରକାର ୪ଟି ଅକ୍ସିଜେନ୍ ପ୍ଲାଣ୍ଟ ମଞ୍ଜୁର କରିଥିଲେ ହେଁ ସେଥିରୁ ୩ଟିର ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇ ନ ଥିବା ସିଂଦେଓ କହିଥିଲେ।

# ଗୁଜବରେ ପ୍ରଭାବିତ ହୁଅ ନାହିଁ

**ନୂଆଦିଲ୍ଲୀ, ୨୫।୪(ପି.ଟି.)**

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**



**ଦୋହଲାଇ ଦେଇଛି ଦ୍ୱିତୀୟ ଲହର**

କରୋନା ତୋଫାନ ସାରା ଦେଶକୁ ଦୋହଲାଇ ଦେଇଛି। ଏହି ମହାମାରୀ ଲୋକଙ୍କ ଧୈର୍ଯ୍ୟ ଏବଂ ସେମାନଙ୍କ ଯନ୍ତ୍ରଣା ସହିବା ଶକ୍ତିର ପରୀକ୍ଷା ନେଉଛି। ତେବେ ସଂକ୍ରମଣର ପ୍ରଥମ ଲହରକୁ ସଫଳତାର ସହ ମୁକାବିଲା କରିବା ପରେ ଦେଶର ଆତ୍ମବିଶ୍ୱାସ ବଢ଼ିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍ ଅବସରରେ ମୋଦି ଡାକ୍ତର, ନର୍ସ ଓ ଆଗଧାଡ଼ିର କର୍ମୀମାନଙ୍କ ସହ କଥା ହୋଇ ରୋଗ ସମ୍ପର୍କରେ ସେମାନଙ୍କ ଅଭିଜ୍ଞତା ଓ ମତାମତ ବୁଝିଥିଲେ। ଦେଶବାସୀ ଖୁବ୍‌ଶୀଘ୍ର ଏହି ସଙ୍କଟରୁ ମୁକ୍ତ ହେବା ନେଇ ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ୩୦ ମିନିଟର ଭାଷଣରେ ମୋଦି କେବଳ ମହାମାରୀ ଉପରେ ଆଲୋଚନା କରିଥିଲେ। ମହାମାରୀକୁ ପରାଜିତ କରିବା ସବୁଠୁ ବଡ଼ ପ୍ରାଥମିକତା ବୋଲି ସେ କହିଥିଲେ।

ଗୁଜବରେ ପ୍ରଭାବିତ ନ ହୋଇ ସମସ୍ତେ ଟିକା ନେବା ପାଇଁ ସେ ଅନୁରୋଧ କରିଥିଲେ। ୪୫ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ମାଗଣାରେ ଟିକାଦାନ ଜାରି ରହିବ। ମହାମାରୀ ବିରୋଧୀ ଲଢ଼େଇ ଜିତିବା ଲାଗି ବିଶେଷଜ୍ଞ ଏବଂ ବୈଜ୍ଞାନିକମାନଙ୍କ ପରାମର୍ଶକୁ ଆମେ ପ୍ରାଥମିକତା ଦେଉଛୁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

କରୋନା ସମ୍ପର୍କିତ ସୂଚନା କେବଳ ଠିକ୍ ସୂତ୍ରରୁ ସଂଗ୍ରହ କରିବା ପାଇଁ ଏବଂ ମିଛ ଖବରରେ ପ୍ରଭାବିତ ନ ହେବା ପାଇଁ ମୋଦି ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଠିକ୍ ତଥ୍ୟ ପାଇଁ ଜଣେ ନିଜ ପରିବାରର ଡାକ୍ତର କିମ୍ବା ପାଖରେ ରହୁଥିବା ଡାକ୍ତରଙ୍କ ସହ ଫୋନ୍‌ରେ ପରାମର୍ଶ କରିପାରିବେ। କେତେକ ଡାକ୍ତର ସୋସିଆଲ ମିଡିଆ ଜରିଆରେ ଲୋକଙ୍କୁ ସୂଚନା ପ୍ରଦାନ କରୁଛନ୍ତି। ସେମାନେ ଫୋନ୍ ଓ ହ୍ୱାଟ୍ସଆପ୍ ଜରିଆରେ ଲୋକଙ୍କୁ ପରାମର୍ଶ ଦେଉଛନ୍ତି। ଅନେକ ହସ୍ପିଟାଲ ୱେବ୍‌ସାଇଟରେ ସୂଚନା ଉପଲବ୍ଧ ହେଉଛି। ମହାମାରୀ ବିରୋଧୀ ଲଢ଼େଇରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଯଥାସାଧ୍ୟ ସହାୟତା ଯୋଗାଇ ଦେଉଥିବା ପ୍ରଧାନମନ୍ତ୍ରୀ କହିଥିଲେ। ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ ସପ୍ତାହେ ହେଲା ଅକ୍ସିଜେନ ଅଭାବ ଦେଖାଦେଇଛି। ଅକ୍ସିଜେନ ଅଭାବରୁ କରୋନା ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବାବେଳେ ଶନିବାର ୩୧ ରୋଗୀଙ୍କର ମୃତ୍ୟୁ ଘଟିଥିଲା। ଅକ୍ସିଜେନ୍ ଯୋଗାଣକୁ ନେଇ ଦିଲ୍ଲୀ ସରକାର ଓ କେତେକ ହସ୍ପିଟାଲ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମହାମାରୀ ସମୟରେ ନାଗରିକମାନେ ସହାୟତା ଯୋଗାଇବା ପାଇଁ ଆଗେଇ ଆସିଥିବାରୁ ପ୍ରଧାନମନ୍ତ୍ରୀ ସେମାନଙ୍କୁ ପ୍ରଶଂସା କରିଥିଲେ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୪,୭୫,୬୦,୭୮୩ | ୩୧,୧୮,୪୫୨ | ୧୨,୫୧,୧୧,୮୫୧ |
| ଭାରତ | ୧,୭୨,୪୨,୯୧୯ | ୧,୯୪,୩୦୩ | ୧,୪୨,୪୬,୧୯୨ |
| ଓଡ଼ିଶା | ୪,୦୭,୪୫୭ | ୧୯୮୮(+୫୩) | ୩,୬୨,୯୩୧ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ୧୭ ଓଏଏସ୍ ଅଫିସରଙ୍କୁ ୫ ଜିଲାର କୋଭିଡ୍ ଦାୟିତ୍ୱ

**ଭୁବନେଶ୍ୱର, ୨୫।୪(ବ୍ୟୁରୋ):** କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ୧୭ ଓଏଏସ୍ ଅଧିକାରୀଙ୍କୁ ରାଜ୍ୟ ସରକାର ରବିବାର ପଶ୍ଚିମ ଓଡ଼ିଶାର ୫ଟି ଜିଲାର କୋଭିଡ ସ୍ଥିତି ରକ୍ଷା କରିବାର ଦାୟିତ୍ୱ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ଓଏଏସ୍ ଅଧିକାରୀମାନେ ସମ୍ପୃକ୍ତ ଜିଲା ପ୍ରଶାସନ ଅଧୀନରେ କାର୍ଯ୍ୟ କରିବେ। ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ନୂଆପଡ଼ା ଜିଲା ପାଇଁ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ୍ ପ୍ରଧାନ, ଚିତ୍ରସେନ୍ ପଶାୟତ, ନୃପରାଜ ସାହୁ, ହେମନ୍ତ କୁମାର ସିଂହ ଏବଂ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳାଇଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ବଲାଙ୍ଗୀର ଜିଲା ଲାଗି ଦୀପକ ରଞ୍ଜନ ଦାସ, ରଶ୍ମୀରଞ୍ଜନ ନାୟକ ଏବଂ ଶ୍ୱେତ କୁମାର ଦାସଙ୍କୁ ନିଯୁକ୍ତ ମିଳିଛି। ଏହାସହ ବରଗଡ଼ ଜିଲା ପାଇଁ ମହେଶ୍ୱର ପାଣିଗ୍ରାହୀ, ଶୁଭାଶିଷ ମାନସିଂ ଏବଂ ମନ୍ଦରଧର ମହାଲିକଙ୍କୁ ନିଯୁକ୍ତି ମିଳିଛି। ବିଶିକେଶନ ଦେହୁରୀ ଏବଂ ବୈତୁର ଦୀପଙ୍କୁ ସମ୍ବଲପୁର ଦାୟିତ୍ୱ ମିଳିଛି। ସୁନ୍ଦରଗଡ଼ ଜିଲା ପାଇଁ ଦୁର୍ଗାପ୍ରସାଦ ମହାପାତ୍ର, ଅଯୋଧ୍ୟାକାନ୍ତ ଶତପଥୀର, ତ୍ରିଲୋଚନ ମହାନ୍ତି ଏବଂ ମଧୁସୂଦନ ବେହେରାଙ୍କୁ ସରକାର ନିୟୋଜିତ କରିଛନ୍ତି। ସମ୍ପୃକ୍ତ ଜିଲାଗୁଡ଼ିକର ଜିଲାପାଳଙ୍କୁ ଏହି ଓଏଏସ୍ ଅଧିକାରୀମାନେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସଙ୍କଟବେଳର ସଖା

### କରୋନା ଆକ୍ରାନ୍ତଙ୍କୁ ଅକ୍ସିଜେନ ଯୋଗାଉଛନ୍ତି ସତ୍‌ବୀର୍

**ଭୁବନେଶ୍ୱର, ୨୫।୪ (ବ୍ୟୁରୋ)**

କରୋନା ମହାମାରୀର ଭୟ ଓ ଆତଙ୍କ ଭିତରେ ବର୍ତ୍ତମାନ ଅକ୍ସିଜେନ ଅଭାବ ଦେଶରେ ବଡ଼ ସଂକଟ ସୃଷ୍ଟି କରିଛି। ଦିଲ୍ଲୀ, ମହାରାଷ୍ଟ୍ର ଆଦି ରାଜ୍ୟରେ ଅକ୍ସିଜେନ ଅଭାବରୁ ଶହଶହ ରୋଗୀ ଆଖିବୁଜିଛନ୍ତି। ଓଡ଼ିଶାରେ ପର୍ଯ୍ୟାପ୍ତ ଅକ୍ସିଜେନ୍ ମହଜୁଦ ଥିବା ସରକାର କହୁଥିଲେ ମଧ୍ୟ ଅନେକ ସ୍ଥାନରେ ଏଥିପାଇଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଅକ୍ସିଜେନ ଆବଶ୍ୟକ କରୁଥିବା କରୋନା ଆକ୍ରାନ୍ତଙ୍କୁ ଠିକ୍ ସମୟରେ ମିଳିପାରୁ ନ ଥିବାରୁ ତାଙ୍କ ଜୀବନ ବିପଦମୁହଁକୁ ଠେଲି ହୋଇଯାଉଛି। ବିଶେଷକରି ଘରେ ସଙ୍ଗରୋଧରେ ରହୁଥିବା ଆକ୍ରାନ୍ତଙ୍କୁ ଅକ୍ସିଜେନ ମିଳିବା କଷ୍ଟକର ହେଉଛି। ଏଭଳି ସଂକଟ ସମୟରେ ଏମାନଙ୍କ ସଖା ସାଜିଛନ୍ତି ଭୁବନେଶ୍ୱରର ସତ୍‌ବୀର ସିଂ।

ସତ୍‌ବୀର ଜଣେ ବ୍ୟବସାୟୀ ହୋଇଥିବାବେଳେ ଏବେ କରୋନା ଆକ୍ରାନ୍ତ ପାଇଁ ନିଜକୁ ସମର୍ପି ଦେଇଛନ୍ତି। ଏଥିପାଇଁ ସେ 'ଶିଖ୍‌ଏଡ୍' ନାମକ ଏକ ଅନୁଷ୍ଠାନ ଗଢ଼ି ଅକ୍ସିଜେନ ପହଞ୍ଚାଇବା ସହ ଅନ୍ୟାନ୍ୟ ସେବାକାର୍ଯ୍ୟରେ ଲାଗିପଡ଼ିଛନ୍ତି। ତାଙ୍କ କହିବାନୁସାରେ, ଗତବର୍ଷ ସେ ଓ ପରିବାରର ଅନ୍ୟ ୧୦ଜଣ ସଦସ୍ୟ କରୋନାରେ ଆକ୍ରାନ୍ତ ହୋଇଥିଲେ। ଗୃହ ସଙ୍ଗରୋଧରେ ଥିବା ସମୟରେ ଅକ୍ସିଜେନ୍ ଆବଶ୍ୟକତା ପଡିଥିଲା। କରୋନା ସଂକ୍ରମିତ ହୋଇଥିବାରୁ ସାହାଯ୍ୟ କରିବା ତ ଦୂରର କଥା କେହି ପାଖ ମଧ୍ୟ ମାଡି ନ ଥିଲେ। ବହୁତ କଷ୍ଟରେ ସତ୍‌ବୀର ୩ଟି ସିଲିଣ୍ଡର ଯୋଗାଡ କରିଥିଲେ। ମାତ୍ର ସମସ୍ତଙ୍କ ପାଇଁ ଏହା ପର୍ଯ୍ୟାପ୍ତ ନ ଥିଲା। ଅନ୍ୟ କେହି ଯେପରି ଏମିତି କଷ୍ଟ ନ ପାଉ ସେଥିପାଇଁ ଅଣ୍ଟା ଭିଡିଥିଲେ ସତ୍‌ବୀର। କରୋନାରୁ ସୁସ୍ଥ ହେବା ପରେ ସେ ଏପରି ସ୍ଥିତିରେ ଥିବା ସଂକ୍ରମିତଙ୍କୁ ଅକ୍ସିଜେନ୍ ଯୋଗାଇ ଦେବାକୁ ମନସ୍ଥ କରିଥିଲେ। ୨୦୨୦ ଅଗଷ୍ଟରୁ ଏଯାଏ ୧୦୦ରୁ ଉର୍ଦ୍ଧ୍ୱ କରୋନା ସଂକ୍ରମିତଙ୍କୁ ସେ ଅକ୍ସିଜେନ୍ ସିଲିଣ୍ଡର ଯୋଗାଇ ସାରିଲେଣି। ଇତିମଧ୍ୟରେ ତାଙ୍କ ଅନୁଷ୍ଠାନର ସଦସ୍ୟଙ୍କ ସଂଖ୍ୟା ୨୦ରେ ପହଞ୍ଚିଛି। ସମସ୍ତଙ୍କ ସହଯୋଗରେ ସେ ଏବେ ଭୁବନେଶ୍ୱର ଓ କଟକରେ କାର୍ଯ୍ୟ କରୁଛନ୍ତି। ଦୁଇ ସହର ପାଇଁ ୪ଜଣ ଲେଖାଏ ସଦସ୍ୟ କରୋନା ସଂକ୍ରମିତଙ୍କ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ଭୁବନେଶ୍ୱର ପାଇଁ ୩୦ ଅକ୍ସିଜେନ୍ ସିଲିଣ୍ଡର ରହିଥିବାବେଳେ କଟକ ପାଇଁ ୧୦ ସିଲିଣ୍ଡର ମହଜୁଦ୍ ଅଛି। ପ୍ରତିଦିନ ଅକ୍ସିଜେନ୍ ସିଲିଣ୍ଡର ପାଇଁ ପିପିଲି, ପୁରୀ, ଢେଙ୍କାନାଳ ସମେତ ରାଜ୍ୟ ବାହାରୁ ୨ଶହରୁ ଉର୍ଦ୍ଧ୍ୱ ଫୋନ୍ କଲ ତାଙ୍କ ପାଖକୁ ଆସୁଥିଲେ ମଧ୍ୟ କେବଳ କଟକ ଓ ଭୁବନେଶ୍ୱରରେ ସେ କାର୍ଯ୍ୟ କରୁଛନ୍ତି। ଅନୁଷ୍ଠାନ ପକ୍ଷରୁ ଜାରି ହେଲ୍ପଲାଇନ ନମ୍ବର, ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍ ମାଧ୍ୟମରେ ଖବର ପାଇବା ପରେ ତୁରନ୍ତ ଆକ୍ରାନ୍ତଙ୍କ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବା ସହ ଅକ୍ସିଜେନ ଯୋଗାଇ ଦେଉଛନ୍ତି। ସଂକ୍ରମିତ ସୁସ୍ଥ ହେବାପରେ ଅନୁଷ୍ଠାନକୁ ଉକ୍ତ ସିଲିଣ୍ଡରକୁ ଫେରାଇ ଦେଇଥାନ୍ତି। ତାଙ୍କ ପାଖକୁ ଆସୁଥିବା ଶହଶହ କଲ୍‌ରୁ ଜଣାପଡୁଛି ରାଜ୍ୟରେ ଏବେ ବି ଆକ୍ରାନ୍ତ ପାଇଁ ଅକ୍ସିଜେନ ପାଇବା ବଡ଼ ସମସ୍ୟା ପାଲଟିଛି।



### ଗୃହ ସଙ୍ଗରୋଧ ଆକ୍ରାନ୍ତଙ୍କ ପାଇଁ ଅକ୍ସିଜେନର ଅଭାବ ରହିଛି


ସତ୍‌ବୀର ସିଂ

ଗୁରୁତର ନ ଥିଲେ କରୋନା ଆକ୍ରାନ୍ତଙ୍କ ଗୃହ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଉଛି। ଫଳରେ ଏବେ ଅଧିକାଂଶ କରୋନା ଆକ୍ରାନ୍ତ ଘରେ ରହୁଛନ୍ତି। ହେଲେ ଜଣେ ଆକ୍ରାନ୍ତ ସୁସ୍ଥ ଥିଲେ ମଧ୍ୟ ହଠାତ୍ ଶରୀରରୁ ଅକ୍ସିଜେନ ମାତ୍ରା କମିଯାଉଛି। ଜୀବନ ବଞ୍ଚାଇବାକୁ ତୁରନ୍ତ ଅକ୍ସିଜେନର ଆବଶ୍ୟକତା ପଡୁଥିଲେ ମଧ୍ୟ ମିଳିପାରୁନି। ସତ୍‌ବୀର କୁହନ୍ତି, ଓଡ଼ିଶାରେ ଅକ୍ସିଜେନ୍ ଗ୍ୟାସ୍‌ର ଅଭାବ ନାହିଁ ସତ, କିନ୍ତୁ ହୋମ୍ ଆଇସୋଲେଶନ୍‌ରେ ରହୁଥିବା ସଂକ୍ରମିତଙ୍କ ପାଇଁ ଅକ୍ସିଜେନ୍ ସିଲିଣ୍ଡରର ଅଭାବ ରହିଛି। ବହୁତ କଷ୍ଟରେ ମାର୍କେଟରେ ସିଲିଣ୍ଡର ମିଳୁଛି। ଗୋଟିଏ ସିଲିଣ୍ଡରକୁ ୧୨ରୁ ୧୩ହଜାର ଟଙ୍କା ପଡୁଛି। ବର୍ତ୍ତମାନ ସୁଦ୍ଧା କୌଣସି ଅନୁଷ୍ଠାନ କିମ୍ବା ରାଜନୈତିକ ଦଳ ସାହାଯ୍ୟ କରିବାକୁ ଆସି ନାହାନ୍ତି। କେବଳ ମୋ ଅନୁଷ୍ଠାନର ସଦସ୍ୟ ଓ କେତେଜଣ ବନ୍ଧୁଙ୍କ ସହାୟତାରେ ଏହି କାର୍ଯ୍ୟ ଚାଲିଛି। ଅଧିକ ସହଯୋଗ ମିଳିଲେ ଆଗାମୀ ଦିନରେ ରାଜ୍ୟର ଅନ୍ୟ ଅଞ୍ଚଳର ଆକ୍ରାନ୍ତଙ୍କୁ ଅକ୍ସିଜେନ ଯୋଗାଣର ବ୍ୟବସ୍ଥା ହେବ ବୋଲି ସେ କହିଛନ୍ତି।

# ରେଡ୍ ଜୋନ୍‌ରେ ଯାଜପୁର

### ରାଜ୍ୟରେ ଆଉ ୬,୧୧୬ ଆକ୍ରାନ୍ତ, ୭ ମୃତ

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

ରାଜ୍ୟରେ ଉତ୍କଟ ହେଲାଣି କରୋନାର ଦ୍ୱିତୀୟ ଲହର ସଂକ୍ରମଣ। ଆକ୍ରାନ୍ତଙ୍କଠାରୁ ଆରୋଗ୍ୟ ସଂଖ୍ୟା କମୁଥିବାରୁ ଏବେ ରାଜ୍ୟରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଗୋଟିଏ ପରେ ଗୋଟିଏ ଜିଲା ରେଡ୍ ଜୋନ୍ ଓ ୟେଲୋ ଜୋନ୍‌କୁ ଚାଲିଆସୁଛି। ପୂର୍ବରୁ ୧୧ ଜିଲା ରେଡ୍ ଜୋନ୍‌ରେ ଥିବାବେଳେ ଏବେ ୧୦୩୫ ସକ୍ରିୟ ସଂକ୍ରମିତଙ୍କ ସହ ଯାଜପୁର ଏହି ତାଲିକାରେ ସାମିଲ ହୋଇଛି। ତେବେ ସକ୍ରିୟ ରୋଗୀ ସଂଖ୍ୟା ଖୋର୍ଦ୍ଧା ଜିଲାରେ ସର୍ବାଧିକ ୭,୪୨୮ ଥିବାବେଳେ ସୁନ୍ଦରଗଡ଼ରେ ୫,୪୫୫ଜଣ ରହିଛନ୍ତି। ସେହିପରି ଏବେ ୮ ଜିଲା ୟେଲୋ ଜୋନ୍‌ରେ ରହିଛି।

ଅନ୍ୟପକ୍ଷରେ ରାଜ୍ୟରେ ଏବେ କିଛିଦିନ ହେବ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୬ହଜାର ଉପରେ ରହୁଛି। ଗତ ୨୪ ଘଣ୍ଟାରେ ୬,୧୧୬ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୮୭୫ଜଣ ରହିଛନ୍ତି। ଏହା ତଳକୁ ସୁନ୍ଦରଗଡ଼ରୁ ୭୮୫, ନୂଆପଡ଼ା ୪୩୦, କଟକ ୩୪୩, ଯାଜପୁର ୩୨୪, କଳାହାଣ୍ଡି ୩୨୧, ନବରଙ୍ଗପୁର ୩୧୮, ସମ୍ବଲପୁର ୨୮୦, ବରଗଡ଼ ୨୬୨, ଝାରସୁଗୁଡ଼ା ୨୫୪, ବଲାଙ୍ଗୀର ୧୮୯, ପୁରୀ ୧୮୦, ମୟୂରଭଞ୍ଜ ୧୫୮, ଅନୁଗୋଳ ୧୫୧, ଗଞ୍ଜାମ ୧୩୪, କେନ୍ଦୁଝର ୧୧୮ ଓ ବାଲେଶ୍ୱରରୁ ୧୦୨ଜଣ ଆକ୍ରାନ୍ତ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୪,୦୭,୪୫୭ରେ ପହଞ୍ଚିଛି। ସେହିପରି କରୋନାରେ ଆଉ ୭ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ରାୟଗଡ଼ାରେ ୨ଜଣ ଥିବାବେଳେ ଭୁବନେଶ୍ୱର(ଖୋର୍ଦ୍ଧା), ଗଞ୍ଜାମ, କଳାହାଣ୍ଡି, ପୁରୀ ଓ ସୁନ୍ଦରଗଡ଼ରେ ଜଣେ ଲେଖାଏ ରହିଛନ୍ତି। ଫଳରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୯୮୮କୁ ଛୁଇଁଛି।

# 'ଜୁନ୍ ୧୪ରୁ ମାଟ୍ରିକ ପରୀକ୍ଷା ଖବର ମିଥ୍ୟା'

### ମନ୍ତ୍ରୀଙ୍କ ନାଁରେ ଫେକ୍ ଟୁଇଟର ଆକାଉଣ୍ଟ ଖୋଲି ଭାଇରାଲ କରାଯାଇଥିଲା

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

ଜୁନ ୧୪ରେ ମାଟ୍ରିକ ପରୀକ୍ଷା ହେବା ନେଇ ପ୍ରଚାରିତ ଖବର ମିଥ୍ୟା ବୋଲି ସ୍ପଷ୍ଟ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାକୁ ବାତିଲ କରାଯାଇଛି। ମାତ୍ର ମାଟ୍ରିକ ପରୀକ୍ଷା ହେବା ନେଇ ବିଭାଗ ପକ୍ଷରୁ ବୈଠକ ବସି ନିଷ୍ପତ୍ତି ହୋଇଥିବା ଓ ଜୁନ ୧୪ରୁ ୨୬ ପର୍ଯ୍ୟନ୍ତ ପରୀକ୍ଷା ହେବା ନେଇ ମନ୍ତ୍ରୀ ଦାଶ ଟୁଇଟ୍ କରିଥିବା ସଂକ୍ରାନ୍ତ ଖବର ସୋସିଆଲ ମିଡିଆରେ ଘୂରିବୁଲିଥିଲା। ଏହାକୁ ବିଭିନ୍ନ ମହଲରୁ ସମାଲୋଚନା କରାଯିବା ପରେ ସତ ସାମ୍ନାକୁ ଆସିଥିଲା। କେହି ଜଣେ ଦୁର୍ବୃତ୍ତ ମନ୍ତ୍ରୀଙ୍କ ନାଁରେ ଫେକ୍ ଟୁଇଟର ଆକାଉଣ୍ଟ ଖୋଲି ଏଭଳି ଲେଖିଥିବା ଜଣାପଡ଼ିଛି। ସେଥିରେ ଲେଖାଯାଇଛି ଯେ, ପୂର୍ବ ନିଷ୍ପତ୍ତି ଅନୁସାରେ, ଦଶମ ବୋର୍ଡ ପରୀକ୍ଷାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବାତିଲ କରାଯାଇଥିଲା। କିନ୍ତୁ ସମସ୍ତ କଲେଜ ଛାତ୍ରୀଛାତ୍ରଙ୍କର ଧାରଣା ଯୋଗୁ ଆଜି ପୁନର୍ବାର ବୈଠକରେ ଆଲୋଚନା ହୋଇଛି ଯେ, ଦଶମ ବୋର୍ଡ ପରୀକ୍ଷା ଆସନ୍ତା ଜୁନ ୧୪ତାରିଖରୁ ୨୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମନ୍ତ୍ରୀ ଦାଶ ଉକ୍ତ ନକଲି ଟୁଇଟ୍‌ର ସ୍କ୍ରିନ୍‌ଶଟ୍ ନେଇ ନିଜ ଟୁଇଟର ଆକାଉଣ୍ଟରେ ଶେୟାର କରିବା ସହ ଲେଖିଛନ୍ତି ଯେ, କେହି ଜଣେ ବଦମାସ୍ ମୋ ନାମରେ ଫେକ୍ ଆକାଉଣ୍ଟ ଖୋଲି ଏସବୁ ମିଥ୍ୟା ପୋଷ୍ଟ କରି ପ୍ରଚାର କରୁଥିବା ନଜରକୁ ଆସିଛି। ସମସ୍ତଙ୍କୁ ଅନୁରୋଧ ଏସବୁଠୁ ଦୂରେଇ ରୁହନ୍ତୁ।


ରାଜ୍ୟବ୍ୟାପୀ ସହରାଞ୍ଚଳ ଶଟ୍‌ଡାଉନ୍‌ର ଦ୍ୱିତୀୟ ଦିନ ରବିବାର ଭୁବନେଶ୍ୱର ରାମ ମନ୍ଦିର ଛକର ଦୃଶ୍ୟ।

# ଏମ୍‌ଏସ୍‌ପି ପ୍ରସ୍ତୁତ କରିବ ଅକ୍ସିଜେନ

**କେନ୍ଦୁଝର, ୨୫।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲାର ସଦର ବ୍ଲକ ବଣୁଆ ସ୍ଥିତ ଏମ୍‌ଏସ୍‌ପି ସ୍ପଞ୍ଜ ଆଇରନ ଲିଃ ଓ ଏବିଏସ ମର୍ଚ୍ଚାଣ୍ଟ ଅକ୍ସିଜେନ ପ୍ରସ୍ତୁତ କରି କରୋନା ସଂକ୍ରମିତଙ୍କୁ ଯୋଗାଇବ। ଏହି ପ୍ଲାଣ୍ଟରୁ ଦୈନିକ ୧୦୦ ଜମ୍ବୋ ସିଲିଣ୍ଡର ଓ ମେଡିକାଲରେ ବ୍ୟବହାର ହେଉଥିବା ଅକ୍ସିଜେନ ୧୦.୫ ଲିଟର ପ୍ରସ୍ତୁତ କରିବ ବୋଲି କମ୍ପାନୀର ସଭାପତି ଦେବବ୍ରତ ସ୍ୱାଇଁ ସୂଚନା ଦେଇଛନ୍ତି। ଏହାଦ୍ୱାରା ଅକ୍ସିଜେନର ଅଭାବ ଦୂର ହେବ ବୋଲି ଆଶା ରଖାଯାଇଛି। ସୋମବାରଠାରୁ ଅକ୍ସିଜେନ ଉତ୍ପାଦନ ହୋଇ ଓଡ଼ିଶା ସମେତ ୭ ରାଜ୍ୟକୁ ୫୧୦ ଟନ୍ ଅକ୍ସିଜେନ ଯୋଗାଣ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।




# ରାଜ୍ୟର ଉତ୍ତପ୍ତ ସହର ଭୁବନେଶ୍ୱର

### ଆଜି ୩ ଜିଲାକୁ ସତର୍କ କଲା ପାଣିପାଗ କେନ୍ଦ୍ର

**ସର୍ବାଧିକ ତାପମାତ୍ରା ୪୩.୨ ଡିଗ୍ରୀ**

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

ସାରା ରାଜ୍ୟ ପ୍ରବଳ ଖରାତାତିରେ ଆଉଟୁପାଉଟୁ ହେଉଛି। ଦୁଇଦିନ ହେବ ଅଧିକାଂଶ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ସକାଳ ୭ଟାରୁ ଟାଇଁଟାଇଁ ଖରାକୁ ଝାଞ୍ଜି ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଅପରାହ୍ନରେ ବାହାରକୁ ବାହାରିବା କଷ୍ଟକର ହୋଇପଡ଼ିଛି। ରବିବାର ୧୭ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ ସହର ପାଲଟିଛି। ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୪୩.୨ଡିଗ୍ରୀ ରହିଥିବାବେଳେ ବୌଦ୍ଧ ୪୨.୫, ବାରିପଦା ୪୨.୪, ଟିଟିଲାଗଡ଼ ୪୨, ଝାରସୁଗୁଡ଼ା ୪୧.୮, ନୟାଗଡ଼ ଓ ସମ୍ବଲପୁର ୪୧.୫, ବଲାଙ୍ଗୀର ୪୧.୨, ତାଳଚେର ୪୧.୧, ସୁନ୍ଦରଗଡ଼ ଓ ସୋନପୁର ୪୧, କଟକ ୪୦.୮, ଅନୁଗୋଳ ଓ ବାଲେଶ୍ୱର ୪୦.୯, ଭବାନିପାଟଣା ୪୦.୬, ହୀରାକୁଦ ୪୦.୩ ଓ ମାଲକାନଗିରି ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

ଆସନ୍ତା ୨୪ ଘଣ୍ଟାରେ ନୟାଗଡ଼, ଖୋର୍ଦ୍ଧା ଓ କଟକ ଆଦି ୩ ଜିଲାକୁ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ୟେଲୋ ୱର୍ଣ୍ଣିଂ ଜାରି କରି କେତେକ ପରାମର୍ଶ ଦେଇଛି। ସାଧାରଣ ଜନତାଙ୍କ ପାଇଁ ଉତ୍ତାପ ସହନଶୀଳ, କିନ୍ତୁ ଅସୁରକ୍ଷିତ ଲୋକ ଯଥା ଶିଶୁ, ବୃଦ୍ଧ ଏବଂ ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ଏହା ଅସହ୍ୟ ହୋଇପାରେ। ତେଣୁ ସେମାନେ ଏହି ସମୟରେ ଘରୁ ନ ବାହାରିବା ଲାଗି କୁହାଯାଇଛି। ଏହିସବୁ ଅଞ୍ଚଳରେ ମଧ୍ୟାହ୍ନ ସମୟରେ (ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା ଯାଏ) ବାହାରକୁ ଯିବାବେଳେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଆଜିଠୁ ସ୍ୱର୍ଗଦ୍ୱାରରେ କଟକଣା

### ବାହାର ଜିଲା ଲୋକଙ୍କ ମୃତଦେହ ଦାହ ହେବନାହିଁ

- ଅସ୍ଥି ବିସର୍ଜନ, ଶ୍ରାଦ୍ଧ ଓ ବୁଡ଼ ପକାଇବା ମନା
- ପୁରୀ ଜିଲାବାସୀ ପରିଚୟପତ୍ର ଦେଖାଇବା ବାଧ୍ୟତାମୂଳକ




**ପୁରୀ ଅଫିସ,୨୫।୪**

ପୁରୀ ସହର ଓ ଜିଲାରେ କୋଭିଡ୍ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ୱର୍ଗଦ୍ୱାରରେ ମୃତଦେହ ଦାହ ଉପରେ କଟକଣା ଜାରି କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ଏହି କଟକଣା ୨୬ତାରିଖଠାରୁ ଲାଗୁ ହେବ। କଟକଣା ଅନୁଯାୟୀ, କେବଳ ପୁରୀ ଜିଲାର ବାସିନ୍ଦା ସ୍ୱର୍ଗଦ୍ୱାରରେ ମୃତଦେହ ଦାହ କରିପାରିବେ। ତେବେ ସେମାନଙ୍କୁ ପରିଚୟପତ୍ର ଦେଖାଇବାକୁ ପଡ଼ିବ। ଅନ୍ୟପକ୍ଷରେ ବାହାର ଜିଲାର ଲୋକଙ୍କୁ ସ୍ୱର୍ଗଦ୍ୱାରରେ ମୃତଦେହ ଦାହ ଲାଗି ଅନୁମତି ଦିଆଯିବ ନାହିଁ। ସେହିପରି ଅସ୍ଥି ବିସର୍ଜନ, ଶ୍ରାଦ୍ଧ ଆଦି କାର୍ଯ୍ୟ କରାଯାଇପାରିବ ନାହିଁ। ରବିବାର ଏ ନେଇ ଉପଜିଲାପାଳ ଭବତାରଣ ସାହୁ ସୂଚନା ଦେଇଛନ୍ତି।

ଉପଜିଲାପାଳ ସାହୁ କହିଛନ୍ତି, ପୁରୀ ସହର ଓ ଜିଲାରେ କୋଭିଡ୍ ସଂକ୍ରମଣ ବଢିବାରେ ଲାଗିଛି। ସେହିପରି ଓଡ଼ିଶା ଏବଂ ବାହାର ରାଜ୍ୟରେ ସଂକ୍ରମଣ ବଢ଼ିଚାଲିଛି। ଏଭଳି ସ୍ଥିତିରେ ମୃତଦେହ ଦାହ ପାଇଁ ସମସ୍ତଙ୍କୁ ଅନୁମତି ଦେଲେ ପୁରୀ ସହରବାସୀଙ୍କ ମଧ୍ୟରେ ସଂକ୍ରମଣ ସଂଖ୍ୟା ବଢ଼ିବାର ଆଶଙ୍କା ରହୁଛି। ସେହିଭଳି ମୃତଦେହ ସଂସ୍କାର ଦାୟିତ୍ୱରେ ଥିବା କର୍ମଚାରୀମାନେ କିଭଳି ଭାବେ କୋଭିଡ୍ କବଳରୁ ରକ୍ଷା କରିପାରିବେ ତାହା ସୁନିଶ୍ଚିତ କରିବା ଜିଲା ପ୍ରଶାସନର ଦାୟିତ୍ୱ। ଏଣୁ ସଂକ୍ରମିତ ହୋଇ ନ ଥିବା ପୁରୀ ଜିଲାର ବ୍ୟକ୍ତିଙ୍କ ମୃତଦେହ ଦାହ କରିବାକୁ ଅନୁମତି ଦିଆଯିବ। ପୁରୀ ଜିଲାର କୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ ହସ୍ପିଟାଲରୁ ମୃତ୍ୟୁ ପ୍ରମାଣପତ୍ର (ଡେଥ୍ ସାର୍ଟିଫିକେଟ୍) ଆଣିବାକୁ ପଡ଼ିବ। ହସ୍ପିଟାଲ କର୍ତ୍ତୃପକ୍ଷ ସ୍ପଷ୍ଟ ଭାବେ ମୃତକଙ୍କ ପରିଚୟ ଉଲ୍ଲେଖ କରିଥାନ୍ତି। ଫଳରେ ମୃତ ବ୍ୟକ୍ତି ପୁରୀ ଜିଲାର ବୋଲି ଜାଣିବା ସମ୍ଭବ ହେବ। ତେବେ ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ପୁରୀ ଜିଲାର ବାସିନ୍ଦା ନେଇ ଯେକୌଣସି ପରିଚୟପତ୍ର ଦେଖାଇବାକୁ ପଡ଼ିବ। ଆବଶ୍ୟକସ୍ଥଳେ ସରପଞ୍ଚ, କାଉନସିଲରଙ୍କ ଭଳି ଜନପ୍ରତିନିଧିମାନେ ମଧ୍ୟ ଲିଖିତ ଭାବେ ସମ୍ପୃକ୍ତ ବ୍ୟକ୍ତି ପୁରୀ ଜିଲାର ବୋଲି ଦର୍ଶାଇପାରିବେ। ସେହିପରି ଶ୍ୱେତଗଙ୍ଗା ଓ ସମୁଦ୍ରରେ ଅସ୍ଥି ବିସର୍ଜନ କରିବାକୁ ରାଜ୍ୟ ତଥା ଦେଶ ବାହାରୁ ଲୋକେ ପୁରୀ ଆସିଥାନ୍ତି। ଏହି ସମୟରେ ବୁଡ଼ ପକାଇବାର ପରମ୍ପରା ମଧ୍ୟ ରହିଛି। ଅସ୍ଥି ବିସର୍ଜନ, ଶ୍ରାଦ୍ଧ ଓ ବୁଡ଼ ପକାଇବା ପାଇଁ ଜନସମାଗମ ଯୋଗୁ ସଂକ୍ରମଣ ବଢ଼ିବା ଆଶଙ୍କା ଥିବାରୁ ପ୍ରଶାସନ ଏହା ଉପରେ ମଧ୍ୟ କଟକଣା ଜାରି କରିଛି। ଏଣିକି ମୃତଦେହ ଦାହ ପାଇଁ ଆସୁଥିବା ବ୍ୟକ୍ତିମାନଙ୍କର ପରିଚୟପତ୍ର ଯାଞ୍ଚ ଲାଗି ସ୍ୱର୍ଗଦ୍ୱାରରେ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଗତ ୭ଦିନରେ ସ୍ୱର୍ଗଦ୍ୱାରରେ ଜିଲା ବାହାରୁ ୧୩୩ ବ୍ୟକ୍ତି ଏବଂ ପୁରୀ ସହର ଓ ଜିଲାର ୭୩ଜଣଙ୍କ ମୃତଦେହ ଦାହ କରାଯାଇଛି। ଗତବର୍ଷ ମଧ୍ୟ କରୋନା ଯୋଗୁ କୋଭିଡ୍ କଟକଣା ଜାରି ହୋଇଥିଲା।

**ଆଜିର ମନ୍ତବ୍ୟ**

"ସଂକ୍ରମଣ ବଢ଼ିବାରେ ଲାଗିଥିବାବେଳେ କେନ୍ଦ୍ର ସରକାର ମୃତ୍ୟୁସଂଖ୍ୟାକୁ ନେଇ ସତ ଲୁଚାଉଛନ୍ତି ଓ ଅମ୍ଳଜାନ ଅଭାବକୁ ଅସ୍ୱୀକାର କରୁଛନ୍ତି।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: .................................
ବୟସ: .................................
ଜନ୍ମ ତାରିଖ: .................................


ଦିନୁ
ପରିବାରବର୍ଗ


ଗୁଡୁ
ପରିବାରବର୍ଗ


ସାଇ ସ୍ୱିତୋଲ
ପରିବାରବର୍ଗ


ଶିବାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ ଦିନରେ ଗଲାଣି ୮୬୯ ଟନ୍ ଅକ୍ସିଜେନ

**କଟକ ଅଫିସ, ୨୫।୪**

ଓଡ଼ିଶା ପକ୍ଷରୁ ବିଭିନ୍ନ ରାଜ୍ୟକୁ ଅକ୍ସିଜେନ୍ ଯୋଗାଣ ଜାରି ରହିଛି। ଗତ ୩ଦିନ ମଧ୍ୟରେ ୪୯ଟି ଟ୍ୟାଙ୍କର୍ ଯୋଗେ ୮୬୯ ଟନ୍‌ରୁ ଅଧିକ ମେଡିକାଲ ଅକ୍ସିଜେନ୍ ଓଡ଼ିଶା ପୋଲିସର ସୁରକ୍ଷା ବଳୟରେ ବିଭିନ୍ନ ରାଜ୍ୟକୁ ପଠାଯାଇଛି। ଉତ୍ତରପ୍ରଦେଶ, ଦିଲ୍ଲୀ, ହରିୟାଣା, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନାକୁ ଅକ୍ସିଜେନ୍ ପଠାଯାଇଛି। ସେହିପରି ଯାଜପୁର, ରାଉରକେଲା, ଢେଙ୍କାନାଳ ଏବଂ ଅନୁଗୋଳରୁ ୨୦ଟି ଅକ୍ସିଜେନ୍ ଟ୍ୟାଙ୍କର୍ ରବିବାର ପଠାଯାଇଥିବା ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ପୋଲିସ ସୁରକ୍ଷାରେ ଯାଉଛି ଟ୍ୟାଙ୍କର୍

ରାଜ୍ୟ ବାହାରକୁ ଅକ୍ସିଜେନ୍ ନେଇ ଯାଉଥିବା ଟ୍ୟାଙ୍କର୍‌ଗୁଡ଼ିକର ଯାତାୟାତରେ ଯେପରି କିଛି ସମସ୍ୟା ନ ହୁଏ ସେଥିଲାଗି ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଗ୍ରୀନ କରିଡର୍ ପ୍ରସ୍ତୁତ ହୋଇଛି। ଉକ୍ତ କରିଡର୍ ଦ୍ୱାରା ଟ୍ୟାଙ୍କରଗୁଡ଼ିକ ବିନା ବିଳମ୍ବରେ ଜରୁରୀ ଆବଶ୍ୟକ ଥିବା ରାଜ୍ୟଗୁଡ଼ିକରେ ପହଞ୍ଚିପାରିବ। ଫଳରେ ରୋଗୀଙ୍କ ସେବାରେ ଉକ୍ତ ଅକ୍ସିଜେନ୍ ଲାଗିପାରିବ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ସେଲ୍ ଗଠନ କରାଯାଇଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ଯଶୱନ୍ତ ଜେଠୱାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅକ୍ସିଜେନ୍ ଯୋଗାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ସମସ୍ତ ଏସ୍‌ପି, ଡିସିପି, ଡିଆଇଜି, ଆଇଜି ଏବଂ ପୋଲିସ କମିଶନରଙ୍କୁ ନିଜ ଅଞ୍ଚଳରେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହାର ମିଠା, ଯଦି ଥାଇ ଭୋକ;**
**ନାଟ ମିଠା ଯହିଁ ବୋଲନ୍ତି ଶ୍ଳୋକ।**

ପେଟରେ ଭୋକ ଥିଲେ ଯାହା ଖାଦ୍ୟ ଖାଇଲେ ମଧ୍ୟ ପାଟିକୁ ତାହା ବେଶ୍ ରୁଚିକର ବା ସୁଆଦିଆ ଲାଗିଥାଏ। ସେହିପରି ଶ୍ଳୋକ ବୋଲାଯାଉଥିଲେ ନାଟ ଆହୁରି ଶ୍ରୁତିମଧୁର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆମ୍ବ ଡାହି ଖଣ୍ଡି ବଙ୍କା,**
**ମୋତେ କାହିଁପାଇଁ ମୁହଁଟା ବଙ୍କା,**
**କାଲି ପିନ୍ଧେଇବି ଶଙ୍ଖା।**

ନାରୀର ଇଚ୍ଛା ଅପୂରଣୀୟ ହୋଇ ରହିଗଲେ ସେ ମୁହଁ ଫୁଲାଇ ବସେ। ଅଭିମାନରେ କଥା କହି ନ ଥାଏ। ଏପରିସ୍ଥଳେ ତା'ର ଅଭିମାନକୁ ମେଣ୍ଟାଇବାକୁ ଯାଇ ହାତକୁ ଶଙ୍ଖା କିଣି ଦେବା ଭଳି ପ୍ରଲୋଭନ ଦେଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ**

# ପିଏମ୍ କେୟାର୍ସ ପାଣ୍ଠିରେ ନିର୍ମାଣ ହେବ ୫୫୧ ଅକ୍ସିଜେନ ପ୍ଲାଣ୍ଟ

**ନୂଆଦିଲ୍ଲୀ, ୨୫।୪**

ଦେଶର ୫୫୧ଟି ସରକାରୀ ହସ୍ପିଟାଲରେ ପ୍ରେସର ସ୍ୱିଙ୍ଗ ଆଡସର୍ପଶନ (ପିଏସ୍‌ଏ) ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏଥିପାଇଁ ପିଏମ୍ କେୟାର୍ସ ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯିବ। କରୋନା ସଂକ୍ରମଣ ବୃଦ୍ଧି ସହିତ ବିଭିନ୍ନ ରାଜ୍ୟରେ ଅକ୍ସିଜେନ ସଙ୍କଟ ଦେଖାଦେଇଥିବାବେଳେ କେନ୍ଦ୍ର ସରକାର ଏଭଳି ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ହସ୍ପିଟାଲଗୁଡ଼ିକରେ ନିଜସ୍ୱ ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ଅମ୍ଳଜାନର ଆଉ ଅଭାବ ରହିବ ନାହିଁ। ଜିଲାସ୍ତରରେ ହସ୍ପିଟାଲଗୁଡ଼ିକର ଅକ୍ସିଜେନ ଆବଶ୍ୟକତା ଉକ୍ତ ପ୍ଲାଣ୍ଟ ପୂରଣ କରିବ। ଯଥାଶୀଘ୍ର ସମ୍ଭବ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ଦ୍ଦେଶ ଦେବା ପରେ ପିଏମ୍ କେୟାର୍ସ ଫଣ୍ଡରୁ ଅର୍ଥ ଯୋଗାଇ ଦେବା ଲାଗି ନୀତିଗତ ଅନୁମୋଦନ ମିଳିଥିବା ପିଏମ୍‌ଓ ପକ୍ଷରୁ କୁହାଯାଇଛି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଜିଲା ସଦରମହକୁମାରେ ଥିବା ସରକାରୀ ହସ୍ପିଟାଲରେ ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଜରିଆରେ ସେଠାରୁ ଅକ୍ସିଜେନ କିଣାଯିବ।

ସୂଚନାଯୋଗ୍ୟ ପିଏମ୍ କେୟାର୍ସ ପାଣ୍ଠିରେ ପୂର୍ବରୁ ଦେଶର ବିଭିନ୍ନ ସରକାରୀ ହସ୍ପିଟାଲରେ ୧୬୨ଟି ପିଏସ୍‌ଏ ମେଡିକାଲ ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ୨୦୧.୫୮ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା।



# ମାଗଣା ଟିକା ଦେବ ମହାରାଷ୍ଟ୍ର



**ମୁମ୍ବାଇ, ୨୫।୪**

କରୋନାରେ ସର୍ବାଧିକ ପ୍ରଭାବିତ ମହାରାଷ୍ଟ୍ର ରାଜ୍ୟର ସମସ୍ତଙ୍କୁ ମାଗଣାରେ ଟିକା ପ୍ରଦାନ କରିବ। ଏ ନେଇ ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲ୍ଲିକ ରବିବାର ଘୋଷଣା କରିଛନ୍ତି। ରାଜ୍ୟ କ୍ୟାବିନେଟରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି। କରୋନାର ତୃତୀୟ ଲହର ଆସିବାର ଆଶଙ୍କା ରହିଥିବାରୁ ଏହାର ମୁକାବିଲା ପାଇଁ ଯଥାଶୀଘ୍ର ସବୁ ଲୋକଙ୍କୁ ଟିକାକରଣର ଆବଶ୍ୟକତା ରହିଥିବା ପୂର୍ବରୁ ମହାରାଷ୍ଟ୍ର ମନ୍ତ୍ରୀ ଆଦିତ୍ୟ ଠାକ୍‌ରେ କହିଥିଲେ। ମଧ୍ୟପ୍ରଦେଶ, ଜମ୍ମୁ କଶ୍ମୀର, ଗୋଆ, କେରଳ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ଆସାମ, ସିକିମ, ପଶ୍ଚିମବଙ୍ଗ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ହରିୟାଣା ଆଦି ରାଜ୍ୟଗୁଡ଼ିକ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ମାଗଣାରେ ଟିକା ଦେବାକୁ ପୂର୍ବରୁ ଘୋଷଣା କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### କହିଥିଲେ, ଦେଲେ ...

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଆର୍.ଏସ୍. ଶର୍ମା ସ୍ପଷ୍ଟ କରିଛନ୍ତି। ଟିକା ପ୍ରସ୍ତୁତକାରୀ କମ୍ପାନୀ ନିଜ ଉତ୍ପାଦନର ୫୦% କେନ୍ଦ୍ର ସରକାରଙ୍କୁ ଯୋଗାଇବେ। ଅବଶିଷ୍ଟ ୫୦% ରାଜ୍ୟ ସରକାରଙ୍କୁ ଓ ଖୋଲା ବଜାରରେ ବିକ୍ରି କରିବେ। କୋଭିଶିଲ୍ଡ ଟିକା ପ୍ରସ୍ତୁତକାରୀ କମ୍ପାନୀ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) ଡୋଜ୍ ପିଛା ଘରୋଇ ହସ୍ପିଟାଲଗୁଡ଼ିକୁ ୬୦୦ ଟଙ୍କା ଓ ରାଜ୍ୟ ସରକାରଙ୍କୁ ୪୦୦ ଟଙ୍କାରେ ଟିକା ବିକିବାକୁ ଧାର୍ଯ୍ୟ କରିଛି। ସେହିପରି କୋଭାକ୍ସିନ ଏହି ଦର ଘରୋଇ ହସ୍ପିଟାଲ ଲାଗି ୧୨୦୦ ଓ ରାଜ୍ୟ ପାଇଁ ୬୦୦ ଟଙ୍କା ସ୍ଥିର କରିଛି। ଘରୋଇ ହସ୍ପିଟାଲଗୁଡ଼ିକରୁ ଆଗ୍ରହୀ ବ୍ୟକ୍ତି ଭାକ୍ସିନ ନେଲେ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦେବାକୁ ପଡ଼ିପାରେ, ଯାହାକି ବିଶ୍ୱର ସମସ୍ତ ଟିକାଠାରୁ ମହଙ୍ଗା ହେବ। ସ୍ମରଣଯୋଗ୍ୟ ଯେ ଗତ ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପାର୍ଲାମେଣ୍ଟରେ ୨୦୨୧-୨୨ ଆର୍ଥିକ ବର୍ଷର କେନ୍ଦ୍ରୀୟ ବଜେଟ ଉପସ୍ଥାପନ ବେଳେ ଭାକ୍ସିନ ପାଇଁ ୩୫,୦୦୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସୂଚନା ଦେଇଥିଲେ। ଆବଶ୍ୟକ ହେଲେ ଅଧିକ ପାଣ୍ଠି ଯୋଗାଇଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବଜେଟ ଅଭିଭାଷଣରେ କହିଥିଲେ। ଏପ୍ରିଲ ୧୯ରେ ସୀତାରାମନ କହିଥିଲେ, କେନ୍ଦ୍ର ସରକାର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ୩୦୦୦ କୋଟି ଏବଂ ଭାରତ ବାୟୋଟେକ୍‌କୁ ୧,୫୬୭.୫୦ କୋଟି ଟଙ୍କା ପଇଠ କରିସାରିଛନ୍ତି। ଆସନ୍ତା ଜୁଲାଇ ପର୍ଯ୍ୟନ୍ତ ଭାକ୍ସିନ ଯୋଗାଇଦେବା ପାଇଁ ଅଗ୍ରିମ ଭାବେ ଦୁଇ ଟିକା ପ୍ରସ୍ତୁତକାରୀ କମ୍ପାନୀକୁ ମୋଟ ୪,୫୬୭.୫୦ କୋଟି ଟଙ୍କା ଦିଆଯାଇଛି। ଏଠାରେ ପ୍ରଶ୍ନ ଉଠେ ଯଦି ୧୮ରୁ ୪୪ ବର୍ଷୀୟ ନାଗରିକଙ୍କୁ ଟିକା ନେବା ପାଇଁ ଟଙ୍କା ଦେବାକୁ ପଡ଼ିବ ତେବେ ବଜେଟରେ ଆବଣ୍ଟିତ ୩୫,୦୦୦ କୋଟିରୁ ଅବଶିଷ୍ଟ ୩୦,୪୩୨.୫୦ କୋଟି ଟଙ୍କା ଗଲା କୁଆଡ଼େ? ସରକାର ଯଦି ସମସ୍ତଙ୍କୁ ମାଗଣାରେ ଟିକା ଦେବାକୁ ଚାହୁଁ ନାହାନ୍ତି ତେବେ ଘୋଷଣା କରି ଲୋକଙ୍କୁ ଭୁଲାଇଲେ କାହିଁକି? ଖୋଲା ବଜାରରେ ଟିକା ମିଳିଲାଣି ବୋଲି କେନ୍ଦ୍ର ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଲୋକଙ୍କୁ ମାଗଣାରେ ଟିକା ବନ୍ଦ କରିଦେଲେ ଭିନ୍ନ କଥା। ଟିକାକରଣ ଜାରି ରଖିବାକୁ ହେଲେ କେନ୍ଦ୍ରକୁ ଆହୁରି ଭାକ୍ସିନ କିଣିବାକୁ ପଡ଼ିପାରେ। ସରକାର ଉଭୟ କୋଭିଶିଲ୍ଡ ଓ କୋଭାକ୍ସିନ ଟିକା ଡୋଜ୍ ପିଛା ୧୫୦ ଟଙ୍କାରେ କିଣିବେ ବୋଲି ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ଟୁଇଟ୍ କରିଛନ୍ତି। ତେବେ ସଂକ୍ରମଣ କ୍ଷେତ୍ରରେ ଭୂତାଣୁ ଭେଦଭାବ ରଖୁ ନ ଥିବାବେଳେ ପ୍ରାୟ ୬୦ କୋଟି (୧୮-୪୪ ବର୍ଷୀୟ) ଲୋକଙ୍କ ସହ ଏପରି ବୈଷମ୍ୟପୂର୍ଣ୍ଣ ବ୍ୟବହାର କାହିଁକି? ଅବଶ୍ୟ କେତେକ ରାଜ୍ୟ ସରକାର ମାଗଣାରେ ଟିକାକରଣ ପାଇଁ ଘୋଷଣା କରିଛନ୍ତି। ଏଥିପାଇଁ ରାଜ୍ୟଗୁଡ଼ିକୁ ମୋଟ ୪୬,୩୨୩ କୋଟି ଟଙ୍କା ବହନ କରିବାକୁ ପଡ଼ିବ ବୋଲି ଇଣ୍ଡିଆ ରେଟିଙ୍ଗସ ଆଣ୍ଡ ରିସର୍ଚ୍ଚ ପ୍ରାଇଭେଟ ଲିମିଟେଡ୍ ଆକଳନ କରିଛି। ଅନ୍ୟପକ୍ଷେ ଘରୋଇ ହସ୍ପିଟାଲଗୁଡ଼ିକରେ ଟିକା ବିକ୍ରି ଆରମ୍ଭ ହେବା ପରେ ଚାହିଦା ବୃଦ୍ଧି ପାଇବ। ସେତେବେଳେ ଏହି ଦୁଇ କମ୍ପାନୀ ଟିକା ଯୋଗାଇବାରେ କେତେ ସକ୍ଷମ ହେବେ ତାହା ମଧ୍ୟ ପ୍ରଶ୍ନ ଘେରରେ। ଚାହିଦା ବଢ଼ିବା ସମୟରେ ଯୋଗାଣ ସୀମିତ ରହିଲେ ଲୋକେ କଳାବଜାରରୁ ଚଢ଼ା ଦରରେ ଭାକ୍ସିନ କିଣିବାକୁ ବାଧ୍ୟହେବେ। ସରକାର ହସ୍ପିଟାଲଗୁଡ଼ିକୁ ମେଡିକାଲ ଅକ୍ସିଜେନ ସିଲିଣ୍ଡର, ରେମ୍‌ଡେସିଭିର ଭଳି ଜରୁରୀ ଇଞ୍ଜେକ୍ସନ ଓ ଜୀବନ ରକ୍ଷାକାରୀ ଔଷଧ ଯୋଗାଇପାରୁ ନ ଥିବାରୁ ରୋଗୀ ବାଧ୍ୟହୋଇ କଳାବଜାରରୁ ପ୍ରକୃତ ମୂଲ୍ୟଠାରୁ ବହୁଗୁଣ ଅଧିକ ଟଙ୍କା ଦେଇ ସେଗୁଡ଼ିକୁ କିଣିବାକୁ ବାଧ୍ୟ ହେଉଛନ୍ତି। କ୍ରମବର୍ଦ୍ଧିଷ୍ଣୁ ସଂକ୍ରମଣ ଓ ମୃତ୍ୟୁକୁ ଦେଖି ଆତଙ୍କିତ ଲୋକେ ଆଗକୁ ଟିକା ପାଇଁ ବ୍ୟାକୁଳ ହେବେ। ଫଳରେ ଅକ୍ସିଜେନ ଭଳି ଭାକ୍ସିନ ମଧ୍ୟ ବ୍ଲାକ୍‌ରେ ବିକ୍ରି ହେବା ଜଳଜଳ ଦିଶୁଛି।

ପ୍ରକାଶ ଯେ, ସୀତାରାମନ ବଜେଟ ଉପସ୍ଥାପନ କରିବାର ୩ ମାସ ପୂର୍ବରୁ ବିହାରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ଏନ୍‌ଡିଏ ସରକାର ପୁନଃ କ୍ଷମତାସୀନ ହେଲେ ବିହାରବାସୀଙ୍କୁ ମାଗଣାରେ ଭାକ୍ସିନ ଦିଆଯିବ ବୋଲି ଭାଜପା ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା, ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଭାଜପା ଏବେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମଧ୍ୟ ସମାନ ପ୍ରତିଶ୍ରୁତି ଦେଇ ସମାଲୋଚିତ ହୋଇଛି। ଅର୍ଥାତ୍ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ପୁନର୍ବାର ଜିତିଲେ କେନ୍ଦ୍ର ସରକାର ରାଜ୍ୟବାସୀଙ୍କୁ ମାଗଣାରେ ଭାକ୍ସିନ ଦେଇ ନ ପାରନ୍ତି। ଅନ୍ୟପକ୍ଷେ ଟିକାକୁ ନେଇ କେନ୍ଦ୍ର ରାଜନୀତି କରୁଛି ବୋଲି ୪ କଂଗ୍ରେସ ଶାସିତ ରାଜ୍ୟ ଛତିଶଗଡ଼, ରାଜସ୍ଥାନ, ଝାଡ଼ଖଣ୍ଡ ଓ ପଞ୍ଜାବ ସରକାର ଅଭିଯୋଗ ଆଣିଛନ୍ତି। କେନ୍ଦ୍ର ଟିକା ନ ଯୋଗାଇଲେ ଆମେ କେମିତି ଟିକାକରଣ କରିବୁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ମହାରାଷ୍ଟ୍ରର ମନ୍ତ୍ରୀ ତଥା ଏନ୍‌ସିପି ନେତା ନୱାବ ମଲିକ କହିଛନ୍ତି, ୪୫ ବର୍ଷରୁ କମ୍ ବୟସ୍କଙ୍କୁ କେନ୍ଦ୍ର ଟିକା ଦେଉନାହିଁ। ତେଣୁ ଆମକୁ ନିଜ ପାଣ୍ଠିରୁ ଭାକ୍ସିନ ଯୋଗାଇବାକୁ ପଡ଼ିବ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ମଧ୍ୟ ଅନୁରୂପ କଥା କହିଛନ୍ତି।

### ୧୮ରୁ ଊର୍ଦ୍ଧ୍ୱଙ୍କୁ ମାଗଣା ...

ରାଜସ୍ଥାନରେ ୧୮ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ମାଗଣାରେ କୋଭିଡ୍ ଟିକା ଦେବା ଲାଗି ଅଶୋକ ଗେହଲଟ ସରକାର ରବିବାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟକୁ ନିଜସ୍ୱ ପାଣ୍ଠିରୁ ଅତିରିକ୍ତ ୩,୦୦୦ କୋଟି ଟଙ୍କା ବ୍ୟୟ ଭାର ବହନ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ଗେହଲଟ କହିଛନ୍ତି। କେନ୍ଦ୍ର ସରକାର ୪୫ ବର୍ଷରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ମାଗଣାରେ ଟିକା ଯୋଗାଉଥିବାବେଳେ ୧୮ରୁ ୪୪ ବର୍ଷ ବୟସର ଲୋକମାନଙ୍କୁ ମଧ୍ୟ ମାଗଣାରେ ଯୋଗାଇଦେବା ପାଇଁ ରାଜ୍ୟଗୁଡ଼ିକ ଦାବି କରିଥିଲେ। ଏହା ହୋଇଥିଲେ ରାଜ୍ୟ ବଜେଟକୁ ବୋଝ ସହିବାକୁ ପଡ଼ି ନ ଥାନ୍ତା ବୋଲି ଗେହଲଟ ଟୁଇଟ୍ କରିଛନ୍ତି। ଗେହଲଟଙ୍କ ଘୋଷଣା ପରେ ଓଡ଼ିଶା ସରକାର ମଧ୍ୟ ରାଜ୍ୟବାସୀଙ୍କୁ ମାଗଣାରେ ଟିକା ଦିଆଯିବ ବୋଲି ସ୍ପଷ୍ଟ କରିଛନ୍ତି। ଅପରପକ୍ଷେ ଓଡ଼ିଶା ସରକାର ୧୦.୩୪ଲକ୍ଷ ଡୋଜ୍ କୋଭାକ୍ସିନ ଓ ୩୭୭ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ପାଇଁ ଅର୍ଡର ଦେଇଛନ୍ତି। ଶନିବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସେରମ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କୁ ୩୭୭ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଏବଂ ଭାରତ ବାୟୋଟେକ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କୁ ୧୦.୩୪ଲକ୍ଷ ଡୋଜ୍ କୋଭାକ୍ସିନ ଟିକା ଯୋଗାଇବା ପାଇଁ ଚିଠି ଲେଖିଛନ୍ତି।

### କୋଭିଡ୍ ହସ୍ପିଟାଲରେ ...

ବଞ୍ଚାଇବା ପାଇଁ ଉପର ମହଲାରୁ ଡେଇଁପଡ଼ିଥିଲେ। କେତେଜଣ ସମ୍ପର୍କୀୟ ସେମାନଙ୍କ ରୋଗୀଙ୍କୁ କାନ୍ଧରେ ବୋହି ତଳକୁ ନେଇଆସିଥିଲେ। ଡାକ୍ତରମାନେ ମଧ୍ୟ ଜୀବନ ବିକଳରେ ତଳକୁ ଡେଇଁଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଅଗ୍ନିକାଣ୍ଡ ପରେ ଉକ୍ତ ହସ୍ପିଟାଲରୁ ଅନେକ ରୋଗୀ ଅନ୍ୟ ହସ୍ପିଟାଲକୁ ପଠାଇଯାଇଛନ୍ତି। ଅଗ୍ନିକାଣ୍ଡର ତଦନ୍ତ ପାଇଁ ପ୍ରଧାନମନ୍ତ୍ରୀ ମୁସ୍ତାଫା ଅଲକାଧିମି ନିର୍ଦ୍ଦେଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ମଙ୍ଗଳ କୌଣସି ଗ୍ରହର ଦୃଷ୍ଟିପଥାରୂଢ଼ ନ ହେଉଥିବାରୁ ସ୍ୱାସ୍ଥ୍ୟ ଯେମିତି ଭଲ ରହିବ ତାହାଠାରୁ ମନ ମଧ୍ୟ ଆହୁରି ଅଧିକ ଭଲ ରହିବ। ବନ୍ଧୁଙ୍କ ଆଦର, ସ୍ନେହ, ସଦିଚ୍ଛା ଲାଭ କରି ଦୁଃଖକୁ ଦୂରେଇଦେବେ। ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଶନିଙ୍କ କ୍ରୂର ଦୃଷ୍ଟିରେ ପାରିବାରିକ ସ୍ଥିତି ଭଲ ରହିବ ନାହିଁ।

**ବୃଷ**
ଶାରୀରିକ ସୁସ୍ଥତା ରହିଲେ ମଧ୍ୟ କର୍ମଜଞ୍ଜାଳ ଦିନଟିକୁ ବ୍ୟସ୍ତତା ମଧ୍ୟରେ ଅତିବାହିତ କରାଇବ। କୋଣଭାବସ୍ଥ ଚନ୍ଦ୍ରଙ୍କ ଯୋଗୁଁ ବନ୍ଧୁଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନସନ୍ ଦୂର ହେବ। ସଭାସମିତି, କଳା, ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ। ପାରିବାରିକ ଜୀବନ କେତେକାଂଶରେ ସମସ୍ୟାବହୁଳ ହୋଇପାରେ।

**ମିଥୁନ**
ସାମାଜିକ, ରାଜନୈତିକ ଓ କର୍ମକ୍ଷେତ୍ର ସକାଶେ ଦିନଟି ବହୁତ ଶୁଭଙ୍କରୀ ହେବ। ଶନିଙ୍କ ଦୃଷ୍ଟିରୁ ଆର୍ଥିକ ଦୁରବସ୍ଥା ମାନସିକ ସ୍ଥିତିକୁ ସାମାନ୍ୟ ବିଗାଡ଼ିପାରେ। ସକାଳୁ ସକାଳୁ ବଳକା କାମକୁ ଶୀଘ୍ର ଶେଷ କରିବା ସକାଶେ ବ୍ୟସ୍ତ ହୋଇ ପଡ଼ିବେ। ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ ବରଂ ସମାଲୋଚିତ ହେବେ।

**କର୍କଟ**
ଆଜି ଗୁରୁ ଓ ଚନ୍ଦ୍ରଙ୍କ ଷଷ୍ଠାଷ୍ଟମ ଯୋଗ ପ୍ରଭାବରୁ ମନ ମୁତାବକ କାମ ହୋଇପାରିବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ବନ୍ଧୁ ସମ୍ପର୍କ ଓ ଯୋଗାଯୋଗ କ୍ଷେତ୍ରରେ ସଫଳ ହେବେ। ଶନିଙ୍କ କୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ପଛବୁଦ୍ଧିଆ ଭଳି କାମକରି ଅନୁତାପ କରିବେ। ସମ୍ପର୍କୀୟଙ୍କ କଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ**
କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ନୀରବଦ୍ରଷ୍ଟା ଭାବରେ ପଛେଇ ରହିବେ। ଆପଣଙ୍କର ଶତ୍ରୁତା କରୁଥିବା ବ୍ୟକ୍ତିମାନେ ପରୋକ୍ଷରେ ସମାଲୋଚନାରେ ଭାଗ ନେଇପାରନ୍ତି। ପ୍ରତ୍ୟେକ କଥାକୁ ପଛରେ ପକାଇ ପାରିବାରିକ କ୍ଷେତ୍ରକୁ ପୂର୍ବବତ୍ ସୁସ୍ଥ ରଖି ପାରିବେ। ଶାରୀରିକ ସୁସ୍ଥତା ଫେରିପାଇବେ ଏବଂ ଅର୍ଥସଂକଟ ଦୂରୀଭୂତ ହୋଇଯିବ।

**କନ୍ୟା**
ମଙ୍ଗଳଜନିତ କର୍ମକ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ମିତବ୍ୟୟିତା ଗୁଣ ଯୋଗୁ ଅନାବଶ୍ୟକ ଜିନିଷଠାରୁ ଦୂରେଇ ରହିବାକୁ ପସନ୍ଦ କରିବେ। ପାରିବାରିକ ସ୍ଥିତି ବିଶେଷ ଗୁରୁତର ଆକାର ଧାରଣ କରିବ ନାହିଁ। ସମ୍ପର୍କୀୟମାନେ ଆଗରେ କିଛି ନ କହିଲେ ମଧ୍ୟ ପଛରେ ଶ୍ରୁତିକଟୁ କଥା କହିପାରନ୍ତି।

**ତୁଳା**
ମଙ୍ଗଳଙ୍କ ଦୁର୍ବଳତାରୁ କିଛି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଟି ଠିକଣା ସମୟରେ ଦୂରେଇ ରହିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଉପରିସ୍ଥ ଅଫିସର ଭୁଲ୍ ବୁଝିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଭିନ୍ନ ପ୍ରତିବନ୍ଧକ ଦେଖା ଦେଇପାରେ। ଆନୁଷ୍ଠାନିକ କାମ, ସଭାସମିତି, ସତ୍‌ସଙ୍ଗ ଓ ମନୋରଞ୍ଜନ କାମରୁ ପ୍ରଶଂସିତ ହେବେ।

**ବିଛା**
ଶନିଙ୍କ ସୁପ୍ରଭାବରେ ପରିବାରର ବ୍ୟତିକ୍ରମକୁ ସୁଧାରିବା ଦୁରୂହ ହୋଇପଡ଼ିବ। ପୂର୍ବରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ବିଶାଖା ନକ୍ଷତ୍ର ମାନସିକ ସନ୍ତୁଳନ ହରାଇବା କାରଣରୁ ଦିନଟି ବିଶେଷ ଉପଭୋଗ୍ୟ ନ ହୋଇପାରେ। କିଣାବିକା କ୍ଷେତ୍ରରେ ସତର୍କ ନ ରହିଲେ ଠକାମିରେ ପଡ଼ିପାରନ୍ତି।

**ଧନୁ**
ପ୍ରତିକୂଳ ସମୟ ହେତୁ ନିଜର ବିଶୃଙ୍ଖଳିତ ବିଚାରଧାରା ବିଷମ ପରିସ୍ଥିତି ସୃଷ୍ଟି କରିପାରେ। ସନ୍ଦେହ, ଅବିଶ୍ୱାସ ଓ ଭୁଲ୍ ବୁଝାମଣା ହେତୁକ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ନ ରହିପାରେ। କିନ୍ତୁ ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାମାଜିକ, ସୃଜନାତ୍ମକ କାମରେ ଉନ୍ନତମାନର ଫଳ ମିଳିବ।

**ମକର**
ଭାଗ୍ୟସ୍ଥ ଚନ୍ଦ୍ର ପ୍ରଭାବରେ ଆଜିର ପ୍ରତ୍ୟୁଷ ଯାତ୍ରା, ନୂତନ କର୍ମାରମ୍ଭ, ଶିକ୍ଷା, ପରୀକ୍ଷା, ବନ୍ଧୁ ସମ୍ପର୍କ କ୍ଷେତ୍ର ବହୁତ ଭଲ ରହିବ। କର୍ମ କ୍ଷେତ୍ରରେ ଖୁବ୍ ଆଶାବାଦୀ ହେବେ ଏବଂ ଆନୁଷଙ୍ଗିକ ସୁବିଧା ଓ ସୁଯୋଗ ପାଇପାରିବେ। ସାଧାରଣ ଘଟଣାରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ବକେୟା ଆଦାୟରେ ସକ୍ଷମ ହେବେ।

**କୁମ୍ଭ**
ଶୁକ୍ରଙ୍କ ସୁପ୍ରଭାବରେ ପାରିବାରିକ ଓ କର୍ମକ୍ଷେତ୍ର ସୁନ୍ଦର ଓ ସାବଲୀଳ ରହି ପ୍ରୀତିପ୍ରଦ ହେବ। ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଧାତୁ ଅଳଙ୍କାରାଦି କ୍ରୟ କରିବାର ସୁଯୋଗ ଜୁଟିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ସମାଧାନ ହେବ। ପକ୍ଷପାତିତାକୁ ଆଧାର କରି କିମ୍ବା ସାଧାରଣ କଥାକୁ କେନ୍ଦ୍ର କରି ପରିବାରରେ ଝଡ଼ ଉଠିପାରେ।

**ମୀନ**
ଆଜି ଆପଣଙ୍କର ବନ୍ଧୁମିଳନ ସାଙ୍ଗକୁ ଏକାଧାରରେ ଅର୍ଥ, ସମ୍ମାନ ଓ ପ୍ରଶଂସାର ପାତ୍ର ବନିଯିବେ। ଆପଣଙ୍କ ବାସ୍ତବବାଦୀ ଚିନ୍ତାଧାରା ଓ ରୋକ୍‌ଠୋକ୍ କଥା ବିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ଗ୍ରହଣୀୟ ହେବ। ସଭାସମିତି, ଆଲୋଚନା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି।

ଆଜି ଚୈତ୍ର ଶୁକ୍ଳପକ୍ଷର ବିଷ୍ଣୁଦମନକ ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣିମା ସୋମବାର, ଶ୍ରୀମନ୍ଦିରରେ ଦୟଣାବେଢ଼ା, ମାୟାମୃଗ ଓ ସୀତାଚୋରି, ପୂର୍ଣ୍ଣିମାବିହିତ ଚନ୍ଦ୍ରୋପବାସ, ଏପ୍ରିଲ ୨୬ ତାରିଖ, ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ, ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ.୧୨।୩୧ ଗତେ ତୁଳାଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୨୪ ଗତେ ଘ.୦୭।୦୫ ମଧ୍ୟେ, ଘ.୧୦।୨୮ ଗତେ ଘ.୦୧।୦୦ ମଧ୍ୟେ ଅମୃତବେଳା ॥ ଅପରାହ୍ନ ଘ.୦୩।୩୨ ଗତେ ଘ.୦୫।୧୩ ମଧ୍ୟେ ମାହେନ୍ଦ୍ରବେଳା ॥ ସକାଳ.୦୬।୫୯ ଗତେ ଘ.୦୮।୩୪ ମଧ୍ୟେ ରାହୁକାଳ ॥

**classifieds Everyday 0674-2580101, 2549302**

real estate

**SALE**

**Plot for sale near Pipili Toll Gate, just 16km from Bhubaneswar, Kalpana Square. Contact: 9937446498.** D-70592

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

**Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254.** D-70825

**ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ plot ମିଳୁଛି। owner 9090963952.** D-70831

Shree Krishna developer 55acres township plotting project near Sum Hospital for enquiry. 8337900881. D-70582

ଭୁବନେଶ୍ୱର ଜଟଣୀଗେଟ୍ Jupiter College ଲାଗି sqft.-399/-, 230/-, ନଖରା ତ୍ରିନାଥ ବଜାର ପାଖରେ ଘରବାରି ପ୍ଲଟ୍ sqft.- 460/- ବିକ୍ରିହେବ। 9658891108, 7894433357. D-70835

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 7749800648.** D-20490

Bhubaneswar ସୁନ୍ଦରପଦାରୁ ଓଇସି ରୋଡ୍‌ରେ ଘରବାରି ପ୍ଲଟ୍ sqft. 1500/-, 950/-, 380/- କାଟେଣୀରେ 630/- ଦିଆଯାଉଛି। Sonali- 9938016295. D-70845

**2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989.** D-70836

healthcare

New opening Saikrupa Panchakarma and Spa jointpain, fullbody massage, 8984068077. D-65915

Swarna SPA newly open positively health benefits with expert therapist. 9556978408. D-70588

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Zen SPA positively health benefits with experts therapeutic genuinely massage. 7205084157. D-70589

Refreshing your mind body with best expert therapist. 8144219731, 7749040472. D-70590

Refreshing your mind your body with the best therapy at Lotus Spa. 9801811949. D-70448

Newly open Spa offer @599/-, positively health benefits, Jaydevbihar. 7846814019. D-59988

Monalisa massage club : All types body massage with hiprofile smart lady rooms service available 9708545108. D-20591

astrology

କ'ଣ ଆପଣ ଅସୁବିଧାରେ ଅଛନ୍ତି କି? ୨ଘଣ୍ଟାରେ ସମାଧାନ Myastron ଦ୍ୱାରା। କାମ ନହେଲେ ଟଙ୍କା ଫେରସ୍ତ। ବ୍ୟବସାୟରେ, ପ୍ରେମରେ, ବିବାହରେ, ଚାକିରି ସମାଧାନ Mobile/ Whatsapp No.- 07381297749, 09739501234. D-20592

**LEGAL NOTICE**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛୁ ଯେ ଗତ ତା୦୭।୦୭।୨୦୦୬ରିଖରେ ସିଭିଲ୍ ଜଜ୍ ଜୁନିୟର ଡିଭିଜନ, ନିମାପଡ଼ାଙ୍କ ଅଦାଲତରେ ନ ୭୫/୧୬୨ନ୍ବର, ୦୪/୯୩ ମସିହା ଫଇସଲା ହୋଇ ପୂର୍ବବତ୍ ଶ୍ରୀ ଗଙ୍ଗାଧର ପାତ୍ର ଓ କୃଷ୍ଣ ପାତ୍ର, ପିତା- ବାଞ୍ଛାନିଧି ପାତ୍ର, ଗ୍ରାମ- ବଉଳ ଚଉକା, ଥାନା- ବଳଙ୍ଗା, ଜିଲ୍ଲା- ପୁରୀଙ୍କ ନାମେ ଇଜିମାଇଲିରେ ରେକର୍ଡ ପଟ୍ଟାରେ ଦରଜ ଅଛି। ଆମ୍ଭର କନିଷ୍ଠ ଭ୍ରାତା କୃଷ୍ଣ ପାତ୍ରଙ୍କର ପରଲୋକାନ୍ତେ ତାଙ୍କର ଔରସମାନଙ୍କଠାରୁ କେହି ବ୍ୟକ୍ତି ଆମ୍ଭ ଅଜ୍ଞାତରେ ନିମ୍ନରେ ଥିବା ନିମ୍ନ ତଫସିଲ ବୃତ୍ତି ସମ୍ପତ୍ତିମାନ ଖର୍ଦ୍ଦି କିମ୍ବା ଯେ କୌଣସି କାଗଜ ହାସଲ କରି ନିଅନ୍ତି ଭବିଷ୍ୟତରେ ଆମ୍ଭେ ଗଙ୍ଗାଧର ପାତ୍ର ଦାୟୀ ରହିବୁ ନାହିଁ। ଅତ୍ର କାଗଜ ବଳରେ ସର୍ବତ୍ର ଅଗ୍ରାହ୍ୟ ହେବ। ନିମ୍ନ ତଫସିଲ ବୃତ୍ତି- ଜିଲ୍ଲା- ପୁରୀ, ଥାନା- ପିପିଲି ନ୧୫୧ନ୍ବର, ମୌଜା- ରୂପଦେଇପୁର, ସ୍ଥିତିବାନ ଖା- ୨୦୧ତା, ପ୍ଲଟ୍ ନ୨୭୧୬ନ୍ବର ଏ୦.୧୪୦ଡି (ଘରବାରି) ମୌଜା- ସାତହଳ, ଥା- ପିପିଲି, ନ୧୮୨ନ୍ବର, ଖା୯ତା ଚକ ନ୪୫ନ୍ବର, ଚକ ପ୍ଲଟ୍ ନ୧୦୯ନ୍ବର ଏ୦.୬୨୦ଡି ଧ-୬୯୦୪୧

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଏଏଫ୍ଆଇ ପରୀକ୍ଷାରେ ସଞ୍ଜୟଙ୍କ କୃତକାର୍ଯ୍ୟ**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁରର ସଞ୍ଜୟ କୁମାର ଗୁରୁ ୨୦୨୧ ମସିହା ଆଥଲେଟିକ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଏଏଫ୍ଆଇ)ର ପ୍ରି-ଲେବଲ୍ ୧ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ପୂର୍ବରୁ ମଧ ସେ କୋଚ ଭାବେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି । ଏଥିସହ ରାଜ୍ୟ ଓ ଅର୍ନ୍ତଜାତୀୟ ସ୍ତରରେ ଆଥଲେଟିକରେ ଉଦଘୋଷକ ଓ ବିଚାରକ ଭାବେ କାର୍ଯ୍ୟ କରିଛନ୍ତି । ଏହି ସଫଳତା ପାଇଁ ତାଙ୍କୁ ସମ୍ବଲପୁର ସହରର ଖେଳ ଶିକ୍ଷକ ଓ ଅଧାପକମାନେ ଶୁଭେଚ୍ଛା ଜଣାଇଛନ୍ତି ।

**ସଂକ୍ଷେପରେ**

## ବାପାଙ୍କୁ ହତ୍ୟା ଅଭିଯୋଗରେ ପୁଅ ଗିରଫ

ବରଗଡ଼ ଅଫିସ,୨୫।୪: ବରଗଡ଼ ଜିଲା ଭେଡ଼େନ ଥାନା ଅଧୀନ ତେନ୍ତୁଲିଟିକ୍ରା ଗ୍ରାମରେ ପୁଅର ଆକ୍ରମଣରେ ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମଙ୍ଗଳ ସେଠ(୬୫)। ପୋଲିସ ଏ ନେଇ ଏକ ହତ୍ୟା ମାମଲା ରୁଜୁ (ନଂ.୬୯/୨୧)କରିଛି। ଏହା ସହିତ ମୃତକଙ୍କ ପୁଅ ଶିବ ସେଠଙ୍କୁ ଗିରଫ କରି ପୋଲିସ ଅଧିକ ତଦନ୍ତ ଚଳାଇଛି । ପ୍ରକାଶ ଯେ, ମଙ୍ଗଳଙ୍କ ୪ ପୁଅ ଅଛନ୍ତି। ଗତ ଦୁଇଦିନ ତଳେ ତୃତୀୟ ପୁଅ ଶିବ ଓ ମଙ୍ଗଳଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଶନିବାର ରାତିରେ ବାପପୁଅ ଏକାଠି ଥିଲେ । ରବିବାର ସକାଳୁ ମଙ୍ଗଳଙ୍କ ମୃତଦେହ ଘରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଭେଡ଼େନ ଥାନାଧିକାରୀ ହେମନ୍ତ ରାଓ ସଦଳବଳ ସେଠାକୁ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲା। ସେହିପରି ଶିବଙ୍କୁ ଥାନାକୁ ଆଣି ଜେରା କରିବାବେଳେ ମଙ୍ଗଳଙ୍କୁ ଆକ୍ରମଣ ନେଇ ସେ ସ୍ୱୀକାର କରିଥିବା ପୋଲିସ କହିଛି ।

# ରାଜଘାଟରେ ହେବ ୩ ଅସ୍ଥାୟୀ ଶ୍ମଶାନ

ସମ୍ବଲପୁର,୨୫।୪(ବ୍ୟୁରୋ)

କୋଭିଡ୍ ଦ୍ୱିତୀୟ ଲହରୀ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଭୀମସାରରେ ଦ୍ୱିତୀୟ କୋଭିଡ ମେଡିକାଲ ସହ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇଛି। ଡିଏଚଏଚରେ ଶୀଘ୍ର କୋଭିଡ ମେଡିକାଲ କାର୍ଯ୍ୟକ୍ଷମ କରାଯିବାର ଲକ୍ଷ୍ୟ ରହିଛି। ଏପଟେ ବୁର୍ଲା ଭୀମସାର, ଜିଲା ସଦର ଡାକ୍ତରଖାନା, ବୁର୍ଲା କୋଭିଡ ମେଡିକାଲରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି। ସମ୍ବଲପୁର ସହରର ରାଜଘାଟରେ ମୃତଦେହ ସତ୍କାର ପାଇଁ ହେଉଥିବା ଭିଡରୁ ଏହା ସହଜରେ ଅନୁମାନ କରି ହେଉଛି। ନିୟମିତ ଭାବେ ରାଜଘାଟରେ ପିପିଇ କିଟ ପିନ୍ଧି ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଓ ସାଧାରଣ ଭାବେ ମୃତ୍ୟୁବରଣ କରିଥିବା ୧୫ରୁ ଊର୍ଦ୍ଧ୍ୱ ମୃତଦେହ ସତ୍କାର କରାଯାଉଛି। ବିଦ୍ୟୁତ୍ ଚୁଲା ମଧ ବହୁବର୍ଷ ହେବ ଅଚଳ ହୋଇ ପଡିଛି। ତେଣୁ ମୃତଦେହ ସତ୍କାର ପାଇଁ ଏସଏମସି ପକ୍ଷରୁ ଆଉ ୩ଟି ଅସ୍ଥାୟୀ ଶ୍ମଶାନ କାମ ଆରମ୍ଭ ହୋଇଛି । ରାଜଘାଟ ପରିସରରେ ଏହା ନିର୍ମାଣ କରାଯାଉଛି। ୩ ଦିନ ଭିତରେ



ସମ୍ବଲପୁର ରାଜଘାଟ।

- ଥରକେ ୧୩ ମୃତଦେହ ହୋଇପାରିବ ସତ୍କାର
- ସପ୍ତାହରେ ୭୦ରୁ ଊର୍ଦ୍ଧ୍ୱ ମୃତଦେହ ହେଲାଣି ସତ୍କାର

କାର୍ଯ୍ୟକ୍ଷମ ହୋଇଯିବ ବୋଲି ଏସଏମସି ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ଏକାଥରେ ୧୩ ମୃତଦେହ ସତ୍କାର କରାଯିବାର ବ୍ୟବସ୍ଥା କରାଯାଇଛି। ମିଳିଥିବା ରିପୋର୍ଟ ଅନୁସାରେ ଭୀମସାରରେ ସମ୍ବଲପୁର ସମେତ ବରଗଡ, ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ନୂଆପଡା ସମେତ ପଡୋଶୀ ରାଜ୍ୟର ଲୋକମାନେ ଚିକତ୍ସା ପାଇଁ ଆସିଥାନ୍ତି। ପ୍ରତିଦିନି କୋଭିଡ ମେଡିକାଲ ଓ ଅଣକୋଭିଡ ରୋଗୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥାଏ। ଏହାସହ ସହରର ଅନ୍ୟ ଘରୋଇ ମେଡିକାଲ, ସଦର ଡାକ୍ତରଖାନା ଓ ଘରେ ବିଭିନ୍ନ କାରଣରୁ ଲୋକଙ୍କ ମୃତ୍ୟୁ ଘଟୁଛି। ସମସ୍ତ ସୁବିଧା ଥିବାରୁ ରାଜଘାଟ ଉପରେ ଲୋକମାନେ ନିର୍ଭର କରନ୍ତି। ହେଲେ ବର୍ତ୍ତମାନ ସେଠାରେ ମୃତଦେହ ରଖି ପରିବାର ବର୍ଗଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ବିଦ୍ୟୁତ ଚୁଲା ମଧ ଅଚଳ ହୋଇ ପଡିଛି ଯାହା ଆଉ ଏକ ସମସ୍ୟା ହୋଇଛି । ଏହାକୁ ନେଇ ଧରିତ୍ରୀରେ ଏପ୍ରିଲ ୨୨ ତାରିଖରେ ଖବର ପ୍ରକାଶ ପାଇଥିଲା। ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ ଖୁବଶୀଘ୍ର ଅସ୍ଥାୟୀ ଶ୍ମଶାନରେ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ୨୪ ତାରିଖରୁ ଏହି ଶ୍ମଶାନ କାମ ଆରମ୍ଭ ହୋଇଛ। ଏସଏମସିର ଏହି ପଦକ୍ଷେପ ନେଇ ଲୋକଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଠୁଛ। ବାସ୍ତବରେ କୋଭିଡ ପରିସ୍ଥିତି ସଙ୍ଗୀନ ହୋଇ ମୃତ୍ୟହାର ବୃଦ୍ଧି ପାଇପାରେ ବୋଲି ଆଶଙ୍କା କରାଯାଉଛି।

ସୁଚନା ଯୋଗ୍ୟଯେ, ରାଜଘାଟରେ ପିପିଇ କିଟ ପରିଧାନ କରି ମଙ୍ଗଳବାର ୧୩ ଜଣ, ବୁଧବାର ୧୪, ଗୁରୁବାର ୧୦, ଶୁକ୍ରବାର ୮, ଶନିବାର ୧୪ ଜଣଙ୍କୁ ମିଶାଇ ମୋଟ ୫୯ ଜଣଙ୍କ ସତ୍କାର ହୋଇଥିଲା। ସେହିପିରି ଅନ୍ୟ ୧୪ ମୃତଦେହ ସତ୍କାର କରାଯାଇଥିଲା।

## ଖାଦ୍ୟ ବାଣ୍ଟିଲେ ସାମାଜିକ ଅନୁଷ୍ଠାନ

ସମ୍ବଲପୁର,୨୫।୪ (ବ୍ୟୁରୋ)

କରୋନାର ଦ୍ୱିତୀୟ ଲହରୀ ସହରବାସୀଙ୍କ ନିଦ ହଜାଇ ଦେଇଛି। ରାତ୍ରିକାଳୀନ କର୍ଫ୍ୟୁ ସମେତ ପ୍ରତ୍ୟେକ ଶନିବାର ଓ ରବିବାର ଶଟ୍‌ଡାଉନ କରାଯାଉଛି। ଯଦ୍ୱାରା ଛୋଟ ବଡ ହୋଟେଲଗୁଡିକ ସଂପୂର୍ଣ୍ଣ ବନ୍ଦ ରହିଛି। ତେଣୁ ପଥଚାରୀ, ଡାକ୍ତରଖାନା ଆସୁଥିବା ରୋଗୀଙ୍କ ସମ୍ପର୍କୀୟମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ରବିବାର ସମ୍ବଲପୁର ସ୍ୱାଧୀନ ଫାଉଣ୍ଡେସନ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଫାଟକରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନ ସଭାନେତ୍ରୀ ସ୍ୱୟଂସିଦ୍ଧା ପଟ୍ଟନାୟକ, ସମ୍ପାଦିକା ସ୍ୱାତୀ ବହିଦାର, ଝୁନୁ ତ୍ରିପାଠୀ, ଶରତ ବହିଦାର, ବିକାଶ ଦାଶ, ମୀନା ମାଲାକାର, ଖୁସବୁ ନାୟକ, ସୁମିତ୍ର କୁସୁମ, ରାଜେନ୍ଦ୍ର କୁସୁମ ଓ ଅମୀୟ ପଟ୍ଟନାୟକ ଖାଦ୍ୟବଣ୍ଟନ କରିଥିଲେ।



ସମ୍ବଲପୁର ଶଟ୍‌ଡାଉନ ଥିବାରୁ ସାମାଜିକ କର୍ମୀମାନେ ରନ୍ଧାଖାଦ୍ୟ ବାଣ୍ଟିବା ଲାଗି ପ୍ରସ୍ତୁତ କରୁଛନ୍ତି।



ସଟ୍‌ଡାଉନ ଥିବାରୁ ସମ୍ବଲପୁରର ଲକ୍ଷ୍ମୀ ଟକିଜ ଛକଠାରେ ପୋଲିସ କର୍ମଚାରୀ ଯାଞ୍ଚ କରୁଛନ୍ତି।

**ଦୀନବନ୍ଧୁ ଆତ୍ମାହୁତି ଘଟଣା**

# ରେଜିଷ୍ଟ୍ରାରଙ୍କୁ ଦେଇଥିଲେ ସୁଇସାଇଡ ନୋଟ୍

ସମ୍ବଲପୁର,୨୫।୪ (ବ୍ୟୁରୋ)

ଚାକିରି ସ୍ଥାୟୀ ନ ହେବାରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ର ଅସ୍ଥାୟୀ କର୍ମଚାରୀ ଦୀନବନ୍ଧୁ ମିଶ୍ର(୫୦) ଏପ୍ରିଲ ୨୦ ତାରିଖରେ ଆତ୍ମାହୁତି ଦେଇଥିଲେ। ଏହି ଘଟଣା ଏବେ ନୂଆ ମୋଡ ନେବାରେ ଲାଗିଛି ।

ମିଳିଥିବା ସୂଚନା ମୁତାବକ ଦୀନବନ୍ଧୁ ଆତ୍ମାହୁତି ଦେବାର ପ୍ରାୟ ୧ ଘଣ୍ଟା ପୂର୍ବରୁ ରେଜିଷ୍ଟ୍ରାରଙ୍କୁ ସୁଇସାଇଡ ନୋଟ୍ ଦେଇଥିଲେ। ଯଦି ରେଜିଷ୍ଟ୍ରାର ଏହାକୁ ଗୁରୁତ୍ୱର ସହ ନେଇ ପଦକ୍ଷେପ ଗ୍ରହଣ କରିଥାନ୍ତେ ତା'ହେଲେ ଏଭଳି ଅଭାବନୀୟ ଘଟଣା ଘଟି ନ ଥାନ୍ତା ବୋଲି ଏବେ ଚର୍ଚ୍ଚା ହେଉଛି । ରେଜିଷ୍ଟ୍ରାର ଦୀନବନ୍ଧୁଙ୍କ ସୁଇସାଇଡ୍ ନୋଟ ପାଇବା ପରେ କୁଳପତି ସଞ୍ଜୀବ ମିତ୍ତଲଙ୍କୁ ଅବଗତ କରାଇ ନ ଥିଲେ। ଉକ୍ତ ନୋଟରେ ଦୀନବନ୍ଧୁ ସ୍ପଷ୍ଟ ଭାବେ ଆତ୍ମହତ୍ୟା କରିବା ପାଇଁ ଉଲ୍ଲେଖ କରିଛନ୍ତି । ଏଭଳି ସମ୍ବେଦନଶୀଳ ଘଟଣାକୁ ହାଲୁକା ଭାବେ ରେଜିଷ୍ଟ୍ରାର ନେବାରୁ ଏଭଳି ଅଘଟଣ ଘଟିଯାଇଛି। ଅନ୍ୟପଟେ କୁଳପତି ମଧ ଦୀନବନ୍ଧୁଙ୍କୁ ଦୁର୍ବ୍ୟବହାର କରିବା ଯୋଗୁ ମାନସିକ ଚାପରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହେଉଛି । ଦୁଇଦିନ ଶଟ୍‌ଡାଉନ ଯୋଗୁ ପୋଲିସ ତଦନ୍ତରେ ବାଧା ହୋଇଛି ବୋଲି ତଦନ୍ତ ଅଧିକାରୀ ଡିଏସ୍‌ପି ଶିଶୁରଞ୍ଜନ ମହାପାତ୍ର କହିଛନ୍ତି। ସେ ଆହୁରି କହିଥିଲେ ଯେ, ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ କରୁଛି। ଏହା ଏକ ବଡ ଘଟଣା। ତଦନ୍ତ ଶୀଘ୍ର ସାରିବାକୁ ସବୁ ପ୍ରକାର ଉଦ୍ୟମ କରୁଛୁ ବୋଲି କହିଥିଲେ । ଏ ସମ୍ପର୍କରେ କୁଳପତି ମିତ୍ତଲ କହିଛନ୍ତି ଯେ, ଦୀନବନ୍ଧୁଙ୍କ ଆତ୍ମହତ୍ୟା ଦୁର୍ଭାଗ୍ୟଜନକ। ପରିବାରବର୍ଗଙ୍କୁ ସହଯୋଗ କରିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ଆତ୍ମାହୁତିର ଘଣ୍ଟାଏ ପୂର୍ବରୁ ରେଜିଷ୍ଟ୍ରାରଙ୍କ ପାଖରେ ଦୀନବନ୍ଧୁ ଲିଖିତ ଅଭିଯୋଗ କରିବା ଉପରେ ଏବେ ଆମେ ଜାଣିବାକୁ ପାଉଛୁ। ଏହାକୁ ନେଇ ରେଜିଷ୍ଟ୍ରାର ସୀତାରାମ ପଟେଲଙ୍କୁ ନୋଟିସ କରାଯିବ। କେଉଁ କାରଣରୁ ସେ ଏ ନେଇ ସୂଚନା ଦେଇ ନ ଥିଲେ ଓ ଦୀନବନ୍ଧୁଙ୍କୁ ଆତ୍ମହତ୍ୟା ନ କରିବାକୁ ପଦକ୍ଷେପ ଗ୍ରହଣ କରି ନ ଥିଲେ ସେ ନେଇ ଲିଖିତ ଭାବେ ଜଣାଇବାକୁ ନୋଟିସ କରାଯିବ। ପୋଲିସକୁ ତଦନ୍ତରେ ସମସ୍ତ ସହଯୋଗ କରାଯାଉଛି ଓ ଆଗକୁ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ପ୍ରଶାସନିକ କୋଠା ସମ୍ମୁଖରେ ଗତ ୨୦ ତାରିଖରେ ଦୀନବନ୍ଧୁ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କ ଶରୀରର ପ୍ରାୟ ୯୦ ପ୍ରତିଶତ ପୋଡି ଯାଇଥିଲା। କଟକ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ୨୧ ତାରିଖରେ ବିଜେଡି, ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଏସ୍‌ୟୁ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ଓ ଆନ୍ଦୋଳନ କରାଯାଇଥିଲା। କୁଳପତିଙ୍କୁ ଗିରଫ ଓ ବହିଷ୍କାର ଦାବି ନେଇ ଆନ୍ଦୋଳନ ହୋଇଥିଲା।

- ୧ଘଣ୍ଟାର ଅବହେଳା ଜୀବନ ନେଲା
- ରେଜିଷ୍ଟ୍ରାରଙ୍କୁ ନୋଟିସ ଦିଆଯିବ
- ଶଟ୍‌ଡାଉନ ଯୋଗୁ ୨ ଦିନ ତଦନ୍ତରେ ବାଧା

दिल्ली सरकार
आप की सरकार

ଦିଲ୍ଲୀ ସରକାର ଅକ୍ସିଜେନ୍ ପରିବହନ ପାଇଁ କ୍ରାୟୋଜେନିକ୍ ଟ୍ୟାଙ୍କର୍ସ ଆବଶ୍ୟକ କରୁଛନ୍ତି

ଦିଲ୍ଲୀରେ ଭାରି ମାତ୍ରାରେ ଅକ୍ସିଜେନ୍‌ର ଅଭାବ ଦେଖାଦେଇଛି । ଯଦି ଆପଣ କିମ୍ବା ଆପଣଙ୍କ ସଂସ୍ଥା ନିକଟରେ ଅକ୍ସିଜେନ୍ ଓ ତାହାର ପରିବହନ ପାଇଁ ଟ୍ୟାଙ୍କର୍ସ ଉପଲବ୍ଧ ଅଛି, ତେବେ ଦିଲ୍ଲୀ ସରକାର ଆପଣଙ୍କର ସହଯୋଗ ଆବଶ୍ୟକ କରୁଛନ୍ତି । ଆପଣଙ୍କ ନିକଟରେ ଅକ୍ସିଜେନ୍ ପରିବହନ ପାଇଁ ଖାଲି କ୍ରାୟୋଜେନିକ୍ ଟ୍ୟାଙ୍କର୍ ରହିଥିଲେ ମଧ ଆମକୁ ସୂଚିତ କରନ୍ତୁ । ଏହାଦ୍ୱାରା ଅନ୍ୟ ସ୍ଥାନରୁ ଅକ୍ସିଜେନ୍ ଆଣିବାରେ ଆମକୁ ସହାୟତା ମିଳିବ । ଏହା ଏକ ଜରୁରିକାଳୀନ ଆବଶ୍ୟକତା ଅଟେ । ଦୟାକରି ଆମକୁ ସାହାଯ୍ୟ କରନ୍ତୁ । ଦିଲ୍ଲୀବାସୀ ସବୁଦିନ ପାଇଁ ଆପଣଙ୍କ ନିକଟରେ ଋଣୀ ରହିବେ ।

ଆପଣଙ୍କର ଏହି ସହଯୋଗ ଦ୍ୱାରା ଆମକୁ ହଜାର ହଜାର ଭାଇ ଭଉଣୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାରେ ସହାୟତା ମିଳିବ ।

ଯୋଗାଯୋଗ କରନ୍ତୁ-
ଶ୍ରୀ ଏସ୍.ଏମ୍. ଅଲୀ, ସ୍ୱତନ୍ତ୍ର ସଚିବ
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଦିଲ୍ଲୀ ସରକାର
Phone: 9871006453, 011-23392018
Email: specialsechealth@gmail.com

DIP/Shabdarth/D/0009/21-22
ସୂଚନା ଏବଂ ପ୍ରସାରଣ ନିର୍ଦ୍ଦେଶାଳୟ, ଜାତୀୟ ରାଜଧାନୀ କ୍ଷେତ୍ର, ଦିଲ୍ଲୀ ସରକାର

ନୈତିକତା ଏକ କୃତ୍ରିମ ମାନଦଣ୍ଡରେ ସମସ୍ତଙ୍କୁ ଠିଆ କରିବାକୁ ଚାହୁଁଥିଲା ବେଳେ, ଆଧ୍ୟାତ୍ମିକତା ଜୀବନର ବହୁ ବୈଚିତ୍ର୍ୟ ଭିତରେ ଲାଳାୟିତ ହୁଏ। ଏହା ମଧ୍ୟ ଆତ୍ମାର ସ୍ୱାଧୀନତାକୁ ସାବ୍ୟସ୍ତ କରେ। –ଶ୍ରୀମା

# ଅତର୍ଛା ଦୌଡ଼

ଦିଲ୍ଲୀରେ ଗତ ଦୁଇ ଦିନରେ ପାଖାପାଖି ୫୦ ରୋଗୀଙ୍କ ମୃତ୍ୟୁ ଅକ୍ସିଜେନ୍ ସଙ୍କଟଜନିତ ବୋଲି ସରକାରୀ ତଥ୍ୟ ଦିଆଯାଇଛି। ହେଲେ ଏହି ସଂଖ୍ୟା ଯଥେଷ୍ଟ ଅଧିକ ବୋଲି ଶ୍ମଶାନରେ ପୋଡ଼ାଯାଉଥିବା ଶବଗୁଡ଼ିକର ଚିତ୍ର ଦେଖିଲେ ଜଣାପଡ଼ିଯାଉଛି। ବିଧିବଦ୍ଧ ଯୋଜନାର ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜ୍‌ରିୱାଲ ହାତଯୋଡ଼ି ସବୁ ରାଜ୍ୟକୁ ଅନୁରୋଧ କରିଛନ୍ତି ଅକ୍ସିଜେନ୍ ସିଲିଣ୍ଡର ପଠାଇବାକୁ। ସେହିପରି ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଛତିଶଗଡ଼ ଓ ଗୁଜରାଟରେ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଓଡ଼ିଶାରେ ସେଭଳି ଗମ୍ଭୀର ଅବସ୍ଥା ଦେଖାଦେଇ ନ ଥିଲେ ମଧ୍ୟ ଦୈନିକ ସଂକ୍ରମଣଙ୍କ ସଂଖ୍ୟା ୬ ହଜାର ଉପରେ ରହିବା ଲୋକଙ୍କ ମନରେ ଭୀତି ସଞ୍ଚାର କରିଛି। ମୋଟାମୋଟି କହିଲେ ସ୍ୱାସ୍ଥ୍ୟଜନିତ ଜରୁରିକାଳୀନ ପରିସ୍ଥିତି ଦେଶକୁ କାବୁ କରିଦେଇଛି। ଯୁଆଡ଼େ ଦେଖିଲେ ସବୁଆଡ଼େ କରୋନା ଦ୍ୱିତୀୟ ଲହର ନେଇ ଆଲୋଚନା ହେଉଛି। ସମ୍ଭବତଃ କେହି କହିପାରିବେ ନାହିଁ ଯେ ପ୍ରଥମ ଲହର ରହିଛି କି? ହୁଏତ ଆହୁରି ଲହର ବାକି ଅଛି। ଆଗକୁ ସଂକ୍ରମଣର ସୁନାମି କେଉଁ ରୂପ ଧାରଣ କରିବ କହିହେବ ନାହିଁ। ଦୁର୍ବଳ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଅକ୍ସିଜେନ୍ ଅଭାବ ଓ ରେମ୍‌ଡେସିଭିର୍ ଭଳି ଅତ୍ୟାବଶ୍ୟକ ଔଷଧର ସଙ୍କଟ ଦେଶରେ ଦେଖାଦେଇ ସାରିଲାଣି ବୋଲି ଭାରତବାସୀ ଉପଲବ୍ଧି କଲେଣି। ଏଭଳି ସ୍ଥଳେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ୍ କୀ ବାତ୍'ରେ କେବଳ ସଚେତନତାର ବାର୍ତ୍ତା ବାଣ୍ଟିବା ସହ କରୋନା ଯୋଦ୍ଧା ଓ ଲୋକଙ୍କୁ ପ୍ରଶଂସା କରିବାରେ ବ୍ୟସ୍ତ। ସମ୍ଭବତଃ ସେ ବୁଝିଗଲେଣି ଯେ ଏ ଦେଶରେ ଜନସାଧାରଣଙ୍କୁ ଗୁଣୁଗୁଣେଇବା ଭଳି 'ସ୍ୱଚ୍ଛ ଭାରତ', 'ଅଚ୍ଛେ ଦିନ୍' 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ', 'ଆତ୍ମନିର୍ଭର ଭାରତ' ପରି କିଛି କ୍ୟାଚ୍‌ଫ୍ରେଜେସ୍ ଧରେଇ ଦେଲେ ସେମାନେ ଖୁସି ହୋଇଯିବେ। ଅନେକାଂଶରେ ତାହା ତାଙ୍କୁ ସଫଳତା ଦେଇଦେଉଥିବାରୁ ସେ ଲୋକଙ୍କୁ ସାଙ୍ଗରେ ନେଇ ଅସ୍ୱାଭାବିକ ସ୍ଥିତିକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ସାଧାରଣ ଲୋକ ଏହାର ମୂଲ୍ୟ ନିଜର ଜୀବନ ଦେଇ ଦେଉଛନ୍ତି।

ପ୍ରଥମେ ରାଷ୍ଟ୍ରୀୟ ସ୍ତରର କ୍ଷମତା ଚାଖିଲା ବେଳେ ମୋଦି 'ସ୍ୱଚ୍ଛ ଭାରତ' ସ୍ଲୋଗାନ ଦେଲେ। ଦେଶକୁ ସଫାସୁତୁରା ରଖିବା ପାଇଁ ଲୋକଙ୍କଠାରୁ ସମୟ ମାଗିଲେ ଏବଂ ସେଥିପାଇଁ ସେସ୍ ଭାବେ ଟିକସ ବସାଇଥିଲେ, ଯାହା ଏପର୍ଯ୍ୟନ୍ତ ଦେଶବାସୀ ସବୁଥିରେ ଦେଇଚାଲିଛନ୍ତି। ତା' ପରେ ଆଧାର ଓ ରାଶନ କାର୍ଡ ପାଇଁ ଅତର୍ଛା ଦୌଡ଼ାଇଲେ। କଳାଧନ ଫେରାଇ ଆଣିବା ସକାଶେ ଆଗକୁ ଅଚ୍ଛେ ଦିନ୍ ଆସୁଛି ବୋଲି କହିଲେ। ବିମୁଦ୍ରୀକରଣରେ ଲୋକେ ଯେତେବେଳେ ଦୁଃଖ ପାଇଲେ ସେମାନଙ୍କୁ ସୀମାନ୍ତରେ ସୈନ୍ୟମାନଙ୍କ କଷଣର ଦୃଷ୍ଟାନ୍ତ ଦେଇ କହିଲେ ଭଲ କାର୍ଯ୍ୟ ପାଇଁ ନାଗରିକମାନେ ତାହାକୁ ସହ୍ୟ କରନ୍ତୁ। ସେଥିସକାଶେ ସେ ୫୦ ଦିନ ସମୟ ଚାହିଁଲେ। ଏନ୍‌ଆର୍‌ସି ଏବଂ ସିଏଏ ଭଳି ପ୍ରସଙ୍ଗରେ କହିଲେ ଯଦି ସେ ଠିକ୍ କହୁଛନ୍ତି, ତେବେ ଜନତା ଗୋଟେ ମିସ୍‌ଡ କଲ ଦିଅନ୍ତୁ। ଯଦି ଭୁଲ ଭାବୁଛନ୍ତି, ତାହା ହେଲେ ମିସ୍‌ଡ କଲ୍ ଦିଅନ୍ତୁ ନାହିଁ। ପରେ ମିସ୍‌ଡ କଲ୍‌କୁ ଗଣାଯିବ। ଏଲ୍‌ପିଜି ସବ୍‌ସିଡି ଛାଡ଼ ଲାଗି ସ୍ଲୋଗାନ ଦେଇଥିଲେ। କେତେ ଲୋକ ସବ୍‌ସିଡି ପରିତ୍ୟାଗ କଲେ ତାହାର ତଥ୍ୟ ଦିଆ ନ ଯାଇ ଗ୍ୟାସ୍ ଟାଙ୍କି ମହିଳାଙ୍କ ହାତରେ ଧରେଇ ଦିଆଯାଇଥିବାର ଚିତ୍ର ପ୍ରକାଶ କରାଗଲା। କଶ୍ମୀର ସମସ୍ୟାର ସମାଧାନ ସକାଶେ ୩୦ ଦିନ ସମୟ ମାଗିଲେ। ଏବେ ସେହି ରାଜ୍ୟରୁ ସବୁ ଖବର ପଦାକୁ ଆସିପାରୁ ନ ଥିବାରୁ ବାସ୍ତବ ସ୍ଥିତି କେହି ଜାଣିପାରୁ ନାହାନ୍ତି। ସେଠାରେ ଅଧିକ ସୁରକ୍ଷା ବାହିନୀ ମୁତୟନ କରାଯାଇଥିବା ହେତୁ ରାଜକୋଷରୁ କରଦାତାଙ୍କ ଅର୍ଥ ଖର୍ଚ୍ଚ ହେଉଛି। ଗତବର୍ଷ କରୋନା ଭୂତାଣୁଜନିତ ସଂକ୍ରମଣ ବଢ଼ିବାରୁ ଲୋକଙ୍କୁ ତାଳି ମାରିବା, ଥାଳି ଓ ଘଣ୍ଟ ପିଟିବା, ୯ଟା ବେଳେ ୯ ମିନିଟ୍ ଦୀପ ଜାଳିବା କାମ ଧରାଇଦେଲେ। ଜନସାଧାରଣ 'ଘୋ'ରେ ମାତି ପ୍ରଧାନମନ୍ତ୍ରୀଙ୍କ କଥା ମାନିଲେ। କୋଭିଡ୍ ସ୍ଥିତିରେ ଲୋକଙ୍କୁ ଆତ୍ମନିର୍ଭର କରିବା ଲାଗି ୫ ପର୍ଯ୍ୟାୟରେ ୨୦ ଲକ୍ଷ କୋଟି ଟଙ୍କା କେନ୍ଦ୍ର ସରକାର ଘୋଷଣା କଲେ। ହେଲେ ସେଥିରୁ ସର୍ବାଧିକ ଋଣ ଆକାରରେ ଥିଲା। ଚଳିତବର୍ଷ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ନିର୍ବାଚନ ଥିବାରୁ ନୂଆ ରଣକୌଶଳ ତିଆରି କଲେ। ରାଜ୍ୟଗୁଡ଼ିକୁ ଜାତୀୟ ସ୍ରୋତରେ ସାମିଲ କରିବା କଥା ବାରମ୍ବାର ଦୋହରାଇଲେ। ନିର୍ବାଚନ ସଭାରେ ନିଜେ ମାସ୍କ ନ ପିନ୍ଧି ମୋଦି କୋଭିଡ୍ ନିୟମକୁ ପାଳନ କରିବା ଲାଗି ଉପରଠାଉରିଆ ପରାମର୍ଶ ଦେଲେ। ଅନେକ ସଭାରେ କହିଲେ ଏତେ ସଂଖ୍ୟକ ଦର୍ଶକ ଏକସଙ୍ଗେ ସେ କେବେ ଦେଖି ନ ଥିଲେ। ସ୍ଥିତି ଯେତେବେଳେ ଅଣାୟତ୍ତ ହୋଇଗଲା, ସେତେବେଳେ ଗୋଟିଏ ଦୁଇଟି ସଭା କାର୍ଯ୍ୟକୁ ବାତିଲ କଲେ। ଚତୁରତାର ସହ ନାଟକୀୟ ଢଙ୍ଗରେ କୁମ୍ଭମେଳାକୁ ବନ୍ଦ କରାଇଦେଲା ବେଳକୁ କ୍ଷତି ମୁଣ୍ଡ ଉଚ୍ଚା ପହଞ୍ଚି ସାରିଥିଲା।

ଉପରଲିଖିତ ଘଟଣାଗୁଡ଼ିକୁ ତର୍ଜମା କଲେ ବୁଝାପଡୁଛି ଯେ, ପ୍ରଧାନମନ୍ତ୍ରୀ ସିଧାସଳଖ ପ୍ରସଙ୍ଗକୁ ନ ଯାଇ ଲୋକଙ୍କଠାରୁ ଅନୁଗ୍ରହ ଆଶା କରି ସେମାନଙ୍କୁ ସମସ୍ୟା ଭିତରେ ବୁଡ଼ାଇ ରଖିବାରେ ବ୍ୟସ୍ତ। ମେଞ୍ଚେ କଥା ଓ ଲୋକଙ୍କୁ ଅଣଉତ୍ପାଦନକ୍ଷମ କାର୍ଯ୍ୟରେ ବ୍ୟସ୍ତ ରଖି ନିଜ ସମୟ ବିତାଇବା ହୋଇଯାଇଛି ମୂଳ ଲକ୍ଷ୍ୟ। ସେହି ଲକ୍ଷ୍ୟ ହାସଲ କରିବା ପାଇଁ ଆଦାନୀ, ଅମ୍ବାନୀ, ପୁନାୱାଲାଙ୍କ ଭଳି ହାତଗଣତି କୋଟିପତିଙ୍କୁ ଆହୁରି ଅଧିକ ଧନୀ କରାଇ ଦେଉଛନ୍ତି। କୌତୂହଳର ବିଷୟ ଯେ, ୨୦୨୧ କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କୋଭିଡ୍ ଟିକା ବାବଦରେ ୩୫ ହଜାର କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ସେହି ଅର୍ଥ କୁଆଡ଼େ ଗଲା ପ୍ରଶ୍ନ କରିବାକୁ କେହି ନାହିଁ। ଏବେ ରାଜସ୍ଥାନ ଭଳି ରାଜ୍ୟ ନିଜ ରାଜକୋଷରୁ ସମସ୍ତଙ୍କୁ ମାଗଣା ଟିକା ଦେବ ବୋଲି ଘୋଷଣା କଲା। ଓଡ଼ିଶା ତାହାକୁ ଅନୁକରଣ କରିଛି। ହେଲେ କେନ୍ଦ୍ର ଯେଉଁ ହାରକିନି ଦେଖାଇଥିଲା ଯେ ପ୍ରତ୍ୟେକ ଭାରତୀୟଙ୍କୁ ମାଗଣା ଟିକା ଦିଆଯିବ, ତାହା ଧୂଆଁବାଣ ଭଳି ମନେହେଉଛି। ନିକଟରେ 'ଟିକା ଉତ୍ସବ' ପାଳନ କରି ଲୋକଙ୍କ ମନରେ ଆଶା ସଞ୍ଚାର କରିଥିଲେ। ବର୍ତ୍ତମାନ ଆଲୋଚନା ହେଉଛି ସାଧାରଣ ଲୋକଙ୍କୁ ଟିକା କେଉଁ ଦରରେ ଦିଆଯିବ। ଏହା ଏକ ନୂଆ ଚଡ଼କ। ଏବେ ରାଜ୍ୟଗୁଡ଼ିକ ଉପରେ ଦାୟିତ୍ୱ ନ୍ୟସ୍ତ କରିଦେବା ଫଳରେ କେନ୍ଦ୍ର ତାହାର ହାତ ଧୋଇ ବସିଗଲାଣି।

# ବିପଦ ବଢ଼େଇବ ଖୋଲା ବଜାର



ବିଚିତ୍ର ବିଶ୍ୱାଳ

ବିବାଦୀୟ କୃଷି ଆଇନ ତିନୋଟିକୁ ନେଇ ସାରା ଦେଶ ଏବେ ଦୁଇ ଭାଗ ହୋଇଯାଇଛି। ସରକାର ଓ ତାଙ୍କ ସମର୍ଥକମାନେ କହୁଛନ୍ତି, ଚାଷୀର ଉତ୍ପାଦକୁ କିଣିବା ପାଇଁ ବଜାରକୁ ଖୋଲା କରିଦେଲେ ଉତ୍ପାଦର ଉଚିତ୍ ମୂଲ୍ୟ ମିଳିପାରିବ ଓ ଚାଷୀ ଲାଭବାନ୍ ହେବେ। ଅନ୍ୟପକ୍ଷରେ ଆଇନ ତିନୋଟିକୁ ବିରୋଧ କରୁଥିବା ଚାଷୀ ଓ ବୁଦ୍ଧିଜୀବୀମାନେ କହୁଛନ୍ତି, ସର୍ବନିମ୍ନ ସହାୟକ ମୂଲ୍ୟକୁ କଡ଼ାକଡ଼ି ନ କରି ଚାଷୀର ଉତ୍ପାଦକୁ ଖୋଲା ବଜାରରେ ଛାଡ଼ିଦେଲେ ଚାଷୀ ଅଧିକ ଶୋଷଣର ଶିକାର ହେବ ଓ ଅଧିକ କ୍ଷତି ସହିବ। ଚାଷୀର ଅବସ୍ଥା ଆହୁରି ସଂକଟାପନ୍ନ ହେବ। ମୁଖ୍ୟତଃ ଏହି ଦୁଇ ପ୍ରକାର ବୁଝାମଣା ଉପରେ କୃଷି ଆଇନ ତିନୋଟିକୁ ବିରୋଧ କରାଯାଉଛି ବା ସମର୍ଥନ କରାଯାଉଛି। ଏବେ ଆମେ ଭିନ୍ନ ଭିନ୍ନ ଦେଶର ପରିସ୍ଥିତିକୁ ତର୍ଜମା କରି ଦେଖିବା ଯେ, ଚାଷୀର ଉତ୍ପାଦ ପାଇଁ ବଜାର ଖୋଲା କରିଦେଲେ ଚାଷୀର ବାସ୍ତବ ଅର୍ଥରେ ଲାଭ ହେବ କି କ୍ଷତି ହେବ!

ସଂପ୍ରତି ଉଦାରୀକରଣ ଅର୍ଥନୀତି ସମୟରେ ଗୋଟିଏ କଥା ବାରମ୍ବାର କୁହାଯାଉଛି ଯେ, ସମସ୍ତଙ୍କ ପାଇଁ ବଜାର ଖୋଲା କରିଦେଲେ ଏକ ପ୍ରତିଯୋଗିତାମୂଳକ ପରିସ୍ଥିତି ସୃଷ୍ଟି ହୋଇ ଉଭୟ ଉତ୍ପାଦକ ଓ ଖାଉଟି ଲାଭବାନ୍ ହେବେ। ଏହି ଆଧାରରେ ହିଁ କୁହାଯାଉଛି, ଚାଷୀମାନଙ୍କ ଉତ୍ପାଦକୁ କିଣିବା ପାଇଁ ବଜାରକୁ ଖୋଲି ଦେଲେ ଚାଷୀମାନେ ମୂଲଚାଲ କରିବାର ସୁଯୋଗ ପାଇବେ ଓ ନିଜ ଉତ୍ପାଦକୁ ଅଧିକ ଦାମ୍‌ରେ ବିକିବା ପାଇଁ ସକ୍ଷମ ହୋଇପାରିବେ। କିନ୍ତୁ ଏହି କଥା କହିବା ବେଳେ ଗୋଟିଏ କଥା ଆମେ ବାରମ୍ବାର ଭୁଲିଯାଉଛେ ଯେ, ପ୍ରତିଯୋଗିତା କେବଳ ସମାସ୍କନ୍ଧଙ୍କ ମଧ୍ୟରେ ସମ୍ଭବ। ଯଦି ଦୁଇ ଜଣ ସମାସ୍କନ୍ଧ ନ ହେବେ, ଅର୍ଥାତ୍ ଜଣେ ବହୁତ ବଡ଼ ଧନୀ ଓ ଜଣେ ଅତ୍ୟନ୍ତ ଗରିବ ହେବ, ତେବେ ସେମାନଙ୍କ ମଧ୍ୟରେ କେବେ ବି ସୁସ୍ଥ ପ୍ରତିଯୋଗିତା ସମ୍ଭବ ନୁହେଁ। ପ୍ରତିଯୋଗିତା ନାଁରେ ସେମାନଙ୍କ ମଧ୍ୟରେ ଯାହା ହେବ, ତାହା ହେଉଛି ଶକ୍ତିଶାଳୀର ଦୁର୍ବଳ ଉପରେ ଅତ୍ୟାଚାର। କାରଣ ବଡ଼ ମାଛ ଓ ଛୋଟ ମାଛ ମଧ୍ୟରେ କେବେ ବି ପ୍ରତିଯୋଗିତା ସମ୍ଭବ ନୁହେଁ। ବଡ଼ ମାଛ ଓ ଛୋଟ ମାଛକୁ ଖୋଲାରେ ଛାଡ଼ିଦେଲେ ବଡ଼ ମାଛ ଛୋଟ ମାଛକୁ ଖାଇଯିବ। ସେମିତି ବାଘ ଓ ଛେଳି ମଧ୍ୟରେ କେବେ ବି ପ୍ରତିଯୋଗିତା ସମ୍ଭବ ନୁହେଁ। ପ୍ରକାରାନ୍ତରେ ବାଘ ଛେଳିକୁ ଖାଇବା ହିଁ ସାର ହେବ। ଠିକ୍ ସେହିପରି ଚାଷୀମାନଙ୍କ ଉତ୍ପାଦକୁ କିଣିବା ପାଇଁ ବଜାର ଖୋଲିଦେଲେ, ବଜାରରେ ଥିବା ବଡ଼ ଖେଳାଳିମାନେ ଅର୍ଥାତ୍ ବଡ଼ ବଡ଼ ଧନ କୁବେର କଂପାନୀଗୁଡ଼ିକ ଚାଷୀର ଉତ୍ପାଦକୁ କମ୍ ଦାମ୍‌ରେ କିଣିବେ ଓ ଖାଉଟିକୁ ଅଧିକ ଦାମ୍‌ରେ ବିକିବେ। ଏହି ଧନ କୁବେରମାନଙ୍କ ସହିତ ଗରିବ ଚାଷୀ କେବେ ବି ମୂଲଚାଲ କରିବାକୁ ସକ୍ଷମ ହୋଇପାରିବ ନାହିଁ। ଏଥିରେ କେବଳ ଚାଷୀ ନୁହେଁ, ଭବିଷ୍ୟତରେ ଖାଉଟିମାନେ ବି କ୍ଷତି ସହିବେ। ଏହି ପ୍ରକାର ଖୋଲା ବଜାରର ବିଚାର ବହୁତ ପୂର୍ବରୁ ଅନେକ ଦେଶ ଆପଣେଇ ସାରିଛନ୍ତି ଓ ସେହି ସବୁ ଦେଶର ଚାଷୀମାନେ ଏବେ ତାହାର ପରିଣାମ ଭୋଗ କରୁଛନ୍ତି।

ବିକାଶର କଥା ଆସିଲେ, ସବୁବେଳେ ଉଦାହରଣ ଦିଆଯାଉଥିବା ଦେଶ ଆମେରିକାର କୃଷି ସଚିବ ଟମ୍ ଭିଲ୍‌ସାକ୍ ଗତ ଏପ୍ରିଲ ୨ ତାରିଖରେ ଏକ ଟୁଇଟ୍ କରି କହିଛନ୍ତି ଯେ, ଆମେରିକାର ୯୦% କୃଷକ ଚାଷରୁ ଲାଭ ପାଇପାରୁନାହାନ୍ତି। ତେଣୁ ଆମର କୃଷି ଓ ଖାଦ୍ୟ ବ୍ୟବସ୍ଥାରେ ସଂସ୍କାର ଆଣିବାର ସମୟ ଆସିଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଅନେକ ଆଗରୁ ଆମେରିକାରେ ଚାଷୀମାନଙ୍କ ଉତ୍ପାଦକୁ କିଣିବା ପାଇଁ ବଜାର ଖୋଲି ଦିଆଯାଇଛି। ବର୍ତ୍ତମାନ ପରିଣାମ ହେଉଛି ଯେ, ଚାଷୀମାନେ ତାଙ୍କ ଉତ୍ପାଦର ଉଚିତ୍ ମୂଲ୍ୟ ପାଉନାହାନ୍ତି। କୃଷି ଓ ଖାଦ୍ୟ ନୀତି ବିଶାରଦ ଦେବୀନ୍ଦର ଶର୍ମା କୁହନ୍ତି, ଏହା ବିଶ୍ୱାସ କରିବାକୁ କଷ୍ଟ ହେଲେ ମଧ୍ୟ ସତ୍ୟ ଯେ କାନାଡ଼ାରେ ଆଜି ଚାଷୀମାନେ ଗହମର ଯେତିକି ମୂଲ୍ୟ ପାଉଛନ୍ତି, ଶହେ ବର୍ଷ ତଳେ ପାଉଥିବା ମୂଲ୍ୟଠାରୁ କମ୍। ଆମେରିକାରେ ମଧ୍ୟ ପରିସ୍ଥିତି ଠିକ୍ ଏହିପରି। ତା'ହେଲେ ଖୋଲା ବଜାର ଚାଷୀମାନଙ୍କୁ ଆଣି କେଉଁଠି ପହଞ୍ଚେଇଲା? ଏହା ମଧ୍ୟ ନୁହେଁ ଯେ, ଗହମର ଚାହିଦା ସେହିସବୁ ଦେଶରେ କମିଛି। ଗହମ ଏକ ମୁଖ୍ୟ ଖାଦ୍ୟ ହୋଇଥିବା ଯୋଗୁ ଏହାର ଚାହିଦା ବଢୁଥିବା ବେଳେ ଓ ଚାଷୀର ଉତ୍ପାଦ କିଣିବା ପାଇଁ ବଜାର ଖୋଲି ଦିଆଯାଇଥିବା ବେଳେ, ପୁଣି ଚାଷୀମାନେ ଉପଯୁକ୍ତ ମୂଲ୍ୟ ପାଉନାହାନ୍ତି କାହିଁକି? ୟୁନାଇଟେଡ୍ ଷ୍ଟେଟ୍‌ସ ଫାର୍ମର ୟୁନିଅନ୍ ଅନୁସାରେ ଗତ ଚାଳିଶ ବର୍ଷ ହେବ ନିୟମିତ ଭାବେ ଆମେରିକାରେ ମଟର ଚଣାର ମୂଲ୍ୟ କମି କମି ଚାଲିଛି ଓ ପରିଣାମ ସ୍ୱରୂପ ପ୍ରତି ଚାରି ଜଣରୁ ତିନି ଜଣ ମଟର ଚଣା ଚାଷୀ ଚାଷ ଛାଡ଼ି ସାରିଲେଣି। ଏହା ସେତେବେଳେ ହୋଇଛି, ଯେତେବେଳେ ମଟର ଚଣାର ଚାହିଦା ଆମେରିକାରେ ବହୁତ ଉଚ୍ଚରେ ଅଛି। ଆମେରିକାରେ ପ୍ରତି ପାଉଣ୍ଡ ମଟର ଚଣାର ମୂଲ୍ୟ ୧୯୮୦ରେ ୧ ଡଲାର ଥିବା ବେଳେ ୨୦୨୦ରେ ୦.୨୫ ଡଲାର ହୋଇଛି। ହାରାହାରି ୭୫% ମୂଲ୍ୟ ହ୍ରାସ ହୋଇଛି। ଏହା ଆଦୌ ବି ଅତ୍ୟଧିକ ପରିମାଣର ଉତ୍ପାଦନ ପାଇଁ ହୋଇନାହିଁ। ୱାଶିଂଟନ୍ ପୋଷ୍ଟର ଏକ ରିପୋର୍ଟ ଅନୁସାରେ କେବଳ ତିନୋଟି କଂପାନୀ ଆମେରିକାରେ ମଟର ଚଣା ବଜାରକୁ ନିୟନ୍ତ୍ରଣ କରୁଛନ୍ତି ଓ ସେମାନେ ଜାଣି ଜାଣି ମଟର ଚଣାର ମୂଲ୍ୟକୁ କମ୍ ରଖୁଛନ୍ତି। ଏହା ଚାଷୀମାନଙ୍କ ବିରୋଧରେ ଏକ ପ୍ରକାର ମ୍ୟାଚ୍ ଫିକ୍ସିଂ ଭଳି। ୧୨ ହଜାର ମଟର ଚଣା ଚାଷୀ ଏହା ବିରୋଧରେ ଆଇନଗତ ପଦକ୍ଷେପ ନେବାରୁ ଏହି ତିନୋଟି କଂପାନୀ ଏବେ ଚାଷୀମାନଙ୍କୁ ୧୦୩ ମିଲିଅନ୍ ଡଲାର କ୍ଷତିପୂରଣ ଦେବାକୁ ରାଜି ହୋଇଛନ୍ତି। ଏହି ପ୍ରକାର ମ୍ୟାଚ୍ ଫିକ୍ସିଂ କେବଳ ମଟଣ ଚଣା କ୍ଷେତ୍ରରେ ହେଉନାହିଁ ବା ଆମେରିକାରେ ହେଉନାହିଁ, ସମସ୍ତ ଫସଲ କ୍ଷେତ୍ରରେ ଓ ଭିନ୍ନ ଭିନ୍ନ ଦେଶରେ ହେଉଛି, ଯାହାର ପରିଣାମ ଚାଷୀମାନେ ଭୋଗ କରୁଛନ୍ତି।

ଆମେରିକା ଓ ୟୁରୋପର ଭିନ୍ନ ଭିନ୍ନ ଦେଶରେ ଛୋଟ ଚାଷୀମାନଙ୍କର ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଉଛି। ଖୁବ୍ କମ୍ ଲୋକ ଚାଷରେ ଅଛନ୍ତି। କାନାଡ଼ାରେ ଜଣେ ଜଣେ ଚାଷୀଙ୍କର ଚାଷ କ୍ଷେତ୍ରର ହାରାହାରି ଆକାର ୩ ହଜାର ଏକରରେ ପହଞ୍ଚିଛି। ଆମ ଦେଶର ନୀତି ଆୟୋଗ କହୁଛି ଯେ, ଚାଷୀମାନଙ୍କର ସଂଖ୍ୟା କମିଲେ ଓ ଖୁବ୍ କମ୍ ଲୋକ ଚାଷରେ ରହିଲେ ଚାଷୀମାନଙ୍କର ଲାଭ ହେବ। ସେଥିପାଇଁ ଚାଷୀମାନଙ୍କର ସଂଖ୍ୟା କମେଇବାକୁ ସରକାର ବିଭିନ୍ନ ପ୍ରକାର ଫନ୍ଦିଫିକର କରୁଛନ୍ତି। କିନ୍ତୁ ଏହି ବିଚାର ଆଦୀ ସତ୍ୟ ନୁହେଁ। ଗତ ସତୁରି ବର୍ଷ ମଧ୍ୟରେ ଆମେରିକାରେ ଚାଷୀମାନଙ୍କର ସଂଖ୍ୟା ବହୁପରିମାଣରେ କମିଛି। ଅଷ୍ଟ୍ରେଲିଆରେ ଗତ ଚାଳିଶ ବର୍ଷ ମଧ୍ୟରେ ୨୫% ଚାଷୀ ଚାଷ ଛାଡ଼ି ଦେଇଛନ୍ତି। କିନ୍ତୁ ତଥାପି ଏହିସବୁ ଦେଶରେ ଚାଷୀମାନଙ୍କର ଅବସ୍ଥା ଦିନକୁ ଦିନ ଅଧିକ ସଂକଟାପନ୍ନ ହୋଇଛି। ଆମେରିକାରେ ମାତ୍ର ୧.୫% ଲୋକ ଚାଷରେ ଅଛନ୍ତି, କିନ୍ତୁ ସେଠାରେ ଚାଷୀମାନଙ୍କ ଉପରେ ଋଣଭାର ୨୦୨୦ ସୁଦ୍ଧା ୪୨୫ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି କାନାଡ଼ାରେ ଚାଷୀମାନଙ୍କର ସଂଖ୍ୟା ଦ୍ରୁତ ଗତିରେ କମିଥିବା ବେଳେ ୨୦୦୦ ତୁଳନାରେ ୨୦୨୦ରେ ସେଠାରେ ଚାଷୀମାନଙ୍କ ଉପରେ ଋଣଭାର ଦୁଇଗୁଣ ହୋଇ ୧୦୨ ବିଲିୟନ ଡଲାରରେ ପହଞ୍ଚିଛି। ଫ୍ରାନ୍ସରେ ମାତ୍ର ୭% ଲୋକ ଚାଷରେ ଥିବାବେଳେ ସେଠାରେ ୪୪% ଚାଷୀ ୪ ଲକ୍ଷ ୟୁରୋ ମୁଣ୍ଡ ପିଛା ଋଣଭାରରେ ଅଛନ୍ତି। ଏହିପରି ଅନେକ ପରିସଂଖ୍ୟାନ ଅଛି ଓ ଆମକୁ ଶିକ୍ଷା ଦେଉଛି ଯେ, କେବଳ ଚାଷୀମାନଙ୍କର ସଂଖ୍ୟା କମିଗଲେ ବା ଚାଷୀମାନଙ୍କର ଉତ୍ପାଦକୁ କିଣିବା ପାଇଁ ବଜାର ଖୋଲା କରିଦେଲେ ଚାଷୀମାନଙ୍କର ଲାଭ ହେବ ନାହିଁ। ଓଲଟି ଅଧିକ କ୍ଷତି ହେବ। କାରଣ ଖୋଲା ବଜାରରେ ଥିବା ବଡ଼ ବଡ଼ ଧନ କୁବେର କଂପାନୀମାନେ ଧୀରେ ଧୀରେ କୃଷି ଉତ୍ପାଦର ବଜାର ଉପରେ ନିଜର ନିୟନ୍ତ୍ରଣ ଜାହିର କରି ବସିବେ ଓ ସେମାନଙ୍କର ଏକଚାଟିଆ ଅଧିକାର ସ୍ଥାପନ କରିବେ। ସେତେବେଳେ ସରକାର ବି ଚାଷୀଙ୍କ ପାଇଁ ନଥିବ। ସେତେବେଳେ ସେହି କଂପାନୀମାନେ କୃଷି ଉତ୍ପାଦର ମୂଲ୍ୟକୁ ନିଜ ଇଚ୍ଛାନୁସାରେ ଫିକ୍ସିଂ କରିବେ। ପରିଣାମ ସ୍ୱରୂପ ଚାଷୀ ଓ ଖାଉଟି ଉଭୟ କ୍ଷତି ସହିବେ। ଅନେକ ଦେଶ ଏବେ ଏହା ଭୋଗୁଛନ୍ତି। ଦୁର୍ଭାଗ୍ୟର ବିଷୟ, ଆମ ସରକାର ବର୍ତ୍ତମାନ ସେହି ରାସ୍ତାରେ ଚାଷୀଙ୍କୁ ଓ ଆମ ଖାଦ୍ୟ ବ୍ୟବସ୍ଥାକୁ ନେବାକୁ ଚାହୁଁଛନ୍ତି। ଏହା ଭବିଷ୍ୟତରେ ଏକ ବଡ଼ ବିପର୍ଯ୍ୟୟକୁ ଡାକି ଆଣିବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

# ରୋଜଗାରର ଅନ୍ୟ ବିକଳ୍ପ



ନୀଲିମା ନିବେଦିତା

କରୋନା ମହାମାରୀରେ କେବଳ ଦେଶ ନୁହେଁ ବରଂ ବିଶ୍ୱର କୋଣ ଅନୁକୋଣରେ ଅଧିକାଂଶ ବ୍ୟକ୍ତି ନିଜର ବେଉସା ତଥା ଚାକିରି ହରାଇଲେ। ଅର୍ଥନୀତିର ବଡ଼ କ୍ଷତି ସହିବାକୁ ପଡ଼ିଲା ସମଗ୍ର ବିଶ୍ୱକୁ। ବେରୋଜଗାରୀ ବଢ଼ିବା ସମୟରେ ରୋଜଗାରକୁ ନେଇ ମନରେ ଏକ ପ୍ରଶ୍ନ ଉଙ୍କି ମାରିବା ସ୍ୱାଭାବିକ। ଏ ସମୟରେ ଜଣେ ବନ୍ଧୁ ପ୍ରଶ୍ନ କଲେ – ଶିକ୍ଷିତ ହେଉ କିମ୍ବା ଅଶିକ୍ଷିତ, ପଶୁପକ୍ଷୀଙ୍କୁ ମାରି ସେମାନଙ୍କ ମାଂସ ବିକି ତ ଅନେକ ଲୋକଙ୍କୁ ରୋଜଗାର ମିଳୁଛି! ତେବେ ଆଧ୍ୟାତ୍ମବାଦରେ ମାଂସାହାରକୁ ବିରୋଧ କାହିଁକି? ଉତ୍ତର ରଖିବା ପୂର୍ବରୁ କିନ୍ତୁ ଉକ୍ତ ପ୍ରଶ୍ନକର୍ତ୍ତାଙ୍କୁ କେତୋଟି ପ୍ରଶ୍ନ ପଚାରିବାକୁ ଇଚ୍ଛା କଲେ ଅନ୍ୟଜଣେ ସଜ୍ଜନ। ସାମାନ୍ୟ ଉଚ୍ଚା ଗଳାରେ ପଚାରିଲେ, ରାସ୍ତାରେ ଯାଉଥିବା କାହାର ଗଳା କାଟି ତେବେ ରୋଜଗାର କରିହେବ? ହେବ କି ନାଇଁ? କାହାକୁ ହତ୍ୟା କରିବା ପାଇଁ ସୁପାରି ନେଇ ବି ତ ପଇସା ରୋଜଗାର କରିପାରିବ ଜଣେ? ତେବେ କାହିଁକି ଏମାନଙ୍କୁ ଆଇନ ଦୋଷୀ ସାବ୍ୟସ୍ତ କରେ ଏବଂ ଦଣ୍ଡ ଦିଏ? ଏବେ ଆଇନ ସାମ୍ନାରେ ବି ସମାନ ତର୍କ ରଖ। ଚୋର କହିବ, ଚୋରି କଲେ ରୋଜଗାର ହୁଏ, ଡକାୟତ କହିବ ଲୁଟ୍ କରି ସିଏ ରୋଜଗାର କରୁଛି! ସେହିପରି ଅପହରଣ କରୁଥିବା ଲୋକ କହିବ ଅପହରଣ କରି ବ୍ଲାକମେଲିଂ କଲେ ମୋର ରୋଜଗାର ହୁଏ। ଜଣେ ଅପହରଣକାରୀ କ'ଣ କୁହେ? ମୋତେ ଏତିକି ଟଙ୍କା ଦିଅ, ଆଉ ତମ ନିଜର ପ୍ରିୟଜନକୁ ନେଇଯାଅ, ମୁଁ ତା'ର କୌଣସି କ୍ଷତି କରିବାକୁ ଚାହୁଁନାହିଁ। ଲାଗୁନି, ଏ ସବୁ ତର୍କ ନିହାତି ନିମ୍ନ ସ୍ତରର, ଅର୍ଥହୀନ?

ନୈତିକତା ଦୃଷ୍ଟିକୋଣରୁ ଦେଖିଲେ ଯଦି କାର୍ଯ୍ୟ ନିମ୍ନମାନର, ହାନିକାରକ ତେବେ ତାକୁ ରୋଜଗାରର ମାଧ୍ୟମ କହିହେବ ନାହିଁ, ମାନି ହେବ ନାଇଁ। ଅନ୍ୟଥା ଯଦି କିଏ କାହାର ଗଳା କାଟି ତା' ବଦଳେ ଟଙ୍କା ନିଏ ଏବଂ କହେ ଯେ ଏହା କରିବା ମୋର ଉଦ୍ଦେଶ୍ୟ ନ ଥିଲା, କେବଳ ରୋଜଗାର ପାଇଁ ମୋତେ ଏ କାର୍ଯ୍ୟ କରିବାକୁ ପଡ଼ିଲା, ତେବେ ତାକୁ ଆମେ କ'ଣ କହିବା? ଏବେ ଆସନ୍ତୁ ଯିବା ଆର୍ଥିକ ଦିଗକୁ। ଯେତେବେଳେ ବି ଅର୍ଥ ବ୍ୟବସ୍ଥାରେ ଏମିତି କିଛି ହୁଏ ଯାହା ଅର୍ଥ ବ୍ୟବସ୍ଥାରୁ ତା'ର ମୂଲ୍ୟକୁ ହ୍ରାସ କରୁଥାଏ, ତେବେ ତାହା ସମ୍ପୂର୍ଣ୍ଣ ଅର୍ଥବ୍ୟବସ୍ଥା ପାଇଁ ହିଁ କ୍ଷତିକାରକ। ଫରକ୍ କେବଳ ଏତିକି ଯେ, ଏହି କ୍ଷତି କୋଟିଏରୁ ଊର୍ଦ୍ଧ୍ୱ ଲୋକଙ୍କୁ ସମାନ ଭାବରେ ସମାନ ସମୟରେ ହୁଏ ଏବଂ ଏତେ ଅଳ୍ପ ମାତ୍ରାରେ ହୁଏ ଯେ ତାହା ମାଲୁମ ପଡ଼େନା।

ଏକ ଦୃଷ୍ଟାନ୍ତ ଦ୍ୱାରା ଆସନ୍ତୁ ବୁଝିବା। ଦିନକୁ ଦିନ ଆମ ଚାରିପଟ ଜଙ୍ଗଲ କଟା ହୋଇଚାଲିଛି। ଜଙ୍ଗଲର ଅବକ୍ଷୟ ଯୋଗୁ ବାୟୁ ପ୍ରଦୂଷଣ ହେଉଛି। ଠିକ୍? ଯେତେବେଳେ ବାୟୁମଣ୍ଡଳ ହିଁ ଖରାପ ହେଲା, ସେ ସମୟରେ କେତେଜଣଙ୍କ ଉତ୍ପାଦକତା ହ୍ରାସ ପାଏ ଜାଣିଛନ୍ତି? କେବେ ତା'ର ହିସାବ ରଖିଛନ୍ତି? ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଖଞ୍ଜା ବନ୍ଦ କୋଠରି ବିଶିଷ୍ଟ ଆଇଟି କମ୍ପାନୀରେ କାମ କରୁଥିବା ଜଣେ ସଫ୍ଟୱେର ଇଞ୍ଜିନିୟର ହେଉ କିମ୍ବା ସୂର୍ଯ୍ୟର ପ୍ରଖର ଖରା ତଳେ କୌଣସି ନିର୍ମାଣ କାର୍ଯ୍ୟରେ ସାମିଲ ଥିବା ଜଣେ ସାଧାରଣ ମୂଲିଆ, ଯଦି ବାୟୁମଣ୍ଡଳ ହିଁ ପ୍ରଦୂଷିତ ହୋଇଯାଏ ତେବେ ସମସ୍ତଙ୍କର ଉତ୍ପାଦକତା କମିଯିବ, ନୁହେଁ? ମନେକରନ୍ତୁ ଏହି ଉତ୍ପାଦକତା ହ୍ରାସର ପରିମାଣ ମାତ୍ର ୨ରୁ ୩ ପ୍ରତିଶତ। ବର୍ଷ ପରେ ବର୍ଷ ଏହି ପ୍ରତିଶତର ଅଙ୍କ କ୍ରମେ ବଢ଼ିବ, ଖୁବ୍ ଧୀରେ ଧୀରେ, ତେଣୁ ଅର୍ଥବ୍ୟବସ୍ଥା ଉପରେ ଏହାର ପ୍ରଭାବ କ'ଣ ଏବଂ କେତେ ପଡ଼ିଲା ତାହା ସହଜେ ଜଣାପଡ଼ିବନି। ଅନ୍ୟପକ୍ଷରେ ଗୋଟିଏ ଦେଶର, ରାଜ୍ୟର କିମ୍ବା ଗୋଟିଏ ଅଞ୍ଚଳର ୧ ପ୍ରତିଶତ ଲୋକ ଯଦି ନିଜର ରୋଜଗାର ହରାନ୍ତି ଏବଂ ଧାରଣା ଦିଅନ୍ତି, ନାରା ଲଗାନ୍ତି, ରାଲି କାଢ଼ନ୍ତି ସେତେବେଳେ ଲାଗେ ଯେମିତି ପୂରା ଅର୍ଥବ୍ୟବସ୍ଥା ଧ୍ୱଂସ ପାଇଗଲା!

ସଜ୍ଜନ ଜଣକ ଏକ ଦୀର୍ଘ ଶ୍ୱାସ ନେଇ ପୁଣିଥରେ ତାଙ୍କ ବକ୍ତବ୍ୟକୁ ସହଜ କଲେ। ଏଥର ସ୍ୱର ତାଙ୍କର ସାଧାରଣ ଥିଲା। ତଥ୍ୟ ସମ୍ବଳିତ ପ୍ରମାଣ ନ ଦେଇ ବି ସେ ପ୍ରାମାଣିକ ଭାବେ ବୁଝାଇବାକୁ ଚେଷ୍ଟା କରି କହିଲେ, ମନେକର, ଅର୍ଥବ୍ୟବସ୍ଥାରେ ଥିବା ପ୍ରତ୍ୟେକଙ୍କ ଉତ୍ପାଦକତା ୨ ପ୍ରତିଶତ ହ୍ରାସ ପାଇଛି। ଏହା ପ୍ରତି ବର୍ଷ ବଢ଼ି ବଢ଼ି ଚାଲିଛି। ଯେହେତୁ ଏହା ସମାନ ପରିମାଣରେ ୧୦୦ ପ୍ରତିଶତ ଲୋକଙ୍କ ମଧ୍ୟରେ ବାଣ୍ଟି ହୋଇଯାଉଛି ତେଣୁ ନଜରକୁ ଆସୁନାହିଁ, ଦୃଷ୍ଟିଗୋଚର ହେଉନାହିଁ। ନିଃସନ୍ଦେହ କ୍ଷତି ବଡ଼, ମାତ୍ର ସମସ୍ତଙ୍କ ଭିତରେ ସମାନ ପରିମାଣରେ ବାଣ୍ଟିହୋଇ ଯାଉଥିବାରୁ ଏହା ମାଲୁମ ବି ପଡୁନି। କାରଣ, ଜଳବାୟୁ ତ ସମସ୍ତଙ୍କ ପାଇଁ ଦୂଷିତ ହେଲା। ବାୟୁମଣ୍ଡଳ ପ୍ରଦୂଷଣ କେହି ଜଣେ ପାଇଁ ତ ନୁହେଁ, ଅପିଚ ସମାନ ପରିମାଣରେ ସମସ୍ତଙ୍କ ପାଇଁ ହେଉଛି। ଏଠାରେ ଆମଦାନୀରେ ୨/୩ ପ୍ରତିଶତ କ୍ଷତି ହେଲେ ବି କହିବାକୁ କେହି ବାହାରିବେନି, ଯେହେତୁ ସମସ୍ତଙ୍କୁ ଏହାକୁ ଭୋଗିବାକୁ ପଡ଼ିଛି, ଏକା ସମୟରେ ସମାନ ମାତ୍ରାରେ। ହେଲେ ସେଇଠି ଯଦି ମାତ୍ର ୧ ପ୍ରତିଶତ ଲୋକଙ୍କର ଆମଦାନୀରେ ୧ ପ୍ରତିଶତ ବି ହ୍ରାସ ହୁଏ ସେତେବେଳେ ସେମାନେ ଏକାଠି ହୁଅନ୍ତି ଏବଂ ଚିତ୍କାର କରନ୍ତି। ଗଣମାଧ୍ୟମ ମଧ୍ୟ ଏହି ପ୍ରସଙ୍ଗକୁ ଆକର୍ଷଣର କେନ୍ଦ୍ରବିନ୍ଦୁ କରି ଖୁବ୍ ଗର୍ଜେ ଏବଂ କହେ, ଅର୍ଥବ୍ୟବସ୍ଥା ବୁଡ଼ିଗଲା, ଅର୍ଥ ବ୍ୟବସ୍ଥା ଭାଙ୍ଗିଗଲା। ଏକାବେଳେ ଏତେ ସଂଖ୍ୟକ ଲୋକ ହେଲେ 'ବେରୋଜଗାର'।

ପ୍ରଶ୍ନକର୍ତ୍ତା ବନ୍ଧୁ ସହିତ ମୁଁ ବି ସଜ୍ଜନଙ୍କ କଥାରେ ମୁଣ୍ଡ ଟୁଙ୍ଗାରିଲି। ମନେମନେ କହିଲି, ସତ କଥା ତ! ଆମେ କେବେ ହେଲେ ସୂକ୍ଷ୍ମ କ୍ଷତିକୁ ଧ୍ୟାନ ହିଁ ଦେଉନେ! ଏପରି କ୍ଷତିର କେବେ ଯାଞ୍ଚ କରୁଛେ ନା ସେ ବିଷୟରେ ଜାଣିବାକୁ ଚାହୁଁଚେ! ଜଙ୍ଗଲ ଅବକ୍ଷୟ ପରି ବର୍ତ୍ତମାନ ସାରା ଦୁନିଆକୁ ଏହି ମାଂସାହାର, ପଶୁପକ୍ଷୀଙ୍କ ସଂଖ୍ୟା ହ୍ରାସ କରି ପରିବେଶ ଅସନ୍ତୁଳିତ କରିଚାଲିଛି, ଯାହା ଆମ ନଜରକୁ ଆସୁନି କି ଆମେ ତାକୁ ବୁଝିପାରୁନେ। ହାତଗଣତି ୪/୫ ଲକ୍ଷ ଲୋକ ଯେଉଁମାନେ ମାଂସ ବିକି ପେଟ ପୋଷୁଛନ୍ତି ଆମେ ତାଙ୍କ କଥା ଭାବୁଛେ। ହେଲେ ଥରୁଟେ ଭାବୁନେ ଯେ ଆମେ ଯଦି ହେବାକୁ ଥିବା ପରିବେଶ କ୍ଷତିକୁ ବଞ୍ଚାଇ ଦେଇପାରିବା, ସେଥିରୁ ଏତିକି ଅର୍ଥ ସଞ୍ଚୟ ହୋଇପାରିବ ଯେ,ଏଇ ୪/୫ ଲକ୍ଷ ଲୋକଙ୍କୁ ବହୁତ ଭଲ ରୋଜଗାର ଦେଇ ହେଇପାରନ୍ତା।

କଳିଙ୍ଗ ବିହାର, ଭୁବନେଶ୍ୱର
ମୋ: ୯୬୬୮୯୯୬୩୮୯

## ଏଇ ଭାରତରେ

ପ୍ରଗତି ଏକ ସ୍ୱପ୍ନ ଯାହା କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଅନୁଭବ କରିହୁଏ, ହାସଲ ମଧ୍ୟ କରାଯାଇପାରେ। ଜଣେ ପ୍ରକୃତ ସଂସ୍କାରକ ନିକଟରେ ଏଭଳି ସ୍ୱଭାବର କେବେ ବି ଅଭାବ ରହେ ନାହିଁ। ଯାହା ଦେଖିବାକୁ ମିଳିଛି ଜ୍ୟୋତି ତ୍ୟାଗରଞ୍ଜନଙ୍କଠାରେ। ସେ ଟେକ୍ନୋଲୋଜି ଉପଯୋଗ କରି ଦୁର୍ଗମ ଅଞ୍ଚଳରେ ଶିକ୍ଷାର ବିକାଶ କରିବାରେ ଲାଗିଛନ୍ତି। ଦେଶର ସବୁ ଅଞ୍ଚଳରେ ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷାର ମାନରେ ଥିବା ପାର୍ଥକ୍ୟ ଦୂର କରିବା ପାଇଁ ଅଭିଯାନ ଜାରି ରଖିଛନ୍ତି। ୨୦୧୩ ରେ ଜ୍ୟୋତି 'ମେଘଶାଳା ଟ୍ରଷ୍ଟ' ଗଠନ କରି ତା' ମାଧ୍ୟମରେ ଏହା କରୁଛନ୍ତି। ଭାରତ ଓ ଆଫ୍ରିକାରେ ବହୁବର୍ଷ ଧରି ଗଣିତ ଓ ପଦାର୍ଥ ବିଜ୍ଞାନ ପଢ଼ାଇବା ପରେ ଅବସର ନେଇଛନ୍ତି ଓ ଏବେ ଅବଶିଷ୍ଟ ଜୀବନ ସରକାରୀ ସଂସ୍ଥାଗୁଡିକରେ ଶିକ୍ଷାର ମାନ ବୃଦ୍ଧି କରିବା ଲାଗି କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ଜ୍ୟୋତି। ମେଘଶାଳା ଟ୍ରଷ୍ଟ ଅଧୀନରେ 'ସ୍କୁଲ ଇନ ଦି କ୍ଲାଉଡ୍ସ' ସଂସ୍ଥା କ୍ଲାଉଡ କମ୍ପ୍ୟୁଟିଂ ଆଧାରିତ ପ୍ଲାଟଫର୍ମ ମାଧ୍ୟମରେ ଶିକ୍ଷକମାନଙ୍କୁ ଏକ ଅଭିନବ ଶୈକ୍ଷିକ ପଦ୍ଧତି ତଥା ଶିକ୍ଷାରେ ଥିବା ସମସ୍ୟାର ସମାଧାନ କରିବାର ପ୍ରୟାସ କରୁଛନ୍ତି। ଏହାଦ୍ୱାରା ଶିକ୍ଷା ପଦ୍ଧତିରେ ଉନ୍ନତି ହେବା ସହ ପିଲାମାନେ ମଧ୍ୟ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଅଭିଭାବକଙ୍କ ମତକୁ ଆଧାର କରି କହିଛନ୍ତି ଜ୍ୟୋତି। ଜ୍ୟୋତିଙ୍କ ଅବିଶ୍ରାନ୍ତ ପ୍ରୟାସ ଯୋଗୁ ସିଆଚେନଠାରୁ କନ୍ୟାକୁମାରୀ ମଧ୍ୟରେ ୧୮,୦୦୦ ଶିକ୍ଷକଙ୍କର ଏକ ନେଟ୍‌ୱର୍କ ସୃଷ୍ଟି ହୋଇପାରିଛି। ପ୍ରତ୍ୟେକ ଶିକ୍ଷକଙ୍କ ସହ ଅତିକମରେ ୩୦ ଜଣ ଛାତ୍ରଙ୍କୁ ଯୋଡି ପାରିଛନ୍ତି ଜ୍ୟୋତି। ଏବେ ପିଲାଙ୍କ ସଂଖ୍ୟା ୫.୪ ଲକ୍ଷରେ ପହଞ୍ଚିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଏପ୍ରିଲ ୧୯୯୬

- ପାଲେଷ୍ଟାଇନ ମୁକ୍ତି ସଙ୍ଗଠନ ଇସ୍ରାଏଲ ବିରୁଦ୍ଧରେ ୩୨ ବର୍ଷର ଦୀର୍ଘ ସଂଗ୍ରାମ ସମାପ୍ତ କରିବାକୁ ବିଧିବଦ୍ଧ ଘୋଷଣା କରିଛି।
- ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନ ଅଭିନୟ କରିଥିବା 'ସଫଳ' ବିଜ୍ଞାପନ ଜାତୀୟ ସ୍ତରରେ ଶ୍ରେଷ୍ଠ ଟିଭି ବିଜ୍ଞାପନ ଭାବେ ରୌପ୍ୟପଦକ ଲାଭ କରିଛି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | 2 | | | 6 | 4 |
| | | | | 7 | | | | |
| | | 6 | | 5 | 9 | | | |
| | 8 | | 9 | | | | | |
| | | 9 | | | | | 4 | |
| | | 2 | | | 6 | | | 3 |
| | 6 | | 4 | | 7 | | 1 | |
| | | 7 | | 6 | 1 | | | |
| 1 | | | | | 2 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 5 | 4 | 8 | 9 | 3 | 1 | 7 |
| 8 | 4 | 7 | 1 | 3 | 2 | 9 | 5 | 6 |
| 1 | 3 | 9 | 7 | 6 | 5 | 2 | 8 | 4 |
| 4 | 7 | 8 | 3 | 1 | 6 | 5 | 9 | 2 |
| 5 | 1 | 6 | 9 | 2 | 4 | 7 | 3 | 8 |
| 9 | 2 | 3 | 5 | 7 | 8 | 6 | 4 | 1 |
| 3 | 8 | 2 | 6 | 9 | 1 | 4 | 7 | 5 |
| 7 | 5 | 1 | 2 | 4 | 3 | 8 | 6 | 9 |
| 6 | 9 | 4 | 8 | 5 | 7 | 1 | 2 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସତ୍ୟବାଦୀର ଇତିହାସ ବକୁଳବନ

ମହାଶୟ,

ସରକାରଙ୍କ ପକ୍ଷରୁ ଗତାନୁଗତିକ ଭାବେ ରାଜ୍ୟରେ ବିକାଶର ଧାରା ଚାଲୁରହିଛି। କିନ୍ତୁ ପୂଜ୍ୟପୂଜା କ୍ଷେତ୍ର (ଲକ୍ଷ୍ୟ)ରେ ଯେଉଁପରି ବିକାଶମୂଳକ କାର୍ଯ୍ୟ ହେବା କଥା, ତାହାର ଅଭାବ ପରିଲକ୍ଷିତ ହୋଇଛି। ପୁରୀ ଜିଲାର ସତ୍ୟବାଦୀଠାରେ ଅଛି ଏକ ପୁରାତନ ଜଙ୍ଗଲ। ତା'ର ନାମ ବକୁଳବନ। ଯେଉଁ ବକୁଳବନ ଶିକ୍ଷା, ସଂସ୍କୃତି, ସାହିତ୍ୟ ଓ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଥିଲା ଅନ୍ତୁଡ଼ିଶାଳ, ତାହା ଏବେ ଅବକ୍ଷୟମୁଖୀ। ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଜଳସମ୍ପଦ ବିଭାଗ ମଧ୍ୟରେ ବକୁଳବନର ସୁରକ୍ଷା ପାଇଁ ଏକ ଚୁକ୍ତି କରାଯାଇଥିଲା। ବକୁଳବନର ପୁନରୁଦ୍ଧାର ପାଇଁ ଖବରକାଗଜରେ ବାରମ୍ବାର ତଥ୍ୟମୂଳକ ଖବର ପରିବେଷିତ ହୋଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ସଫଳ ହୋଇନାହିଁ। ବକୁଳବନରେ ଅନାଧିକାର ପ୍ରବେଶ କରି ପରିବେଶ ନଷ୍ଟ କରୁଥିବା ବ୍ୟକ୍ତିବିଶେଷଙ୍କୁ ରୋକିବା ପାଇଁ ସ୍ଥାୟୀ କର୍ମଚାରୀ ନିଯୁକ୍ତି ଏବଂ ଏହାର ଯଥାଶୀଘ୍ର ଉନ୍ନତି ପାଇଁ ବାର୍ଷିକ ଅନୁଦାନର ଆବଶ୍ୟକତା ରହିଛି। ଉତ୍କଳମଣି ଗୋପବନ୍ଧୁ ଓ ପଞ୍ଚସଖାଙ୍କ ସ୍ମୃତିକୁ ବଞ୍ଚାଇବାକୁ ବକୁଳବନର ସଂରକ୍ଷଣ ଦାୟିତ୍ୱ ସରକାର ତୁରନ୍ତ କାର୍ଯ୍ୟକାରୀ କରନ୍ତୁ। ଆଜି ଶାନ୍ତିନିକେତନ ବିଶ୍ୱରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ସୁନାମ ଅର୍ଜନ କରିଛି। ପରିତାପର ବିଷୟ, ଆମ ବକୁଳବନର ପୁନରୁଦ୍ଧାର କେବେ ହେବ!

–ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

କର୍ମର ପ୍ରେରଣା ତୁମେ ବିଶ୍ୱର
ଆଳସ୍ୟହାରୀ ସୁଧା
କ୍ଷୁଦ୍ରର ଆକାଶ–ଚାନ୍ଦ କ୍ଷୁଧିତର
ହେ ଚରମ କ୍ଷୁଧା! (ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସରପଞ୍ଚଙ୍କ ଶଟ୍‌ଡାଉନ ଘୋଷଣାକୁ ପ୍ରଶାସନର ଅଗ୍ରାହ୍ୟ

ଲୋଇସିଂହା (ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ପଞ୍ଚାୟତରେ କରୋନା ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ଗତ ଶନିବାର ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି। ଏହାପରେ କରୋନା ନିୟନ୍ତ୍ରଣ ଲାଗି ସ୍ଥାନୀୟ ସରପଞ୍ଚ ସୁନୀଲ ଅଗ୍ରୱାଲ ଲୋଇସିଂହାକୁ ୪ ଦିନିଆ ଶଟ୍‌ଡାଉନ ଘୋଷଣା କରିଥିଲେ। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଏପରି ପଦକ୍ଷେପକୁ ପ୍ରଶାସନ ପକ୍ଷରୁ ଅଗ୍ରାହ୍ୟ କରି ଦିଆଯାଇଛି। ବିଡିଓ ରାମଚନ୍ଦ୍ର ଖାଡିଆ କହିଛନ୍ତି, ପରିବାର ଚଳଣି ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ନିତାନ୍ତ ଆବଶ୍ୟକ। ତେଣୁ ପଞ୍ଚାୟତ କର୍ତ୍ତୃପକ୍ଷ ନିଜ ଇଚ୍ଛାରେ ଶଟ୍‌ଡାଉନ ଘୋଷଣା କରିପାରିବେ ନାହିଁ। ଜିଲା ପ୍ରଶାସନର ଅନୁମତି ନେଇ ଶଟ୍‌ଡାଉନ ହୋଇପାରିବ ବୋଲି ସେ କହିଥିଲେ।



### ସଂକ୍ଷେପରେ

## ନିର୍ଦ୍ଦେଶ ପରେ ଅକ୍ସିଜେନ ଯୋଗାଣରେ ତତ୍ପରତା

ଭୁବନେଶ୍ୱର, ୨୫।୪(ବ୍ୟୁରୋ): କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ ପରେ ମନ୍ତ୍ରଣାଳୟ ଅଧୀନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଏହି କ୍ଷେତ୍ରର ଅନ୍ୟ ଘରୋଇ କମ୍ପାନୀଗୁଡ଼ିକ ଦେଶରେ ତରଳ ମେଡିକାଲ ଅକ୍ସିଜେନ ଯୋଗାଇବାକୁ ତତ୍ପରତା ପ୍ରକାଶ କରିଛନ୍ତି। ସେମାନେ ଏହି ସଙ୍କଟ ସମୟରେ ରାଷ୍ଟ୍ର ସହିତ ଛିଡ଼ା ହୋଇଛନ୍ତି। ଏହାସହ ଅକ୍ସିଜେନ ଯୋଗାଣ ନିମନ୍ତେ ଶ୍ରେଷ୍ଠ ଯୋଗଦାନ ଦେଉଥିବା ଧର୍ମେନ୍ଦ୍ର କହିଛନ୍ତି। ସେହିପରି ଇସ୍ପାତ ପ୍ଲାଣ୍ଟଗୁଡ଼ିକର ଦୈନିକ ଅକ୍ସିଜେନ ଉତ୍ପାଦନ କ୍ଷମତା ୨୮୩୪ ମେଟ୍ରିକ ଟନ୍। ଇସ୍ପାତ କ୍ଷେତ୍ରରେ ଉଭୟ ସରକାରୀ ଓ ଘରୋଇ ମିଶାଇ ମୋଟ ୩୩ ଅକ୍ସିଜେନ ପ୍ଲାଣ୍ଟ ରହିଛି। ଏଥି ମଧ୍ୟରୁ ୨୯ ଦୈନିକ ଚାଲୁଛି। ଗୁରୁବାର ସୁଦ୍ଧା ମୋଟ ୩୪୭୪ ମେଟ୍ରିକ ଟନ୍ ଅକ୍ସିଜେନ ଉତ୍ପାଦନ କରାଯାଇଛି। ଏହି କାରଣରୁ ସରକାରୀ ଓ ଘରୋଇ ଇସ୍ପାତ କାରଖାନାରୁ ଏପ୍ରିଲ ୨୪ରେ ୨୮୯୪ ଟନ୍ ଲିକୁଇଡ ମେଡିକାଲ ଅକ୍ସିଜେନ (ଏଲ୍ଏମ୍ଓ) ବିଭିନ୍ନ ରାଜ୍ୟକୁ ପଠାଯାଇଛି। ଏହା ତୁଳନାରେ ଗୋଟିଏ ସପ୍ତାହ ପୂର୍ବରୁ ଦୈନିକ ୧୫୦୦ରୁ ୧୭୦୦ ମେଟ୍ରିକ ଟନ୍ ଏଲ୍ଏମ୍ଓ ପଠାଯାଇପାରୁଥିଲା। ଇସ୍ପାତ ପ୍ଲାଣ୍ଟଗୁଡିକ ସାଧାରଣ ଉଦ୍ଦେଶ୍ୟ ଯେପରି, ଲାନ୍ସିଂ ଓ ଗ୍ୟାସ କଟିଂ ବ୍ୟତୀତ ମୁଖ୍ୟତଃ ଇସ୍ପାତ ପ୍ରସ୍ତୁତ କରିବା ଏବଂ ବ୍ଲାଷ୍ଟ ଫର୍ଣ୍ଣେସରେ ଅକ୍ସିଜେନ ବୃଦ୍ଧି ଲାଗି ଗ୍ୟାସୀୟ ଅକ୍ସିଜେନ ଆବଶ୍ୟକ କରନ୍ତି। ତେଣୁ ସମନ୍ୱିତ ଇସ୍ପାତ କାରଖାନାଗୁଡିକରେ କ୍ୟାପ୍ଟିଭ ଅକ୍ସିଜେନ ପ୍ଲାଣ୍ଟକୁ ମୁଖ୍ୟତଃ ଅକ୍ସିଜେନ, ନାଇଟ୍ରୋଜେନ ଏବଂ ଅର୍ଗନର ଗ୍ୟାସୀୟ ଉତ୍ପାଦ ଉତ୍ପାଦନ ପାଇଁ ଡିଜାଇନ କରାଯାଇଥାଏ। ଏହାପରେ ଆବଶ୍ୟକ ଚାପରେ ପ୍ରକ୍ରିୟାଗତ ଆବଶ୍ୟକତା ପୂରଣ କରିବା ଲାଗି ପ୍ରେସର ରିଡକ୍ସନ ଆଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ମାଧ୍ୟମରେ ପଠାଯାଇଥାଏ। ବର୍ତ୍ତମାନ ସ୍ଥିତିରେ ଅକ୍ସିଜେନ ଉତ୍ପାଦନ ବୃଦ୍ଧି ସକାଶେ ସବୁ ପ୍ରକାର ଚେଷ୍ଟା କରାଯାଉଛି। ଇସ୍ପାତ କାରଖାନାଗୁଡିକ ମଧ ଅକ୍ସିଜେନ ସିଲିଣ୍ଡରରେ ଭର୍ତ୍ତି କରି ଡାକ୍ତରଖାନାକୁ ଯୋଗାଉଛନ୍ତି। ସେଲ୍ ପକ୍ଷରୁ ଦୈନିକ ଅକ୍ସିଜେନ ଯୋଗାଣ ୮୦୦ ଟନ୍‌ରୁ ଅଧିକ ହୋଇଯାଇଛି।

## ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ: ଜଳିଗଲେ ନାବାଳକ

ବିନିକା, ୨୫।୪(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ଗାଁ ଧୋବାପଡ଼ାରେ ରବିବାର ସକାଳେ ଗ୍ୟାସ୍ ସିଲିଣ୍ଡର ଲିକ୍‌ରୁ ଅଗ୍ନିକାଣ୍ଡ ଘଟି ଜଣେ ୧୦ବର୍ଷର ନାବାଳକଙ୍କ ପୋଡ଼ିହୋଇ ମୃତ୍ୟୁ ଘଟିଛି। ମୃତକ ହେଲେ ଟିକେଲାଲ ଗୁଦୁରିଆଙ୍କ ପୁଅ ବାବୁସାନ। ପୋଲିସ ସୂତ୍ରରୁ ପ୍ରକାଶ, ଶନିବାର ରାତିରେ ଖାଇସାରି ଏକ ଆଜ୍‌ବେଷ୍ଟସ ଘରେ ଶୋଇଥିଲେ ଟିକେଲାଲ, ତାଙ୍କ ସ୍ତ୍ରୀ ଲଳିତା ଓ ସାନପୁଅ ବାବୁସାନ। ରବିବାର ସକାଳେ ଟିକେଲାଲ ଚା' କରିବା ପାଇଁ ଗ୍ୟାସ୍ ଲଗାଇବେଳେ କରିବା ହଠାତ୍ ନିଆଁ ଲାଗି ଯାଇଥିଲା। କୌଣସିମତେ ଟିକେଲାଲ ଓ ଲଳିତା ବାହାରକୁ ଦୌଡ଼ି ପଳାଇ ଆସିଥିବା ବେଳେ ଘରେ ଶୋଇଥିବା ବାବୁସାନଙ୍କ ଦେହରେ ନିଆଁ ଲାଗିଯିବାରୁ ସେ ଚିତ୍କାର କରିଥିଲେ। ବିନିକା ଅଗ୍ନିଶମ ବିଭାଗ କର୍ମଚାରୀ ଦମକଳ ସହ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବାବୁସାନଙ୍କୁ ଉଦ୍ଧାର କରି ବିନିକା ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପଦ୍ମପୁରରେ କୋଭିଡ କେୟାର ସେଣ୍ଟର

ପଦ୍ମପୁର, ୨୫।୪ (ଡି.ଏନ.ଏ): ପଦ୍ମପୁର ଉପଖଣ୍ଡରେ କରୋନାର କାୟା ବୃଦ୍ଧି ପରେ କୋଭିଡ ସଂକ୍ରମିତଙ୍କୁ ଚିକିତ୍ସା ସୁବିଧାର ଆବଶ୍ୟକତା ରହିଥିଲା। ପ୍ରଶାସନ ଏହି ସମସ୍ୟାକୁ ହୃଦବୋଧ କରି କୋଭିଡ କେୟାର ସେଣ୍ଟର ପାଇଁ ମଞ୍ଜୁରୀ ଦେଇଛନ୍ତି । ଏଥିପାଇଁ ସ୍ଥାନୀୟ ଜେନିଥ ଲାୟନ୍ସ ଗୁରୁକୁଳ ପରିସରକୁ ଉପଯୁକ୍ତ ସ୍ଥାନ ବୋଲି ଏକ ପ୍ରତିନିଧି ମଣ୍ଡଳୀ ଚୟନ କରିଛନ୍ତି । ଜେନିଥ ଗୁରୁକୁଳ ପରିଚାଳନା କମିଟି କର୍ମକର୍ତ୍ତା, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ ଉପଜିଲାପାଳଙ୍କ ଉପସ୍ଥିତିରେ ଜେନିଥ ଠାରେ କୋଭିଡ କେୟାର ସେଣ୍ଟର ଖୋଲିବାକୁ ପ୍ରସ୍ତାବ ଅନୁମୋଦିତ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ଭିତ୍ତିଭୂମି ତିଆରି ଚାଲିଛି। ସୋମବାର ଏହା କାର୍ଯ୍ୟକ୍ଷମ ହେବାର ସମ୍ଭାବନା ରହିଛି। ଝାରବନ୍ଧ, ପାଇକମାଳ, ପଦ୍ମପୁର ବ୍ଲକର କରୋନା ସଂକ୍ରମିତ ଏଠାରେ ଉପଯୁକ୍ତ ଚିକିତ୍ସା ସୁବିଧା ପାଇପାରିବେ।

# ବନ୍ଦ ପଡ଼ିଛି ରାଜ୍ୟର ୫ ଚିନିକଲ

ଯାଜପୁର ଅଫିସ,୨୫।୪



- କୃଷିଭିତ୍ତିକ ସମବାୟ ଶିଳ୍ପ ପ୍ରତି ଅଣଦେଖା
- ବରଗଡ଼ ଚିନିକଲ ଚଳାଇବାକୁ ପ୍ରକ୍ରିୟା ଆରମ୍ଭ
- ସିଆଇଏସ୍‌ର ସର୍ଭେ, ୨୧୮୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳ
- ୩୩ ବର୍ଷ ହେଲା କୃଷ୍ଣନଗର ଚିନିକଲ ବନ୍ଦ

ରାଜ୍ୟରେ ଖଣିଜ ସମ୍ପଦଭିତ୍ତିକ ଶିଳ୍ପାୟନକୁ ବିକାଶର ଏକମାତ୍ର ଆଧାର ଭାବେ ସରକାର ପ୍ରୋତ୍ସାହିତ କରୁଛନ୍ତି। ଏହାଦ୍ୱାରା କୃଷିର କିପରି ବିନାଶ ସାଧିତ ହେଉଛି ତାହା ଜଳଜଳ ହୋଇ ଦିଶୁଛି। କୃଷିଭିତ୍ତିକ ସମବାୟ ଶିଳ୍ପକୁ ସରକାର ଅଣଦେଖା କରୁଥିବାରୁ ରାଜ୍ୟରେ ଗୋଟିଏ ପରେ ଗୋଟିଏ ଚିନିକଲ ବନ୍ଦ ହେବାରେ ଲାଗିଛି। ବରଗଡ, ନୟାଗଡ, ବଡ଼ମ୍ବା, କୃଷ୍ଣନଗର ଓ ବିଜୟାନନ୍ଦ ଚିନିକଲକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏଥିପାଇଁ ରାଜ୍ୟରେ ଆଖୁ ଚାଷ ଲୋପ ପାଇବାକୁ ବସିଛି।

ସଦ୍ୟ ସମାପ୍ତ ବିଧାନସଭାରେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ସମବାୟ ସମିତିର ଡେପୁଟି ରେଜିଷ୍ଟ୍ରାର(ମାର୍କେଟିଂ) ରାଜ୍ୟର ୫ ସମବାୟ ଚିନିକଲ ସମ୍ପର୍କରେ ତଥ୍ୟ ରଖିଛନ୍ତି। ଆସ୍କା, ବରଗଡ଼, ନୟାଗଡ଼, ବଡମ୍ବା ଓ ବିଜୟାନନ୍ଦ ସମବାୟ ଚିନିକଲ ପ୍ରତିଷ୍ଠା ହୋଇଥିଲା। ତନ୍ମଧ୍ୟରୁ ବଲାଙ୍ଗୀରରେ ଥିବା ବିଜୟାନନ୍ଦ ଚିନିକଲ, ବରଗଡ଼ରେ ଥିବା ବରଗଡ ଚିନିକଲ ଅଚଳ ଅବସ୍ଥାରେ ରହିଛି। ନୟାଗଡ଼ ଓ ବଡମ୍ବାରେ ଥିବା ଚିନିକଲ ଯଥାକ୍ରମେ ନୟାଗଡ଼ ସୁଗାର କମ୍ପ୍ଲେକ୍ସ ଲିଃ, ଲକ୍ଷ୍ମୀପତି ବାଲାଜୀ ସୁଗାର ଓ ଡିଷ୍ଟିଲେରୀ ପ୍ରାଇଭେଟ ଲିଃକୁ ୨୦୦୪ ଓ ୨୦୦୫ରୁ କ୍ରୟ ବିକ୍ରୟ ଚୁକ୍ତିନାମା ଅନୁଯାୟୀ ହସ୍ତାନ୍ତର କରାଯାଇଛି। ଅବଶିଷ୍ଟ ଆସ୍କା ସମବାୟ ଚିନିକଲ କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି। ବରଗଡ଼ ଚିନି କଳ ୨୦୧୭-୧୮ ବର୍ଷରୁ କ୍ରମାଗତ କ୍ଷତି ତଥା ଆର୍ଥିକ ସଙ୍କଟ ଏବଂ ଏହାର ଯନ୍ତ୍ରପାତି ମରାମତି ଓ ନବୀକରଣ ହୋଇ ପାରି ନ ଥିବାରୁ ଆଖୁପେଡା, ଚିନି ଉତ୍ପାଦନ ବନ୍ଦ ଅଛି। ବିଜୟାନନ୍ଦ ଚିନି କଳର ଦୁର୍ବଳ ଆର୍ଥିକ ଅବସ୍ଥା ଓ ଅନ୍ୟାନ୍ୟ ଅନିୟମିତତା କାରଣ ଯୋଗୁ ୬।୪।୨୦୧୪ ତାରିଖରୁ ବନ୍ଦ ହୋଇଛି। ଏହି ଚିନିକଲ ଉପରେ ସମବାୟ ବ୍ୟାଙ୍କ ଲିଃ ଭୁବନେଶ୍ୱର ପ୍ରାୟ ୫୨.୨୩ କୋଟି ଟଙ୍କା ବକେୟା ଋଣ ପରିଶୋଧ ନିମନ୍ତେ ଚିନିକଲକୁ ନିଲାମ କରିବାକୁ ପ୍ରକ୍ରିୟା ଜାରି ରଖିଛି। ବରଗଡ଼ ଚିନିକଲକୁ ସଚଳ କରିବା ପାଇଁ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁସାରେ ଜାତୀୟ ଚିନି ଗବେଷଣା ସଂସ୍ଥା ବା ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୁଗାର(ସିଆଇଏସ୍) କାନପୁରର ୨ ଜଣ ଗବେଷକ ଏହି କାରଖାନାକୁ ପରିଦର୍ଶନ କରିଛନ୍ତି। ଏଥିପାଇଁ ୨୧୮୪.୦୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଏକ ସବିଶେଷ ପ୍ରକଳ୍ପ ବିବରଣୀ(ଡିପିଆର) ସରକାରଙ୍କୁ ପ୍ରଦାନ କରାଯାଇଛି। ବରଗଡ଼ ଚିନିକଲ ପାଇଁ ଗତ ୧୧ ବର୍ଷରେ ୪୦୪୩.୩୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତେବେ ସରକାରଙ୍କ ଆବଣ୍ଟିତ ଏହି ଅର୍ଥକୁ ଉପଯୁକ୍ତ ଭାବେ ଖର୍ଚ୍ଚ ନ କରି ବ୍ୟାପକ ହେରଫେର କରାଯାଉଥିବାରୁ ଗତ ୪ ବର୍ଷ ହେଲା ବରଗଡ଼ ଚିନିକଲ ବନ୍ଦ ହୋଇଥିବା ମତପ୍ରକାଶ ପାଇଛି। ଏହି କାରଣରୁ ଶତାଧିକ ଅଧିକାରୀ ଓ କର୍ମଚାରୀ ରୋଜଗାର ହରାଇଛନ୍ତି।

ତେବେ ଯାଜପୁର ଜିଲାର ବରୀ ବ୍ଲକ ସେରପୁର ପଞ୍ଚାୟତ ଅଧୀନ କୃଷ୍ଣନଗର ଗ୍ରାମରେ ପ୍ରତିଷ୍ଠା ହୋଇଥିବା ଏକ ସରକାରୀ ଚିନି କାରଖାନାକୁ ସରକାର ଭୁଲି ଯାଇଛନ୍ତି। ୧୯୭୫ରେ ତତ୍କାଳୀନ ଶିଳ୍ପମନ୍ତ୍ରୀ କାହ୍ନୁଚରଣ ଲେଙ୍କା ଏହି ଚିନିକଲକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜଣେ ମ୍ୟାନେଜରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଓ ୧୦୦ରୁ ଊର୍ଦ୍ଧ୍ୱ ଶ୍ରମିକ କାମ କରୁଥିଲେ। ସେମାନଙ୍କ ମଧ୍ୟରୁ ୨୦ଜଣ ଶ୍ରମିକଙ୍କୁ ସରକାର ନିଯୁକ୍ତି ଦେଇଥିବାବେଳେ ଅନ୍ୟ ଶ୍ରମିକମାନେ ଠିକାରେ କାମ କରି ସେମାନଙ୍କ ପାରିଶ୍ରମିକ ପାଉଥିଲେ। ବରୀ ବ୍ଲକର ଗମ୍ଭୁ, କୃଷ୍ଣନଗର, ସେରପୁର, ପାଣିକଣା, ବେଞ୍ଚରାପୁର, ମାଟିଆପଡା, ହଳଦୀବସନ୍ତ, ବାଲିଆ ଆଦି ଅଞ୍ଚଳର ଆଖୁ ଚାଷୀମାନେ ସେମାନଙ୍କ କ୍ଷେତରୁ ଶଗଡ଼ରେ ଆଖୁ ବୋଝେଇ କରି ଏହି ଚିନିକଳରେ ଦେଉଥିଲେ। ୨୧।୧୧।୧୯୮୮ ତାରିଖରୁ ଏହି ଚିନି କଳ ବନ୍ଦ ରହିଛି। ଏହାର ପୁନଃରୁଦ୍ଧାର ପାଇଁ ମଧ କାହାରି ଆନ୍ତରିକତା ଦିଶୁନାହିଁ। ଏଭଳି ସ୍ଥିତିରେ ଯାଜପୁର ଜିଲା ତଥା ରାଜ୍ୟ କୃଷିଭିତ୍ତିକ ସମବାୟ ଶିଳ୍ପ ଅଲୋଡ଼ା ହୋଇଛି। କଳିଙ୍ଗନଗରରେ ଶିଳ୍ପ ପ୍ରତିଷ୍ଠା କରି ଶିଳ୍ପପତିମାନେ ମାଲାମାଲ ହେଉଥିବାବେଳେ କୃଷି ଓ କୃଷକଙ୍କ ପ୍ରତି ଅବହେଳା ଏଥିରୁ ଜଳଜଳ ହୋଇ ଦିଶୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## କୁମ୍ଭମେଳା ଫେରନ୍ତାଙ୍କ ମୃତ୍ୟୁ

ବୌଦ୍ଧ/ପୁରୁଣାକଟକ, ୨୫।୪(ସ୍ୱ.ପ୍ର./ଡି.ଏନ.ଏ.)



ଶିକ୍ଷକଙ୍କ ମୃତଦେହକୁ ମହାପ୍ରୟାଣ ଗାଡ଼ିରେ ଧଳପୁର ଶ୍ମଶାନ ଘାଟକୁ ନିଆଯାଉଛି।

କୁମ୍ଭମେଳାରୁ ଫେରିଥିବା ଗଞ୍ଜାମ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ସୁନୀଲ ଦାସ(୬୫)ଙ୍କ କରୋନା ଟେଷ୍ଟ ରିପୋର୍ଟ ଆସିବା ପୂର୍ବରୁ ମୃତ୍ୟୁ ଘଟିଛି। ତେବେ କରୋନାରେ ମରିଥିବା ସନ୍ଦେହରେ ମୃତଦେହ ୧୨ ଘଣ୍ଟା ଧରି ଘରେ ପଡ଼ି ରହିଥିବା ବେଳେ ଶେଷରେ ପ୍ରଶାସନ ସହଯୋଗରେ ରବିବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଧଳପୁର ଅଞ୍ଚଳରେ କରୋନା ସମୟରେ ଏଭଳି କରୁଣ ଚିତ୍ର ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଧଳପୁର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସୁନୀଲଙ୍କ ଘର ଗଞ୍ଜାମ ଜିଲାରେ। ସେ ଧଳପୁରର ମେଡିକାଲ ସାହିଠାରେ ସସ୍ତ୍ରୀକ ରହୁଥିଲେ। ଗତ ୨୦ ତାରିଖରେ ସେ କୁମ୍ଭମେଳା ଯାଇ ସେଠାରୁ ବ୍ରହ୍ମପୁର ହୋଇ ଏଠାକୁ ଫେରିଥିଲେ। ଧଳପୁର ଫେରିବା ପରେ ଅସୁସ୍ଥତା ଅନୁଭବ କରିଥିଲେ। ଗତ ୨୨ ତାରିଖରେ କୋଭିଡ୍ ପରୀକ୍ଷା ପାଇଁ ନମୁନା ଦେଇଥିଲେ। ରିପୋର୍ଟ ଆସି ନ ଥିବା ବେଳେ ଶନିବାର ରାତି ୨ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଜାଣିବା ପରେ ଭୟରେ ବନ୍ଧୁ କିମ୍ବା ସାହିପଡିଶା କେହି ପାଖ ମାଡି ନ ଥିଲେ କି ସଂସ୍କାର ପାଇଁ ସହଯୋଗ କରି ନ ଥିଲେ। ଖବର ପାଇ ହରଭଙ୍ଗା ବିଡିଓ ନୀଳକଣ୍ଠ ବେହେରା, ତହସିଲଦାର ଶମ୍ଭୁ ପ୍ରସାଦ ମିଶ୍ର ପହଞ୍ଚି ଘଟଣାର ଅନୁସନ୍ଧାନ କରିବା ପରେ ଧଳପୁର ଶ୍ମଶାନରେ ଅନ୍ତିମ ସଂସ୍କାର ବ୍ୟବସ୍ଥା କରିଥିଲେ। ପ୍ରଶାସନ ପକ୍ଷରୁ ଶିକ୍ଷକ ରହୁଥିବା ମେଡିକାଲ ସାହିକୁ ୧୪ ଦିନ ପାଇଁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏପଟେ ମୃତ ଶିକ୍ଷକଙ୍କ ସ୍ତ୍ରୀଙ୍କୁ କରୋନା ହୋଇଥିବା ଅନୁମାନ କରାଯାଉଛି। ଏନେଇ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କୁ ପଚାରିବାରେ ସମ୍ପୃକ୍ତ ଶିକ୍ଷକଙ୍କର ଆଗରୁ ରକ୍ତଚାପ ଓ ମଧୁମେହ ରୋଗ ଥିବା କହିଛନ୍ତି। ଗଞ୍ଜାମକୁ ଫେରିବା ସମୟରେ ତାଙ୍କର କରୋନା ଲକ୍ଷଣ ଥିଲା। ଏନେଇ ତାଙ୍କର ସ୍ୱାବ୍ ପଠାଯାଇଛି। ଏବେ ସୁଦ୍ଧା ରିପୋର୍ଟ ଆସିନାହିଁ। ଏଣୁ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପ୍ରକାଶ କରିଛନ୍ତି।

# ୨ ହାତୀଦାନ୍ତ,ଗୋଟିଏ ବାଘଛାଲ ଜବତ

ନୟାଗଡ଼ ଅଫିସ/ଗଣିଆ, ୨୫।୪(ଡି.ଏନ୍.ଏ.)

### ଗଣିଆରୁ ୨ ବ୍ୟବସାୟୀଙ୍କୁ ଗିରଫ କଲା ଏସ୍‌ଟିଏଫ୍



ଜବତ କଲରାପତରିଆ ବାଘଛାଲ ଓ ହାତୀଦାନ୍ତ।

କ୍ରାଇମ୍‌ବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ନୟାଗଡ଼ ଜିଲା ଗଣିଆ-ଛାମୁଣ୍ଡିଆ ରାସ୍ତାର ମହାନଦୀ ପଠା ମା'କଳାପାଟ ମନ୍ଦିର ନିକଟରୁ ଗୋଟିଏ କଲରାପତରିଆ ବାଘଛାଲ ସହ ୨ଟି ହାତୀଦାନ୍ତ ଜବତ କରିଛି। ଏହି ଘଟଣାରେ ନୟାଗଡ଼ ଜିଲା ଗଣିଆ ଥାନା ଅଧୀନ ବେଠିଆସାହିର ବିମ୍ବାଧର ତରାଇ ଓ କଟକ ଜିଲା ନରସିଂହପୁର ଥାନା ଅଧୀନ ଚକ୍ରଗଡ଼ ଗାଁର ରମେଶ ପ୍ରତିହାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜବତ ହାତୀଦାନ୍ତ ଓ ବାଘଛାଲକୁ ଯାଞ୍ଚ ପାଇଁ ଡେରାଡୁନ ପଠାଯିବ ବୋଲି ସୂଚନା ମିଳିଛି। ବିମ୍ବାଧର ଓ ରମେଶ ବାଘଛାଲ ଏବଂ ହାତୀଦାନ୍ତ କାରବାର କରୁଥିବା ନେଇ ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏହି ଦୁଇ ବ୍ୟବସାୟୀଙ୍କ ଉପରେ ନଜର ରଖିଥିଲା। ଶନିବାର ଉଭୟଙ୍କୁ କଳାପାଟ ମନ୍ଦିର ନିକଟରୁ କାବୁ କରିନେଇ ବାଘଛାଲ ସମେତ ହାତୀଦାନ୍ତ ଓ ଅନ୍ୟ ଉପକରଣ ଜବତ କରିଥିଲା। ଗିରଫ ବ୍ୟବସାୟୀଙ୍କ ବିରୋଧରେ ୩୭୯, ୪୧୧, ୧୨୦(ବି) ଆଇପିସି, ୫୧ ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ଆକ୍ଟ ୧୯୭୨ ଧାରାରେ ଏକ ମାମଲା(ନଂ.୧୬/୨୧) ରୁଜୁ ହୋଇଛି। ଏହି ଘଟଣାରେ ଅନ୍ୟ କାହାର ସଂପୃକ୍ତି ରହିଛି ତା'ର ତଦନ୍ତ ଜାରି ରହିଛି ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ମିଳିଛି । ଏହାକୁ ମିଶାଇ ଏସ୍‌ଟିଏଫ୍ ଗତ ୧୦ମାସ ମଧ୍ୟରେ ନୟାଗଡ଼ ଓ ଖୋର୍ଦ୍ଧା ବନଖଣ୍ଡ ଅଞ୍ଚଳରୁ ୬ ବାଘଛାଲ, ୨ ହାତୀଦାନ୍ତ ଜବତ କରିଛି।

## ହାତୀ ମୃତଦେହ ଠାବ

ବଇଣ୍ଡା,୨୫।୪(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଠେଲକନାଳି ପ୍ରୋଜେକ୍ଟ ପରିସରରେ ଥିବା ବଡଖଳି ନାଳ ନିକଟରୁ ରବିବାର ଏକ ହାତୀର ମୃତଦେହ ବନବିଭାଗ ଠାବ କରିଛି। ୨ ରୁ ୩ ଦିନ ହେବ ହାତୀଟି ସେଠାରେ ମରି ପଡ଼ିଥିବା ଅନୁମାନ କରାଯାଉଛି। କେତେଜଣ ମହିଳା ଜଙ୍ଗଲକୁ କାଠ ପାଇଁ ଯାଇଥିବାବେଳେ ହାତୀର ମୃତଦେହ ଦେଖି ବନବିଭାଗକୁ ସୂଚନା ଦେଇଥିଲେ। ଦେହରେ କ୍ଷତ ଚିହ୍ନ ଥିବାରୁ ଶିକାର କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହଣ୍ଡପା ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ରେଞ୍ଜର ଚୈତନ୍ୟ ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସେ କୌଣସି ମତାମତ ଦେଇ ନ ଥିଲେ।

## ବୃଦ୍ଧଙ୍କୁ ମିଳୁନି ଭତ୍ତା

କାମଜ୍ଞିରା, ୨୫।୪ (ଡି.ଏନ.ଏ)

ଅତାବିରା ବ୍ଲକ ଖରମୁଣ୍ଡା ପଞ୍ଚାୟତ ଜୁନାପାଏନ ଗ୍ରାମରେ ରୁହନ୍ତି ଜୋହନ ସାମନ୍ତ। ବୟସ ୭୧ ଟପିଲାଣି। ଏପର୍ଯ୍ୟନ୍ତ ତାଙ୍କୁ ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ। ଭତ୍ତା ପାଇଁ ପଞ୍ଚାୟତ ଓ ବ୍ଲକ ଅଫିସରେ ବହୁବାର ଆବେଦନ କରିବା ସହ ଅନ୍‌ଲାଇନରେ ମଧ ଦରଖାସ୍ତ କରିଛନ୍ତି। କିଛି ସୁଫଳ ମିଳିନି ବୋଲି କୁହନ୍ତି ଜୋହନ।

## ପ୍ରାଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଅମରପାଲି, ୨୫।୪ (ଡି.ଏନ.ଏ)

ବୀରମହାରାଜପୁର କଲେଜରୁ ସୋନପୁର କଲେଜକୁ ବଦଳି ହୋଇଥିବା ପ୍ରଧ୍ୟାପକ ଡ. ହିମାଂଶୁ ଶେଖର ପାଢ଼ୀଙ୍କୁ ଇତିହାସ ବିଭାଗ ପକ୍ଷରୁ କଲେଜରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପିକା ବନ୍ଦିତା ବିଶ୍ୱାଳ ସଂଯୋଜନା କରିଥିଲେ। ବିଦାୟୀ ପ୍ରଧ୍ୟାପକ ଡ. ପାଢ଼ୀଙ୍କ ସମେତ କଲେଜର ଅଧ୍ୟକ୍ଷ ମୁରଲିଧର ହୋତା ଓ ଶିକ୍ଷା ବିଭାଗର ଅଧ୍ୟାପକ ଶିଶିର ବଣିଆ ପ୍ରମୁଖ ମଞ୍ଚାସୀନ ଥିଲେ ।

# ହିଙ୍ଗୁଳା ମନ୍ଦିରକୁ ଏମ୍‌ସିଏଲ୍ ଦେଲା ୯.୩୨ କୋଟି

ଭୁବନେଶ୍ୱର, ୨୫।୪(ବ୍ୟୁରୋ)

### କେନ୍ଦ୍ର ଖଣି ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

ଅନୁଗୁଳ ଜିଲା ତାଳଚେର ଗୋପାଳପ୍ରସାଦ ସ୍ଥିତ ମା' ହିଙ୍ଗୁଳା ମନ୍ଦିରର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମହାନଦୀ କୋଲଫିଲ୍ଡ ଲିମିଟେଡ(ଏମସିଏଲ) ବୋର୍ଡ ସିଏସଆର ପାଣ୍ଠିରୁ ୯.୩୨ କୋଟି ଟଙ୍କା ଅନୁମୋଦନ ଦେଇଛି। ଏଥିଲାଗି କେନ୍ଦ୍ର ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର ଗତ ଜାନୁଆରୀ ୧୩ ତାରିଖରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଚିଠି ଲେଖି ଜଣାଇଥିଲେ। ତାଳଚେର ଗୋପାଳପ୍ରସାଦ ସ୍ଥିତ ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ପ୍ରସ୍ତାବ ଅନୁସାରେ ହିଙ୍ଗୁଳା ମନ୍ଦିର ସମ୍ମୁଖରେ ମୁଖଶାଳା ଓ ଯଜ୍ଞଶାଳାର ନିର୍ମାଣ କାର୍ଯ୍ୟ ପାଇଁ ଏମସିଏଲର ସିଏସଆର ପାଣ୍ଠିରୁ ଲୋକଙ୍କ ସୁବିଧା ପାଇଁ ଆର୍ଥିକ ସହାୟତା ଯୋଗାଇବାକୁ ଧର୍ମେନ୍ଦ୍ର ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ। ଏହି ସହାୟତା ଦ୍ୱାରା ଶ୍ରଦ୍ଧାଳୁମାନେ ଉପକୃତ ହେବାସହ ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟଟନର ସୁବିଧା ମଧ ବଢିବ ବୋଲି ସେ ପତ୍ରରେ ଉଲ୍ଲେଖ କରିଥିଲେ। ଚିଠିର ଉତ୍ତର ରଖି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ କହିଛନ୍ତି ଯେ, ଅନୁଗୁଳ ଜିଲା ତାଳଚେର ଗୋପାଳପ୍ରସାଦ ଅଞ୍ଚଳ ପାଇଁ ଏମଏସିଏଲ୍ ବୋର୍ଡ ସିଏସଆର ପାଣ୍ଠିରୁ ୯.୩୨ କୋଟି ଟଙ୍କା ମଞ୍ଜୁର କରିଛି। ସାଧାରଣତଃ ସ୍ଥାନୀୟ ଜନସାଧାରଣଙ୍କ ସୁବିଧା ଏବଂ ପର୍ଯ୍ୟଟନରେ ସୁବିଧା ଯୋଗାଇବା ପାଇଁ ଏହି ଆର୍ଥିକ ସହାୟତାକୁ ଅନୁମୋଦନ ଦିଆଯାଇଛି ବୋଲି ସେ କହିଛନ୍ତି।

## ଡ୍ରାଇଭରଙ୍କୁ ମାଡ, ଟଙ୍କା ଲୁଟ୍ ଘଟଣା: ଗୃହରକ୍ଷୀ ଗିରଫ

ସୋନପୁର,୨୫।୪(ନି.ପ୍ର.)

ଟ୍ୟାଙ୍କର ଡ୍ରାଇଭରଙ୍କୁ ମାଡ ଓ ଟଙ୍କା ଲୁଟ୍ ଘଟଣାରେ ସୋନପୁର ପୋଲିସ ଗୃହରକ୍ଷୀ ସୁବ୍ରତ ଦାସଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ପଟାଭାଡି ଅଞ୍ଚଳର ସୁବ୍ରତ ରିଜର୍ଭ ପୋଲିସରେ ଗୃହ ରକ୍ଷୀ ଭାବରେ ନିଯୁକ୍ତି ପାଇଥିଲେ। ସେ ଦେଢବର୍ଷ ଧରି ରିଜର୍ଭ ଓ ସୋନପୁର ଥାନାର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଗତ ମାର୍ଚ୍ଚ ମାସ ୩ତାରିଖରେ ବୈପାରୀଗୁଡା ଅଭିମୁଖେ ଯାଉଥିବା ଏକ ପେଟ୍ରୋଲ ଭର୍ତ୍ତି ଟ୍ୟାଙ୍କର ପଟାଭାଡି ଛକରେ ବାଇକ୍‌କୁ ଧକ୍କା ଦେଇଥିଲା। ଗୃହରକ୍ଷୀ ସୁବ୍ରତଙ୍କ ସମେତ ୬ରୁ ୭ଜଣ ଟ୍ୟାଙ୍କର ଡ୍ରାଇଭର ଜଗତସିଂହପୁର ଜିଲା ନୂଆଗାଁ ଥାନା ଗରେଇ ଗ୍ରାମର ଭରତ ସ୍ୱାଇଁଙ୍କୁ ନିସ୍ଥୁକ ମାଡ ମାରିବା ସହିତ ତାଙ୍କ ନିକଟରୁ ୧୬ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସୋନପୁର ଥାନାରେ ଏକ ମାମଲା(ନଂ. ୪୫/୧୧)ରୁଜୁ ହୋଇଥିଲା। ପୂର୍ବରୁ ପୋଲିସ ଏହି ଘଟଣାରେ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏଏସଆଇ ଶଙ୍କର କୁମ୍ଭାର ମାମଲାର ତଦନ୍ତ କରୁଛନ୍ତି।

## ଟ୍ରକ୍ ସହ ଜଳିଗଲେ ଚାଳକ

ଦେବଗଡ଼,୨୫।୪(ଡି.ଏନ୍.ଏ.)



ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଜଳୁଛି।

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର କଲା ଗ୍ରାମ ପୋଲ ନିକଟରେ ଏକ ଲୁହାପଥର ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେଥିରେ ନିଆଁ ଲାଗିଯିବା ସହ ଚାଳକ ଜୀବନ୍ତ ଦଗ୍ଧ ହୋଇଥିବା ଜଣାପଡ଼ିଛି। ଶନିବାର ରାତି ପ୍ରାୟ ୧୦ଟା ୧୫ରେ କେନ୍ଦୁଝରପଟୁ ଏକ ଲୁହାପଥର ବୋଝେଇ ଟ୍ରକ୍ (ନଂ. ଓଡି ୦୯-୫୮୧୯୦) ବାରକୋଟ ଆଡ଼କୁ ଆସୁଥିବା ସମୟରେ ବିପରୀତ ଦିଗରୁ ଯାଉଥିବା ଅନ୍ୟ ଏକ ମାଲବୋଝେଇ ଟ୍ରକ୍ କଲା ପୋଲ ନିକଟରେ ଅତିକ୍ରମ କରିଥିଲା। ଫଳରେ ଲୁହାପଥର ବୋଝେଇ ଟ୍ରକ୍ ଚାଳକ ଭାରସାମ୍ୟ ହରାଇବାରୁ ଟ୍ରକ୍ ରାସ୍ତା ତଳକୁ ଓଲଟି ପଡ଼ିବା ସହ ସେଥିରେ ହଠାତ୍ ନିଆଁ ଲାଗିଯାଇଥିଲା। ସୂଚନାପାଇ ବାରକୋଟ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଟ୍ରକ୍ ଚାଳକ ବାହାରକୁ ବାହାରି ନ ପାରି ଜଳି ଯାଇଥିଲେ। ମୃତ ଟ୍ରକ୍ ଚାଳକଙ୍କ ନାମ ସିପୁନ ନାୟକ(୨୨)। ତାଙ୍କ ଘର ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ସରୁଆଳି ଗ୍ରାମରେ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ବାରକୋଟ ଥାନା ପୋଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବ୍ଲଡ୍ ବ୍ୟାଙ୍କରେ ରକ୍ତ ଅଭାବ ଆଶଙ୍କା

ସମ୍ବଲପୁର,୨୫।୪(ବ୍ୟୁରୋ)

### ଯୁବବର୍ଗ କୋଭିଡ୍ ଟିକା ନେବା ପ୍ରସଙ୍ଗ




ବୁର୍ଲା ଭିମ୍‌ସାର ରକ୍ତ ଭଣ୍ଡାର।

ରାଜ୍ୟର କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସ୍ୱାସ୍ଥ୍ୟସେବା ଭଳି ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ମେ ୧ ତାରିଖରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୁବବର୍ଗ ଟିକା ନେଇପାରିବେ ବୋଲି ଅନୁମତି ମିଳିଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି। ଯୁବବର୍ଗଙ୍କ ମଧ୍ୟରେ ଟିକା ନେବା ପାଇଁ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। ଯଦି ବହୁସଂଖ୍ୟାରେ ଯୁବବର୍ଗ ଏକକାଳୀନ ଟିକା ନେବେ ତା'ହେଲେ ଆଗାମୀ ଦିନରେ ଏହାର ପ୍ରଭାବ ରକ୍ତ ଭଣ୍ଡାରଗୁଡିକ ଉପରେ ପଡିପାରେ। ଏପରି କି ରାଜ୍ୟରେ ଜରୁରିକାଳୀନ ରୋଗୀଙ୍କ ପାଇଁ ରକ୍ତ ଅଭାବ ଦେଖାଦେଇ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଏ ସମ୍ପର୍କରେ ବୁର୍ଲା ଭିମ୍‌ସାର ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଦେବାଶିଷ ମିଶ୍ର କହିଛନ୍ତି ଯେ ରକ୍ତଦାନ ଶିବିରଗୁଡିକରେ ଅଧିକ ସଂଖ୍ୟାରେ ଯୁବବର୍ଗ ରକ୍ତଦାନ କରିଥାନ୍ତି। ରାଜ୍ୟରେ ରକ୍ତ ଅଭାବ ଦୂର ପାଇଁ କୋଭିଡ୍ ସମୟରେ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଏଥିଯୋଗୁ ରକ୍ତଭଣ୍ଡାରରେ ସମସ୍ୟା ଉପୁଜିନାହିଁ। କିନ୍ତୁ ଶଟ୍‌ଡାଉନ ଯୋଗୁ ରକ୍ତଭଣ୍ଡାରରେ ରକ୍ତ କମିବାରେ ଲାଗିଛି। ସଙ୍କଟାପନ୍ନ ରୋଗୀଙ୍କୁ ରକ୍ତ ଦିଆଯାଉଛି। ରକ୍ତ ଦିଆଗଲେ ତାଙ୍କ ପରିବାର ଲୋକଙ୍କୁ ରକ୍ତ ଦେବାକୁ କୁହାଯାଇଥାଏ। ଏବେ ଶଟ୍‌ଡାଉନ ଯୋଗୁ ପରିବାର କିମ୍ବା ସମ୍ପର୍କୀୟମାନେ ଆସି ପାରୁନାହାନ୍ତି। ତେଣୁ ସମସ୍ୟା ଦେଖାଦେଉଛି। ଅନ୍ୟପକ୍ଷରେ ମେ' ପହିଲାରୁ ଯୁବବର୍ଗଙ୍କୁ ଟିକାକରଣ କରାଯିବ। ଯେ କୌଣସି ଟିକା ନେବାର ୨୮ ଦିନ ପର୍ଯ୍ୟନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ରକ୍ତ ସଂଗ୍ରହ କରାଯାଇ ପାରିବ ନାହିଁ। ଏହି କାରଣରୁ ରକ୍ତଭଣ୍ଡାରରେ ରକ୍ତ ସମସ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ପ୍ରାୟ ଏକମାସ ପରେ ପରିସ୍ଥିତି ସୁଧୁରିଯିବ ବୋଲି ଆଶା କରାଯାଉଛି। ଏବେ ୨୦୦ ୟୁନିଟ୍ ରକ୍ତ ଗଚ୍ଛିତ ରହିଛି। ପ୍ରତିଦିନ ୭୦ରୁ ୮୦ ୟୁନିଟ୍ ରକ୍ତ ଭିମ୍‌ସାରରେ ଆବଶ୍ୟକ ପଡିଥାଏ। ରକ୍ତ ଅଭାବ ଦୂର ପାଇଁ ଏପ୍ରିଲ ଶେଷ ସୁଦ୍ଧା ୫ଟି ଶିବିର କରାଯିବ। ସେହିପରି ଜିଲା ସଦର ଡାକ୍ତରଖାନା ବ୍ଲଡ ବ୍ୟାଙ୍କର ଡାକ୍ତର କଲ୍ଲେଶ କକଡ କହିଛନ୍ତ, ସମ୍ବଲପୁର ରକ୍ତଭଣ୍ଡାରରେ ମଧ ରକ୍ତ ଅଭାବ ରହିଥିଲା। ଏଠାରେ ପ୍ରାୟ ୩୦ ୟୁନିଟ୍ ରକ୍ତ ରହିଥିଲା। ରବିବାର ଦୁଇଟି ସ୍ଥାନରେ ରକ୍ତଦାନ ଶିବିର କରାଯାଇଛି। ଗୋଟିଏ ଶିବିରରୁ ୬୧ ଓ ଅନ୍ୟ ଏକ ଶିବିରରୁ ୫୦କୁ ମିଶାଇ ମୋଟ ୧୧୧ ୟୁନିଟ୍ ସଂଗ୍ରହ ହୋଇଥିଲା। ଏବେ ମୋଟ ୧୪୦ ୟୁନିଟ୍ ରହିଛି। ଯାହା ଆଗାମୀ ୫ ଦିନ ମଧ୍ୟରେ ସରିଯିବ। ଏପ୍ରିଲ ଶେଷ ସୁଦ୍ଧା ୨ଟି ଶିବିର କରିବାର ଯୋଜନା ରହିଛି ବୋଲି କହିଥିଲେ। ସୂଚନାଯୋଗ୍ୟ, କରୋନା ସଂକ୍ରମଣ ବୃଦ୍ଧିକୁ ନେଇ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଭୟ କରୁଛନ୍ତି। ଏହାର ପ୍ରଭାବ ମଧ ରକ୍ତଭଣ୍ଡାର ଉପରେ ପଡୁଛି ବୋଲି କୁହାଯାଉଛି।

## ଚାନ୍ଦିପୋଷ ସାପ୍ତାହିକ ହାଟ ସ୍ଥାନାନ୍ତରିତ

ଲହୁଣୀପଡା,(ଡି.ଏନ.ଏ): କରୋନା ସଂକ୍ରମଣକୁ ଆଖି ଆଗରେ ରଖି ଚାନ୍ଦିପୋଷ ସାପ୍ତାହିକ ମଙ୍ଗଳବାର ହାଟକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିଦେଇଥିବା ଜଣାପଡିଛି। ବଣାଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗଙ୍କ ନିର୍ଦ୍ଦେଶକ୍ରମେ ଚାନ୍ଦିପୋଷଠାରେ ବସୁଥିବା ମଙ୍ଗଳବାର ସାପ୍ତାହିକ ହାଟକୁ ଓଭର ବ୍ରିଜ ଛକରେ ବସିବା ପାଇଁ ଚାନ୍ଦିପୋଷ ସରପଞ୍ଚ ବିଳାସିନୀ ଓରାମ ନୋଟିସ ମାଧ୍ୟମରେ ଅବଗତ କରାଇଥିବା ଜଣାପଡିଛି। ଏଥିରେ କେବଳ ପରିବା ଓ ଖାଦ୍ୟ ଉପକରଣ ବ୍ୟତୀତ ଅନ୍ୟ କିଛି ଦୋକାନ ଖୋଲିବ ନାହିଁ। ଉକ୍ତ ହାଟରେ ବାହାରିଆ ବ୍ୟବସାୟୀମାନଙ୍କୁ ନ ଆସିବା ପାଇଁ ସ୍ପଷ୍ଟ ସୂଚନା ଦିଆଯାଇଥିବା ଜଣାପଡିଛି।

## ସଂକ୍ଷେପରେ

### ଟ୍ରକ୍‌କୁ ଧକ୍କା ଦେଲା ଆମ୍ବୁଲାନ୍ସ: ଡ୍ରାଇଭର ମୃତ



ବଡ଼ଗାଁ, ୨୫।୪ (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଫିସ ସମ୍ମୁଖ ୧୦ନଂ. ରାଜ୍ୟ ରାଜପଥରେ ରବିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଦୁର୍ଘଟଣା ଘଟିଛି। ଟ୍ରକ୍‌କୁ ଆମ୍ବୁଲାନ୍ସ ଧକ୍କା ଦେବାରୁ ଘଟଣାସ୍ଥଳରେ ଆମ୍ବୁଲାନ୍ସ ଡ୍ରାଇଭର ଝାରସୁଗୁଡ଼ା ବେଲପାହାଡ଼ର ରାଜା ଗରଡିଆ (୩୫)ଙ୍କ ମୃତ୍ୟୁ ଘଟିଛି। ଆମ୍ବୁଲାନ୍ସରେ ବସିଥିବା ମହୁଲପାଲି ଗ୍ରାମର ରୋହିତ ନାଏକ (୨୮) ଗୁରୁତର ଆହତ ହୋଇଛନ୍ତି। ସୂଚନାନୁଯାୟୀ ରାଉରକେଲାର ଏକ ହସ୍ପିଟାଲରେ ରୋଗୀଙ୍କୁ ଛାଡି ଫେରିବା ବେଳେ ବଡ଼ଗାଁରେ ଭୁଲ ରାସ୍ତା ଦେଇ ଗଲାବେଳେ ସମ୍ମୁଖପଟୁ ଆସୁଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା। ଆମ୍ବୁଲାନ୍ସଟି ବେଲପାହାଡ଼ର ସନ୍ତୋଷ ଲାଲ୍‌ଙ୍କ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ବଡ଼ଗାଁର ଘୁପୁଲୁ ପାଣିଗ୍ରାହୀ ଆହତଙ୍କୁ ଉଦ୍ଧାର କରି ବଡ଼ଗାଁ ଡାକ୍ତରଖାନାକୁ ନେଇଥିଲେ।

### ଆମ୍‌କୋ-ସିମକୋରେ ଶହୀଦ ଦିବସ ପାଳିତ

କୁଆଁରମୁଣ୍ଡା,୨୫।୪(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ରାଏବୋଗା ପଞ୍ଚାୟତର ଆମ୍‌କୋ-ସିମକୋ ଶହୀଦ ପୀଠରେ ରବିବାର ଜିଲା ପ୍ରଶାସନ ପକ୍ଷରୁ ଶହୀଦ ଦିବସ ପାଳନ କରାଯାଇଛି। ସମ୍ପ୍ରତି କରୋନା ମହାମାରୀ ପରିପ୍ରେକ୍ଷୀରେ ସମ୍ପୂର୍ଣ୍ଣଭାବେ କୋଭିଡ୍ ଗାଇଡ୍ ଲାଇନ୍ ପାଳନ କରି କେବଳ ରାଏବୋଗା ପଞ୍ଚାୟତସ୍ତରୀୟ ଶହୀଦ କମିଟି ପକ୍ଷରୁ ଶହୀଦ ସ୍ମୃତି ଦିବସ ପାଳନ କରାଯାଇଛି ବୋଲି ପାନପୋଷ ଉପଜିଲାପାଳ ତଥା ଶହୀଦ ସ୍ମୃତି କମିଟିର ଚେୟାରମ୍ୟାନ ଦୌଲତ ଚନ୍ଦ୍ରାକାର ସୂଚନା ଦେଇଛନ୍ତି। ଏପରିକି ମାତ୍ର ୧୪ଜଣ କାର୍ଯ୍ୟକର୍ତ୍ତା ଶହୀଦ ସ୍ମୃତି ପୀଠରେ ପହଞ୍ଚି ସେଠାରେ ଶହୀଦମାନଙ୍କ ସମ୍ମାନାର୍ଥେ କେବଳ ପୁଷ୍ପମାଲ୍ୟ ଅର୍ପଣ କରିଥିବା ଉପଜିଲାପାଳ ଚନ୍ଦ୍ରାକାର କହିଛନ୍ତି। ସୂଚନାଯୋଗ୍ୟ ଯେ,୧୯୩୯ ମସିହା ଏପ୍ରିଲ ୨୫ରେ ତତ୍କାଳୀନ ଇଂରେଜ ସରକାର ନିରୀହ ଆଦିବାସୀମାନଙ୍କୁ ପ୍ରତାରଣା ପୂର୍ବକ ଆମକୋ-ସିମ୍‌କୋ ଅଞ୍ଚଳକୁ ଡାକି ସେଠାରେ ଅତି ଅମାନୁଷିକଭାବେ ଗୁଳିକରି ହତ୍ୟା କରିଥିଲେ। ଏପରିକି ସେମାନଙ୍କ ଶବଗୁଡିକୁ ଇଂରେଜ ସୈନ୍ୟମାନେ ୧୨ କି.ମି. ଦୂର ବୀରମିତ୍ରପୁର ଚୂନଭାଟିକୁ ଆଣି ଚିମିନିରେ ପକାଇ ପୋଡି ଦେଇଥିଲେ।

### ଅବସରପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକଙ୍କ ପରଲୋକ

କୁତ୍ରା, ୨୫।୪(ଡି.ଏନ.ଏ.): ସୁନ୍ଦରଗଡ ଜିଲା କୁତ୍ରା ବ୍ଲକର କୁରୁଙ୍ଗା ଗ୍ରାମରେ ବସବାସ କରୁଥିବା ରାଜଗାଙ୍ଗପୁର ରାଷ୍ଟ୍ରୀୟ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦେବାର୍ଚ୍ଚନ ସା (୮୩)ଙ୍କ ରବିବାର ଦେହାନ୍ତ ହୋଇଯାଇଛି। ସେ ଗତ କିଛି ଦିନ ହେବ ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ କଂଗ୍ରେସ କର୍ମୀ, କୁତ୍ରାର ସାମ୍ବାଦିକ, କୁତ୍ରା ଓ କୁରୁଙ୍ଗା ଅଞ୍ଚଳବାସୀ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ସାଙ୍କ ଜ୍ୟେଷ୍ଠ ପୁତ୍ର ଶରତ ଚନ୍ଦ୍ର ସା କୁତ୍ରା(କ) ଜିଲାପରିଷଦ ସଭ୍ୟ ଅଛନ୍ତି।

# ହଜାରେ ଟଙ୍କା ଲାଗି ଜୀବନ ଗଲା

## ଠେଙ୍ଗାରେ ପିଟି ଯୁବକଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ ଯୁବକ ଗିରଫ

ଦେବଗଡ଼,୨୫।୪(ଡି.ଏନ୍.ଏ.)

ମାତ୍ର ଏକ ହଜାର ଟଙ୍କା ଲାଗି ଯାଇଛି ଜଣେ ଯୁବକଙ୍କ ଜୀବନ। ଏହି ଟଙ୍କା ଲାଗି ଜଣେ ଯୁବକ ଅନ୍ୟ ଜଣେ ଯୁବକଙ୍କୁ ପିଟି ହତ୍ୟା କରିଥିବା ଜଣାପଡ଼ିଛି। ଗତ ୨୩ ତାରିଖ ଦେବଗଡ଼ ଥାନା ଅନ୍ତର୍ଗତ ସୁଗୁଡା ଗ୍ରାମରେ ଘଟିଥିବା ଧୀର ସାହୁ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିବାରେ ଦେବଗଡ଼ ଥାନା ପୋଲିସ ସଫଳ ହୋଇଛି। ପୋଲିସ ରବିବାର ଏ ଘଟଣାରେ ସୁଗୁଡା ଗ୍ରାମର ପିଣ୍ଟୁ ପ୍ରଧାନ ନାମକ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପିଣ୍ଟୁ ମାତ୍ର ଏକ ହଜାର ଟଙ୍କା ପାଇଁ ଧୀରଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଥିବା ଜଣାପଡିଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୩ ତାରିଖ ଧୀର ଓ ପିଣ୍ଟୁ ନିକଟସ୍ଥ ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ଦୋକାନରେ ଏକା ସାଙ୍ଗରେ ମଦ୍ୟପାନ କରିଥିଲେ। ଏହି ସମୟରେ ଧୀର ନିଶାଶକ୍ତ ଅବସ୍ଥାରେ ପିଣ୍ଟୁର ପକେଟରୁ ଏକ ହଜାର ଟଙ୍କା ଛଡାଇ ନେଇଥିଲେ। ପିଣ୍ଟୁ ତାଙ୍କୁ ଏହି ଟଙ୍କା ଫେରାଇ ଦେବା ପାଇଁ ବାରମ୍ବାର କହିଥିଲେ ହେଁ ଧୀର ତାଙ୍କୁ ଟଙ୍କା ଫେରାଇବା ପରିବର୍ତ୍ତେ ସେଠାରୁ ନିଜ ଘର ଅଭିମୁଖେ ବାହାରିଥିଲେ। ଫଳରେ ପିଣ୍ଟୁ ତାଙ୍କର ପିଛା କରିବାସହ ସୁଗୁଡା ଗାଁ ମୁଣ୍ଡରେ ଥିବା କାମନା ଗୁଡିରେ ତାଙ୍କୁ ଅଟକାଇ ପୁଣିଥରେ ଟଙ୍କା ଫେରାଇବାକୁ ଚେତାବନି ଦେଇଥିଲା। ମାତ୍ର ଧୀର ତା' କଥା ନ ମାନିବାରୁ ପିଣ୍ଟୁ ଧୀର ଠାରୁ ଉକ୍ତ ଟଙ୍କା ଛଡାଇ ଆଣିବା ପାଇଁ ଉଦ୍ୟମ କରିବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାସତ୍ତ୍ୱେ ପିଣ୍ଟୁ ଧୀରଙ୍କ ଠାରୁ ଉକ୍ତ ଟଙ୍କା ଛଡାଇପାରି ନ ଥିଲେ। ଉତକ୍ଷିପ୍ତ ହୋଇ ଏକ ଠେଙ୍ଗା ସାହାଯ୍ୟରେ ଧୀରଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କଠାରୁ ଏକ ହଜାର ଟଙ୍କା ନେଇଯିବା ସହ ଧୀରଙ୍କର ମୃତ୍ୟୁ ଘଟିଥିବା ଭାବି ସେଠାରୁ ଫେରାର୍ ହୋଇଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ,ସୁଗୁଡା ଗ୍ରାମର ଧୀର ସାହୁ(୪୮) ଗତ ୨୩ ତାରିଖ ସକାଳେ ଘରୁ ବାହରି ଯାଇଥିଲେ ହେଁ ମଧ୍ୟାହ୍ନ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ । ଅପରାହ୍ନ ପ୍ରାୟ ୩ଟାରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଧୀରଙ୍କ ଘରକୁ ଆସି ତାଙ୍କପୁଅ ସାଗର ସାହୁଙ୍କୁ 'ତୁମ ବାପା ଗାଁର କାମନାଗୁଡି ମଧ୍ୟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଛନ୍ତି'ବୋଲି ସୂଚନା ଦେଇଥିଲେ । ସୂଚନା ପାଇ ଧୀରଙ୍କ ପୁଅ ସାଗର ସେଠାକୁ ଯାଇଦେଖିବା ବେଳକୁ ସେଠାରେ ବାପା ଧୀର ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଛନ୍ତି। ଏକ ରକ୍ତଲଗା ଠେଙ୍ଗା ପଡିଥିବା ଏବଂ କାମନାଗୁଡିର କାନ୍ଥରେ ରକ୍ତର ଛିଟା ଲାଗିଥିବା ଦେଖିବାକୁ ପାଇଥିଲେ। ଏହାପରେ ଧୀରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏକ ଅଟୋରିକ୍ସା ସହାୟତାରେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟାରେ ଧୀରଙ୍କ ପୁଅ ସାଗର ଦେବଗଡ ଥାନାକୁ ଆସି ତାଙ୍କ ବାପାଙ୍କୁ କେହି ଠେଙ୍ଗାରେ ପିଟି ହତ୍ୟା କରିଥିବା ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ ଥାନା ପୋଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି। ଘଟଣାର ୪୮ ଘଣ୍ଟା ମଧ୍ୟରେ ପର୍ଦ୍ଦାଫାଶ କରିବା ସହ ହତ୍ୟାକାରୀ ଯୁବକ ପିଣ୍ଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।



ପିଣ୍ଟୁ ପ୍ରଧାନଙ୍କୁ ପୋଲିସ ଗିରଫ କରିଛି।

# ବେଦବ୍ୟାସରେ ଆମ୍‌କୋ ସିମ୍‌କୋ ଶହୀଦ ଦିବସ ପାଳିତ

ବେଦବ୍ୟାସ, ୨୫।୪ (ଡି.ଏନ.ଏ)

ଚଳିତ ବର୍ଷ ବେଦବ୍ୟାସସ୍ଥିତ ବେଦବ୍ୟାସ ବୈଦିକ ସଂସ୍କୃତି ମହାବିଦ୍ୟାଳୟ ପ୍ରାଙ୍ଗଣରେ ରବିବାର କୋଭିଡ ଗାଇଡ ଲାଇନକୁ ପାଳନ କରି ଆମକୋ ସିମକୋ ଶହିଦ ଦିବସ ପାଳିତ ହୋଇଛି। ଏହି ଅବସରରେ ସଙ୍ଗଠନର ସଭାପତି ଯୁବନେତା ରବୀନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ପ୍ରଥମେ ଶହୀଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପ୍ରଦାନ କରିବା ସହ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିଲା । ଜନଜାତି ନେତା ଭୀମସେନ କୁଜୁରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଆଜକୁ ୮୨ ବର୍ଷ ବିତି ଯାଇଥିଲେ ହିଁ ଦେଶ ସ୍ୱାର୍ଥ ପାଇଁ ମୃତ୍ୟୁବରଣ କରିଥିବା ବୀର ଶହୀଦମାନଙ୍କ ପ୍ରତି ପ୍ରକୃତ ସମ୍ମାନରୁ ବଞ୍ଚିତ କରାଯାଉଛି। ଏନେଇ ସଭାପତି ପ୍ରଧାନ ବୀର ଶହୀଦମାନଙ୍କ ପ୍ରତି କେବେ ଉଚିତ ସମ୍ମାନ ମିଳିବ ସହିତ ମାଗୁଛି ସମ୍ମାନ ବୋଲି ଦୃଢ଼ ଦାବି ବକ୍ତବ୍ୟ ମାଧ୍ୟମରେ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରମେଶ ଚନ୍ଦ୍ର ଜେନା, ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା, ସ୍ୱାମୀ ଅଗ୍ନିବାବା ପ୍ରମୁଖ ମଞ୍ଚାସୀନ ରହି ଶହୀଦମାନଙ୍କ ଦେଶପ୍ରତି ନିସ୍ୱାର୍ଥପର ସେବା ଓ ବଳିଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆମକୋ ସିମକୋ ଶହୀଦ କମିଟିର ଅଭିଲିପ୍ସା ପଣ୍ଡା, ଅଲିଶା ଔରଶିଖାପଣ୍ଡା, ଦାଶରଥି ସେଠୀ, ନବନିତ ଝା, ନବୀନ କିଷାନ, ସଚିନ ଓରାମ, ଓମପ୍ରକାଶ ମଲ୍ଲିକ, ଅଜୟ ନାୟକ, ନିରଞ୍ଜନ ସେଠୀ, ଶଶିକାନ୍ତ ସିଂ, ଘନଶ୍ୟାମ ସିଂ, ଗୋବିନ୍ଦ ମାଝୀ, ଚନ୍ଦ୍ରମଣୀ କିଷାନ, ଦଶରଥି କୁଜୁର, ପ୍ରଦୀପ ଓରାମ, ସନ୍ତୋଷ ଲାଲ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ କୋଭିଡ ଗାଇଡ ଲାଇନ୍‌କୁ ପାଳନ କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ। ଶେଷରେ ସଙ୍ଗଠନର ବରିଷ୍ଠ ସଭ୍ୟ ଚନ୍ଦ୍ରମଣୀ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୪ ଘଣ୍ଟାରେ ୭୮୫ କରୋନା ସଂକ୍ରମିତ ଚିହ୍ନଟ



ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଜିଲାପାଳଙ୍କୁ ଭେଟି ଆଲୋଚନା କରୁଛନ୍ତି।

## ହେମଗିରରେ କୋଭିଡ କେୟାର ସେଣ୍ଟର ଦାବି

ସୁନ୍ଦରଗଡ଼, ୨୫।୪ (ଡି.ଏନ୍.ଏ.)

କରୋନା ସଂକ୍ରମଣରେ ରାଜ୍ୟରେ ସୁନ୍ଦରଗଡ଼ ଦ୍ୱିତୀୟ ଶୀର୍ଷ ସ୍ଥାନରେ ରହିଛି। ଗତ ୨୪ଘଣ୍ଟା ମଧ୍ୟରେ ଏହି ଜିଲାରେ ୭୮୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସପ୍ତାହନ୍ତ ଶଟଡ଼ାଉନର ଦ୍ୱିତୀୟ ସପ୍ତାହ ରବିବାର ସୁନ୍ଦରଗଡ଼ରେ ରାସ୍ତାଘାଟ ଶୂନଶାନ୍ ହୋଇପଡିଥିଲା। କାଁଭାଁ ଜରୁରୀ କାର୍ଯ୍ୟରେ କେତେକ ଲୋକ ଯିବାଆସିବା କରୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇ ବାହାରକୁ ବାହାରିବା କାରଣ ସମ୍ପର୍କରେ ପଚାରିବୁଝିବା ସହ ମାସ୍କ ବ୍ୟବହାର କରି କରୋନା କଟକଣା ମାନିବାକୁ ସମସ୍ତଙ୍କୁ ଅନୁରୋଧ କରୁଥିବା ଦେଖାଯାଇଥିଲା। ଏଥିସହ ପୋଲିସ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସହରର ବିଭିନ୍ନ ସ୍ଥାନରେ ଜରୁରୀ କାମ ନ ଥିଲେ କେହି ପଦାକୁ ନ ବାହାରିବାକୁ ଓ କରୋନାର ଭୟାବହତା ସମ୍ପର୍କରେ ଲୋକଙ୍କୁ ସୂଚିତ କରାଯାଇଥିଲା। ଜିଲାର କରୋନା ହେଲ୍ପଲାଇନ୍ ନିଶୁଳ୍କ ଟେଲିଫୋନ୍ ନମ୍ବର ୧୮୦୦୩୪୫୭୪୬୧ ଓ ୦୬୬୨୨-୨୭୨୮୮୯ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇ ଅସୁସ୍ଥ ଅନୁଭବ କରୁଥିବା ଲୋକେ ଏହି ନମ୍ବରରେ ସହାୟତା ପାଇଁ ଯୋଗାଯୋଗ କରିପାରିବେ ବୋଲି କୁହାଯାଉଛି। ଜିଲାର ହେମଗିର ବ୍ଲକ ପଡୋଶୀ ଛତିଶଗଡ଼ ରାଜ୍ୟ ସୀମାରେ ଥିବାରୁ ସେଠାରେ କରୋନା ରୋଗୀଙ୍କ ସଂଖ୍ୟା ପ୍ରତିଦିନ ବଢ଼ିବାରେ ଲାଗିଛି। ଏଭଳି ପରିସ୍ଥିତିରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ରବିବାର ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ହେମଗିର ବ୍ଲକ ସକାଶେ ଏମ୍‌ସିଏଲ କଲୋନୀଠାରେ ଥିବା ବସୁନ୍ଧରା ହସ୍ପିଟାଲକୁ ୧୦୦ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟର କରିବାକୁ ଦାବି କରିଥିଲେ। ଜିଲାପାଳ ବର୍ତ୍ତମାନ ପାଇଁ ସେଠାରେ ୨୦ଶଯ୍ୟା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହା ବ୍ୟତୀତ ପ୍ରତ୍ୟେକ ପଞ୍ଚାୟତରେ କୋଭିଡ୍ ସଙ୍ଗରୋଧ କେନ୍ଦ୍ର ସହ ୨ଟି ଲେଖାଏଁ ଅକ୍ସିମିଟର ବ୍ୟବସ୍ଥା, ସୁନ୍ଦରଗଡ଼ ଏନ୍‌ଟିପିସି କୋଭିଡ ହସ୍ପିଟାଲରେ ରୋଗୀଙ୍କ ପାଇଁ ଉତ୍ତମମାନର ଖାଦ୍ୟ ସହ ବିଶୁଦ୍ଧ ପାଣି, ଅକ୍ସିଜେନ ବ୍ୟବସ୍ଥା ସହ ଅଧିକ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ବିଧାୟିକା ଦାବି କରିଛନ୍ତି।

## ସଙ୍ଗିନ ହେଉଛି କୋଭିଡ୍ ସ୍ଥିତି: ଦିନକରେ ୨୮୦ ଚିହ୍ନଟ

### ଯୁଯୁମୁରା ହାଇସ୍କୁଲ ଶିକ୍ଷକଙ୍କ ମୃତ୍ୟୁ

ସମ୍ବଲପୁର,୨୫।୪ (ବ୍ୟୁରୋ)

ସମ୍ବଲପୁର ଜିଲାରେ କୋଭିଡ ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରବିବାର ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ୨୮୦ ଜଣ ଚିହ୍ନଟ ହୋଇଛନ୍ତି। ମୋଟ ସଂଖ୍ୟା ୧୩ହଜାର ୨୬୯ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୧ ହଜାର ୧୪୯ ସୁସ୍ଥ ହୋଇ ଫେରିଥିବା ବେଳେ କୋଭିଡ ମେଡିକାଲ ଓ ହୋମ ଆଇସୋଲେସନରେ ୨୦୪୦ ଜଣ ଚିକିତ୍ସିତ ହେଉଛନ୍ତି। ୮୦ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଛି। ପ୍ରଶାସନ ପକ୍ଷରୁ ପ୍ରତି ବ୍ଲକରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟର ଖୋଲାଯାଇଛି। ଏହାଛଡା ୨ଟି ଏନଏସିରେ ମଧ ୧୦୦ ଶଯ୍ୟା, ବୁର୍ଲାରେ ଏସଟି/ଏସଏସି ବାଳକ ହଷ୍ଟେଲରେ ୧୦୦ ଶଯ୍ୟା, କାଇଁସିରରେ ୬୦୦ ଶଯ୍ୟା, ଭିମସାରରେ ୩୬ ଶଯ୍ୟା ବିଶିଷ୍ଟ କୋଭିଡ କେୟାର କେନ୍ଦ୍ର ଖୋଲାଯିବ। କୋଭିଡ ସଂକ୍ରମଣରେ ଯୁଯୁମୁରା ହାଇସ୍କୁଲର ଶିକ୍ଷକ ସତ୍ୟବ୍ରତ ପତିଙ୍କ ପରଲୋକ ଘଟିଥିବା ପରିବାରବର୍ଗ କହିଛନ୍ତି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ୧୪ ତାରିଖଠାରୁ କୋଭିଡ ସଂକ୍ରମଣ ହୋଇଥିଲେ ।

# କୁଳାଧିପତିଙ୍କ ହସ୍ତକ୍ଷେପ ଲୋଡିଲେ ରୋହିତ

ସମ୍ବଲପୁର,୨୫।୪ (ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କର୍ମଚାରୀ ଦୀନବନ୍ଧୁ ମିଶ୍ରଙ୍କ ଆତ୍ମାହୁତି ଘଟଣା ପରେ ସ୍ୱାଭାବିକ ସ୍ଥିତି ଆଣିବାକୁ ହେଲେ ଅସ୍ଥାୟୀ କର୍ମଚାରୀମାନଙ୍କୁ ନ୍ୟାୟ ମିଳିବା ଆବଶ୍ୟକ ରହିଛି। ତେଣୁ ଏହି ପ୍ରସଙ୍ଗରେ ଜିଲାପାଳ ତଥା କୁଳାଧିପତି ପ୍ରଫେସର ଗଣେଶି ଲାଲଙ୍କ ହସ୍ତକ୍ଷେପ ଲୋଡାଯାଇଛି। ରେଢ଼ାଖୋଲ ବିଧାୟକ ତଥା ରାଜ୍ୟ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଏନେଇ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି। ଗତ ଶୁକ୍ରବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜିବ ମିତ୍ତଲଙ୍କ ଅଧ୍ୟକ୍ଷତାରେ ସିଣ୍ଡିକେଟ ବୈଠକ ହୋଇଥିଲା। କିନ୍ତୁ ଦୀନବନ୍ଧୁଙ୍କ ଆତ୍ମାହୁତି ଘଟଣାରେ କୁଳପତିଙ୍କ ନାମରେ କେଶ ରୁଜୁ ହୋଇଛି । ତଥାପି କେଉଁ ଆଧାରରେ ସେ ସିଣ୍ଡିକେଟ୍ ବୈଠକରେ ଅଧ୍ୟକ୍ଷତା କରିଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରକୃତ ଘଟଣା ଅନୁସନ୍ଧାନ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ରୋହିତ ଦାବି କରିଛନ୍ତି ।

# ଛତିଶଗଡ ସୀମାରେ କଟକଣାକୁ ବେଖାତିର



ଛତିଶଗଡ ସୀମାନ୍ତ କନକତୋରା ଛକରେ ରବିବାର ସନ୍ଧ୍ୟାରେ ଲୋକଙ୍କ ଭିଡ ।

ଝାରସୁଗୁଡା ଅଫିସ୍,୨୫।୪

ଛତିଶଗଡରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢିଚାଲିଛି। ଏହାର ପ୍ରଭାବ ଝାରସୁଗୁଡା ଜିଲାରେ ଦେଖାଦେଇଛି। ଯେପରି ପଡୋଶୀ ଝାରସୁଗୁଡା ଜିଲାକୁ ଅଧିକ ସଂକ୍ରମିତ ନ ହେବ ସେ ନେଇ ଜିଲା ଓ ପୋଲିସ୍ ପ୍ରଶାସନ ତରଫରୁ କନକତୋରା ନିକଟ ଛତିଶଗଡ ସୀମାକୁ ସିଲ୍ କରି କଡାକଡି ଯାଞ୍ଚ କରାଯାଉଛି। ଏଠାରେ ଅସ୍ଥାୟୀ କ୍ୟାମ୍ପ କରି ପୋଲିସ ୨୪ ଘଣ୍ଟା ପହରା ଦେଉଛି। ଏହା ଉପରେ ଉଭୟ ପ୍ରଶାସନ କଡା ନଜର ରଖିଛନ୍ତି। ସ୍ଥିତି ଅନୁଧ୍ୟାନ ପାଇଁ ଆଇଜି, ଏସ୍‌ପି, ଜିଲାପାଳ ଓ ଉପଜିଲାପାଳ ସୀମାନ୍ତ ଅଞ୍ଚଳକୁ ବାରମ୍ବାର ଗସ୍ତ କରୁଛନ୍ତି। ଏହା ସତ୍ତ୍ୱେ ଛତିଶଗଡର ଲୋକେ ଅବାଧରେ ସୀମା ପାର୍ ହୋଇ କନକତୋରା ଛକକୁ ଆସି ଦୋକାନ ବଜାରରୁ ଜିନିଷପତ୍ର କିଣାବିକା କରୁଥିବା ଦେଖିବାକୁ ମିଳୁଛି। ଜିଲାରେ ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ରହିଥିଲେ ମଧ୍ୟ ଏହାକୁ ଲୋକେ ମାନୁନାହାନ୍ତି। ସୀମାରେ ପୋଲିସ ଜଗିରହିଛି। କିନ୍ତୁ କୋଭିଡ୍ ନିୟମକୁ ଫୁ କରି ଏଠାରେ ଲୋକେ ଯାତାୟାତ ଓ କିଣାବିକା ଚଳାଇଛନ୍ତି। ଫଳରେ ସୀମାନ୍ତ ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା ରହିଛି। ସୀମାନ୍ତରେ ଏଭଳି ସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ଝାରସୁଗୁଡା ଜିଲାର ପରିସ୍ଥିତି ସଙ୍ଗୀନ ହୋଇପଡିବ ।

# ଝାରସୁଗୁଡା: ୩ କରୋନା ସଂକ୍ରମିତ ମୃତ

ଝାରସୁଗୁଡା ଅଫିସ୍,୨୫।୪

ଝାରସୁଗୁଡା ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ସହ ମୃତ୍ୟୁସଂଖ୍ୟା ମଧ୍ୟ ବଢିବାରେ ଲାଗିଛି । ଗତ ଶୁକ୍ରବାର ଜିଲା କୋଭିଡ୍ ହସ୍ପିଟାଲ୍‌ରେ ଗୋଟିଏ ଦିନରେ ଏକ ସଙ୍ଗେ ୩ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା। ଏହାର ୨ଦିନ ପରେ ରବିବାର ଜିଲା କୋଭିଡ୍ ହସ୍ପିଟାଲ୍‌ରେ ପୁଣି ୨ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକଙ୍କ ମଧ୍ୟରେ ଝାରସୁଗୁଡା ମଙ୍ଗଳବଜାର ଲକ୍ଷ୍ମୀଦେବୀ ଶର୍ମା(୬୨) ଓ ଲଖନପୁର ବ୍ଲକ କତରବଗା ଗ୍ରାମର ଅଜିତ ସିଂହ(୩୫) ରହିଛନ୍ତି। ଏମାନେ କରୋନା ସଂକ୍ରମିତ ହୋଇ ଜିଲା କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ବୋଲି ଜିଲା କୋଭିଡ୍ ହସ୍ପିଟାଲ୍ ମୁଖ୍ୟ ଚିକିତ୍ସକ ଡା. ହୃଷିକେଶ ନାୟକ କହିଛନ୍ତି। ସେହିପରି ଝାରସୁଗୁଡା ଜିଲାର ଖବରଦାତା ଅମଜାଦ୍ ବାଦଶାହ(୪୫) କରୋନାରେ ସଂକ୍ରମିତ ହୋଇ ରାଉରକେଲା ସ୍ଥିତ ଏକ ଘରୋଇ କୋଭିଡ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅପରାହ୍ନରେ ମୃତ୍ୟୁବରଣ କରିଛନ୍ତି। ଅମଜାଦ୍ ଝାରସୁଗୁଡା ଜିଲା ଲଖନପୁର ବ୍ଲକ ରେମଣ୍ଡା ଗ୍ରାମର ପ୍ରଖ୍ୟାତ କବି ଗୌନ୍ତିଆ ମହମ୍ମଦ ଜମିଉଲ୍ଲାଙ୍କ ଦ୍ୱିତୀୟ ପୁତ୍ର ଥିଲେ। ସୋମବାର ତାଙ୍କ ମରଶରୀର ରାଉରକେଲାରୁ ଝାରସୁଗୁଡା ଆସି କବର ଦିଆଯିବ ବୋଲି ତାଙ୍କ ପରିବାର ସୂତ୍ରରୁ ଜଣାପଡିଛି। ତାଙ୍କ ମୃତ୍ୟୁରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ କିଶୋର ମହାନ୍ତି, ଜିଲାପାଳ ସରୋଜ କୁମାର ସାମଲ ଓ ଜିଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଶୋକ ପ୍ରକାଶ କରିଛନ୍ତି ।

# ଗ୍ରାମାଞ୍ଚଳରେ ପାନୀୟଜଳ ସମସ୍ୟା ଦୂର ପାଇଁ ପଦକ୍ଷେପ

## ଡାଲମିଆ ସିମେଣ୍ଟ ତରଫରୁ ନଳକୂପ ଖନନ

କୁତ୍ରା, ୨୫।୪(ଡି.ଏନ.ଏ.)

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ଼ ଲାଞ୍ଜିବେର୍ଣ୍ଣା ଚୂନପଥର ଖଣିର ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସ୍‌ଆର୍) ତରଫରୁ ବିଭିନ୍ନ ଗ୍ରାମରେ ପାନୀୟଜଳ ସଙ୍କଟ ଦୂର କରିବା ପାଇଁ ପଦକ୍ଷେପ ନିଆଯାଇଛି। ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ନଳକୂପ ଖନନ ଏବଂ ପୁରାତନ ନଳକୂପଗୁଡିକର ପୁନରୁଦ୍ଧାର କାର୍ଯ୍ୟକ୍ରମ ହାତକୁ ନେଇଛି। ଚଳିତବର୍ଷ ବାବୁଡିହ, ଚୌକିଦାରପଡା, ଧାଙ୍ଗରିଧୁକା, କୁକୁଡ଼ା (ପାଣ୍ଡୁଟୋଲି), ସର୍ଗିଟୋଲୀ, ଝାନପାଲି, ମାର୍ଟିନପଡା, ବିହାବନ୍ଧ, ଭେଲୁଆଡିହି ଇତ୍ୟାଦି ଦଶଟି ସ୍ଥାନରେ ଦଶଟି ନଳକୂପ ଖନନକରି ଉପରୋକ୍ତ ଗ୍ରାମଗୁଡିକରେ ବସବାସ କରୁଥିବା ଲୋକଙ୍କ ପାଇଁ ଶୁଦ୍ଧ ପାନୀୟଜଳର ବ୍ୟବସ୍ଥା କରାଯାଇଛି। ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନଙ୍କ ପାନୀୟଜଳ ବ୍ୟବସ୍ଥା ପାଇଁ ଡାଲମିଆ ସିମେଣ୍ଟର ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସ୍‌ଆର୍) ବିଭିନ୍ନ ପ୍ରଚେଷ୍ଟା କରିଆସୁଛି। ଏଠାରେ ସୂଚନା ଥାଉଯେ, ଡାଲମିଆ ସିମେଣ୍ଟ ବିଗତ ୩ ବର୍ଷ ଭିତରେ ୧୮ଟି ନୂତନ ନଳକୂପ ଖନନ କରିବା ସହିତ ୧୦ଟି ପୁରାତନ ନଳକୂପର ପୁନଃରୁଦ୍ଧାର କାର୍ଯ୍ୟ କରିଛି। ତତ୍‌ସହିତ ଖେରାମୁଟା, ଟୁଙ୍ଗରିଟୋଲି, ସର୍ଗିଟୋଲି, ଚୂମାବାହାଲ, ପାହାଡ଼ଟୋଲି ପ୍ରଭୃତି ଗ୍ରାମଗୁଡିକରେ ଥିବା ଅବ୍ୟବହୃତ ନଳକୂପଗୁଡିକୁ ପୁନରୁଦ୍ଧାର କରିବା ସହିତ ପାନୀୟ ଜଳ ଯୋଗାଣ ଉପଯୋଗୀ କରାଯାଇଛି।



କମ୍ପାନୀ ପକ୍ଷରୁ ଖନନ କରାଯାଇଥିବା ନଳକୂପରୁ ଲୋକେ ପାଣି ନେଉଛନ୍ତି।

# ଯାଞ୍ଚ ହେଉନି ମାନ, ନାହିଁ କାର୍ଯ୍ୟାନୁଷ୍ଠାନ

## ଅବାଧରେ ବିକ୍ରି ଚାଲିଛି ପାଣି ପାଉଚ୍, ବୋତଲ

ବେଦବ୍ୟାସ, ୨୫।୪ (ଡି.ଏନ୍.ଏ.)

ପ୍ରଚଣ୍ଡ ଗ୍ରୀଷ୍ମତାପ ଯୋଗୁ ବେଦବ୍ୟାସ କଲୁଙ୍ଗା, ଗୋପପାଲି, ବଲଣ୍ଡା, ବିରକେରା ଆଦି ଅଞ୍ଚଳରେ ଲୋକେ ପାଣି ପାଇଁ ତହଳବିକଳ ହେଉଛନ୍ତି। ଏହାର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟବସାୟୀ ଦୂଷିତ ପାଣିକୁ ନେଇ ବୋତଲ ଓ ପାଉଚ୍‌ରେ ଭର୍ତ୍ତିକରି ବିକି ବେଶ୍ ଲାଭବାନ ହେଉଥିବା ଅଭିଯୋଗ ହେଉଛି। ଏହାର ଶୁଦ୍ଧତା ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ବିଭିନ୍ନ ବେନାମୀ କମ୍ପାନୀ ନାମରେ ସାଧାରଣ ଲୋକଙ୍କୁ ଠକେଇ କରିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ବେଦବ୍ୟାସ ଓ କଲୁଙ୍ଗା ବଜାର ଓ ଗ୍ରାମାଞ୍ଚଳରେ ଉପଲବ୍ଧ ହେଉଥିବା ଏହି ପାଣି ବ୍ୟବହାର କରି ଜନସାଧାରଣ ବିଭିନ୍ନ ରୋଗର ଶୀକାର ହେଉଥିବା ମଧ ଅଭିଯୋଗ ହେଉଛି। ମିଳୁଥିବା ପାଣି ପାଉଚ ଓ ବୋତଲର ମାନ ଯାଞ୍ଚ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସ୍ୱାସ୍ଥ୍ୟ ବିଭାଗର ଦାୟୀତ୍ୱ ହୋଇଥିଲେ ମଧ କୋଭିଡ- ୧୯ ଆଳରେ ପଦକ୍ଷେପ ନିଆଯାଉ ନାହିଁ। ଏବେ କଲୁଙ୍ଗା ନିକଟସ୍ଥ ବେଲଡିହି, ଝାରତରାଙ୍ଗ ଓ ଯମୁନାନାକି ଆଦି ଅଞ୍ଚଳରେ ପ୍ରାୟ ୩ ରୁ ୪ ଗୋଟି କମ୍ପାନୀ ଦ୍ୱାରା ପ୍ରସ୍ତୁତ ପାଣି ପାଉଚ୍ ପ୍ୟାକିଂରେ ନାମ ଉଲ୍ଲେଖ ରହୁଥିବା ବେଳେ ଏହାର ଠିକଣା ଲେଖାଯାଉ ନାହିଁ। ଫଳରେ ଏହି ପାଣି ପିଇ ଗ୍ରାହକ ଅସୁସ୍ଥ କିମ୍ବା ପ୍ରାଣ ହରାଇଲେ କାହା ନାମରେ ଅଭିଯୋଗ କରାଯିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ନକଲି ପାଣି ପାଉଚ ଓ ବୋତଲର ସ୍ୱାଦ ଭିନ୍ନ ରହୁଛି। ଏହା ବିକ୍ରୟ କରୁଥିବା ଦୋକାନୀଙ୍କୁ ପଚାରିଲେ ସେ ନିର୍ଦ୍ଦିଷ୍ଟ ଭାବେ ଉତ୍ତର ଦେଇ ପାରୁନାହାନ୍ତି। ସାଧାରଣ ପାଣିରେ ଫିଟକରି ମିଶାଇ ପାଣି ପାଉଚ ପ୍ରସ୍ତୁତି କରାଯାଇ ବିକ୍ରି କରାଯାଉଥିବା ଏକ ସୂତ୍ରରୁ ଜଣାଯାଉଛି। କେତେକ ନକଲି କମ୍ପାନୀ ବୋତଲ ଓ ପାଣି ପାଉଚର ଆଇଏସ୍‌ଆଇ ମାର୍କ ଦର୍ଶାଇ ବଜାରକୁ ଛାଡୁଥିବାରୁ ସହଜରେ ନକଲି ଓ ଅସଲି ତାହା ଜଣାପଡୁ ନାହିଁ। ଭୋଜି ଭାତରେ ମଧ ଏହି ପାଣି ଅଧିକ ବ୍ୟବହାର କରାଯାଉଛି। ଏହାର ମାନ, ଗୁଣ, ପରୀକ୍ଷା ପାଇଁ ସେଭଳି କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଏହାର ବିକ୍ରି ବଢ଼ିଚାଲିବା ସହ ଗ୍ରାହକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି। ଏଥିପ୍ରତି ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଏହି ନକଲି ପାଣି ପାଉଚ ଓ ବୋତଲକୁ ବନ୍ଦ କରିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି ।

# ଟି୨୦ ସିରିଜ ଜିତିଲା ପାକିସ୍ତାନ




ଟ୍ରଫି ସହ ପାକିସ୍ତାନ କ୍ରିକେଟ ଦଳର ଖେଳାଳିମାନେ।

**ହାରାରେ,୨୫ା୪**

ସ୍ଥାନୀୟ ହାରାରେ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ପାକିସ୍ତାନ ଘରୋଇ ଜିମ୍ବାୱେକୁ ୨୪ ରନରେ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ପାକିସ୍ତାନ ୨-୧ରେ ବିଜୟୀ ହୋଇଛି। ପାକିସ୍ତାନର ହାସନ ଅଲୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ମହମ୍ମଦ ରିଜୱାନ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୩ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଓପନର ମହମ୍ମଦ ରିଜୱାନ ୯୧ (୬୦ ବଲ, ୫ ଚୌକା, ୩ ଛକା), ଅଧିନାୟକ ବାବର ଆଜମ ୫୨ (୪୬ ବଲ, ୫ ଚୌକା), ସର୍ଜିଲ ଖାଁ ୧୮ ରନକରି ଆଉଟ ହୋଇଥିଲେ। ଜିମ୍ବାୱେ ପାଇଁ ବୋଲିଂରେ ଲୁକ୍ ଜଙ୍ଗୱେ ୩ଟି ଯାକ ଉଇକେଟ ଅକ୍ତିଆର କରିଥିଲେ।

୧୬୬ ରନ ଟାର୍ଗେଟର ପିଛା କରି ଜିମ୍ବାୱେ ଏକଦା ୪ ଉଇକେଟ ହରାଇ ୧୩୩ ରନକରି ସୁବିଧାଜନକ ସ୍ଥିତିରେ ରହିଥିଲେ ମଧ ମ୍ୟାଚ୍ ହାତଛଡ଼ା କରିଥିଲା। ଦଳ ତରଫରୁ ଓପନର ୱେସଲି ମାଧେଭେରେ ୫୯, ତାଡିୱାନାଶେ ମାରୁମାନି ୩୫, ବ୍ରେଣ୍ଡନ ଟେଲର ୨୦, ତାରିସାଇ ମୁସାକାଣ୍ଡା ୧୦ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ହାସନ ଅଲୀ ସର୍ବାଧିକ ୪, ହାରିସ ରୌଫ ୨ ଓ ମହମ୍ମଦ ହାସନେନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୬୫/୩ (ରିଜୱାନ- ୯୧*, ବାବର- ୫୨, ସର୍ଜିଲ- ୧୮, ଜଙ୍ଗୱେ- ୩/୩୭)
ଜିମ୍ବାୱେ ୨୦ ଓଭରରେ ୧୪୧/୭ (ମାଧେଭେରେ- ୫୯, ମାରୁମାନି- ୩୫, ଟେଲର- ୨୦, ହାସନ ଅଲୀ- ୪/୧୮, ହାରିସ- ୨/୩୪, ହାସନେନ- ୧/୨୬)।

# ବାଂଲାଦେଶ-ଶ୍ରୀଲଙ୍କା ପ୍ରଥମ ଟେଷ୍ଟ ଡ୍ର

**ପାଲିକେଲ,୨୫ା୪**

ସ୍ଥାନୀୟ ପାଲିକେଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଶ୍ରୀଲଙ୍କା ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ରବିବାର ପଞ୍ଚମ ଦିବସରେ ଅମୀମାଂଶିତ ଭାବେ ଶେଷ ହୋଇଛି। ଟସ୍ ଜିତି ବାଂଲାଦେଶ ପ୍ରଥମ ଇନିଂସରେ ୧୭୩ ଓଭରରେ ୭ ଉଇକେଟ ହରାଇ ୫୪୧ ରନକରି ଇନିଂସ ଘୋଷଣା କରିଥିଲା। ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସ ଆରମ୍ଭ କରି ଦୃଢ ଜବାବ ଦେବା ସହ ୧୭୯ ଓଭରରେ ୮ ଉଇକେଟ ହରାଇ ୬୪୮ ରନକରି ଇନିଂସ ଘୋଷଣା କରିଥିଲା। ଫଳରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୧୦୭ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ପଞ୍ଚମ ଦିବସ ଚା ପାନ ବିରତି ବେଳକୁ ୩୩ ଓଭରରେ ୨ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲା। ଏହାପରେ ଲଗାତର ବର୍ଷା ହୋଇଥିଲା ଓ ଆଉ ଖେଳ ସମ୍ଭବ ହୋଇପାରି ନ ଥିଲା। ଫଳରେ ଶେଷରେ ମ୍ୟାଚ୍ ଡ୍ର ରହିଥିଲା। ଓପନର ତାମିମ ଇକ୍‌ବାଲ ୭୪ ଓ ଅଧିନାୟକ ମୋମିନୁଲ ହକ ୨୩ ରନ କରି ଅପରାଜିତ ରହିଥିଲେ। ସୈଫ ହାସନ ୧ ଓ ନାଜମୁଲ ହୋସେନ ସାଣ୍ଟୋ ଖାତା ଖୋଲିବା ପୂର୍ବରୁ ଦ୍ରୁତ ବୋଲର ସୁରଙ୍ଗା ଲାକମଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ୨୪୪ ରନର ଦ୍ୱିଶତକୀୟ ପାଳି ଖେଳିଥିବା ଶ୍ରୀଲଙ୍କା ଅଧିନାୟକ ତଥା ଓପନର ଦିମୁଥ କରୁଣାରତ୍ନେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୫୧୨/୩ରୁ ଶ୍ରୀଲଙ୍କା ରବିବାର ଖେଳ ଆରମ୍ଭ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୧୭୩ ଓଭରରେ ୫୪୧/୭ ଇନିଂସ ଘୋଷଣା
ଶ୍ରୀଲଙ୍କା ପ୍ରଥମ ଇନିଂସ: ୧୭୯ ଓଭରରେ ୬୪୮/୮ ଇନିଂସ ଘୋଷଣା (କରୁଣାରତ୍ନେ- ୨୪୪, ଧନଞ୍ଜୟ- ୧୬୬, ଥିରିମାନେ- ୫୮, ତାସ୍କିନ- ୩/୧୧୨, ତାଇଜୁଲ- ୨/୧୬୩, ଇବାଦୋ- ୧/୯୯, ମିରାଜ- ୧/୧୬୧)।
ବାଂଲାଦେଶ ଦ୍ୱିତୀୟ ଇନିଂସ: ୩୩ ଓଭରରେ ୧୦୦/୨ (ତାମିମ- ୭୪*, ଲାକମଲ- ୨/୨୧)।

# ଚେନ୍ନାଇର ଜବରଦସ୍ତ ବିଜୟ

**ମୁମ୍ବାଇ,୨୫ା୪**

ବିସ୍ଫୋରକ ବ୍ୟାଟିଂ କରିବା ସହ ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରି ରବୀନ୍ଦ୍ର ଜାଡେଜା ଚେନ୍ନାଇ ସୁପର କିଙ୍ଗ୍ସକୁ ଏକ ବୃହତ୍ ବିଜୟ ପ୍ରଦାନ କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୯ତମ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ୬୯ ରନରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ପରାସ୍ତ କରିଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ରବିବାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ୨୦ ଓଭରରେ ୪ ଉଇକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲା। ଜବାବରେ ବାଙ୍ଗାଲୋର ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୯ ଉଇକେଟ ବିନିମୟରେ ୧୨୨ ରନରେ ସୀମିତ ରହିବା ସହ ଆତ୍ମସମର୍ପଣ କରିଥିଲା। କ୍ରମାଗତ ୪ଟି ବିଜୟ ପରେ ବାଙ୍ଗାଲୋର ଚଳିତ ସେସନରେ ପ୍ରଥମ ପରାଜୟ ବରଣ କରିଛି। ଏଥିସହ ଚେନ୍ନାଇ ବାଙ୍ଗାଲୋରକୁ ପଛରେ ପକାଇ ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି। ଜାଡେଜା ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୯୨ ରନ ବଡ଼ ଟାର୍ଗେଟର ପିଛା କରି ବାଙ୍ଗାଲୋର ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ତରଫରୁ ଓପନର ଦେବଦତ୍ତ ପଡିକାଲ ୩୪, ଗ୍ଲେନ ମ୍ୟାକ୍ସୱେଲ ୨୨, କାଏଲ ଜେମିସନ ୧୬ ଓ ମହମ୍ମଦ ସିରାଜ ଅପରାଜିତ ୧୨ ରନ ସଂଗ୍ରହ କରିଥିବା ବେଳେ ଅନ୍ୟ ୭ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଅଧିନାୟକ କୋହଲି ୮, ଏବି ଡି'ଭିଲର୍ସ ୪ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଚେନ୍ନାଇ ତରଫରୁ ଜାଡେଜା ୩, ତାହିର ୨, ସାମ କୁରାନ ଓ ଶାର୍ଦ୍ଦୁଳ ଠାକୁର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ଗେଲ୍‌ଙ୍କ ରେକର୍ଡ ସମକକ୍ଷ ଜାଡେଜା

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଚେନ୍ନାଇ ପାଇଁ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲେ। ବିସ୍ଫୋରକ ଇନିଂସ ଖେଳି ସେ ଦଳକୁ ବଡ଼ ସ୍କୋର ପ୍ରଦାନ କରିବା ସହ ରବିବାର ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଇନିଂସର ଅନ୍ତିମ ଓଭର ପକାଇବାକୁ ଆସିଥିଲେ ହର୍ଷଲ ପଟେଲ। ଜାଡେଜା ଏହି ଓଭରରେ ୫ଟି ବିଶାଳ ଛକା ଓ ଗୋଟିଏ ଚୌକା ମାରି ମୋଟ ୩୭ ରନ ସଂଗ୍ରହ କରିଥିଲେ। ଏଥିସହ ସେ ୱେଷ୍ଟଇଣ୍ଡିଜ ବିସ୍ଫୋରକ ଓପନର କ୍ରିସ ଗେଲ୍‌ଙ୍କ ପୂର୍ବର ଆଇପିଏଲ୍ ରେକର୍ଡର ସମକକ୍ଷ ହୋଇଥିଲେ। ଏହାପୂର୍ବରୁ ଗେଲ୍ ଆଇପିଏଲରେ ଗୋଟିଏ ଓଭରରେ ୩୭ ରନ ସଂଗ୍ରହ କରିଥିଲେ। ୨୦୧୧ ଆଇପିଏଲ୍‌ରେ ଗେଲ୍ ବାଙ୍ଗାଲୋର ତରଫରୁ କୋଚି ଟସ୍କର୍ସ କେରଳ ବିପକ୍ଷରେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ପ୍ରଶାନ୍ତ ପରମେଶ୍ୱରନଙ୍କ ଓଭରରେ ୩୭ ରନ ସଂଗ୍ରହ କରିଥିଲେ। ହର୍ଷଲ ସବୁଠାରୁ ବ୍ୟୟବହୁଳ ଓଭର ପକାଇ ପରମେଶ୍ୱରନଙ୍କ ପୂର୍ବର ଅଲୋଡା ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଜାଡେଜାଙ୍କ ଏହି ଧୂଆଁଧାର ଇନିଂସ ବଳରେ ଚେନ୍ନାଇ ବିଶାଳ ସ୍କୋର ଛିଡ଼ା କରିବାରେ ସକ୍ଷମ ହୋଇଥିଲା। ୫ ନମ୍ବରରେ ବ୍ୟାଟିଂ କରିବାକୁ ଆସି ଜାଡେଜା ୨୮ଟି ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୫ ଛକା ସହ ୬୨ ରନର ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ୧୫ତମ ଓଭରରେ ଜାଡେଜା ଖାତା ଖୋଲି ନ ଥିବା ବେଳେ ଏକ ଜୀବନ ଦାନ ପାଇଥିଲେ ଓ ଏହାର ସେ ଭରପୂର ଫାଇଦା ଉଠାଇଥିଲେ। ୱାଶିଂଟନ ସୁନ୍ଦରଙ୍କ ବଲ୍‌ରେ ଜାଡେଜାଙ୍କ କ୍ୟାଚ୍ ଛାଡିଥିଲେ ଡାନିଏଲ କ୍ରିଷ୍ଟିଆନ୍। ୩ ଓଭରରେ ୧୪ ରନ ଦେଇ ହର୍ଷଲ ୩ ଉଇକେଟ ଅକ୍ତିଆର କରିଥିଲେ। ତେବେ ଶେଷରେ ସେ ୪ ଓଭରରେ ମୋଟ ୫୧ ରନ ବ୍ୟୟ କରିଥିଲେ।

ଦଳର ସ୍କୋର ୧୫୪/୪ ଥିବାବେଳେ ଅନ୍ତିମ ଓଭର ବୋଲିଂ କରିବାକୁ ଆସିଥିଲେ ହର୍ଷଲ। ଜାଡେଜା ତାଙ୍କୁ ପ୍ରଥମ ୪ଟି ବଲ୍‌ରେ ବିଶାଳ ଛକା ମାରିଥିଲେ। ତୃତୀୟ ବଲ୍‌ଟି ନୋବଲ ହେବା ସହ ଛକା ହୋଇଥିଲା। ଫଳରେ ହର୍ଷଲ ୭ଟି ବଲ ପକାଇଥିଲେ। ପଞ୍ଚମ ବଲରେ ଜାଡେଜା ୨, ଷଷ୍ଠ ବଲ୍‌ରେ ଆଉ ଏକ ଛକା ଓ ସପ୍ତମ ବଲ୍‌ରେ ଚୌକା ମାରିଥିଲେ। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୨ ରନ କରି ଅପରାଜିତ ରହିଥିଲେ। ଚେନ୍ନାଇର ଆରମ୍ଭ ଭଲ ହୋଇଥିଲା। ଓପନିଂ ଯୋଡିରେ ଋତୁରାଜ ଗାଏକ୍ୱାଡ ଓ ଫାଫ୍ ଡୁପ୍ଲେସି ୫୮ ବଲରୁ ୭୪ ରନ ସଂଗ୍ରହ କରିଥିଲେ। ଗାଏକ୍ୱାଡ ୩୩ ରନକରି ଯୁଜବେନ୍ଦ୍ର ଚହଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏଥିସହ ଚହଲ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ସୁରେଶ ରାଇନା ୧୮ ବଲରୁ ୧ ଚୌକା, ୩ ଛକା ସହ ୨୪ ରନକରି ହର୍ଷଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାର ଠିକ୍ ପର ବଲରେ ଡୁପ୍ଲେସି ୪୧ ବଲରୁ ୫ ଚୌକା ଓ ୧ ଛକା ସହ ୫୦ ରନ କରି ହର୍ଷଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଫଳରେ ହର୍ଷଲ ହ୍ୟାଟ୍ରିକ ସୁଯୋଗ ପାଇଥିଲେ। ଏଥିସହି ଡୁପ୍ଲେସି କ୍ରମାଗତ ଦ୍ୱିତୀୟ ଓ ଆଇପିଏଲ୍‌ରେ ୧୮ତମ ଅର୍ଦ୍ଧଶତକ ହାସଲ କରିଥିଲେ। ଅମ୍ବାତି ରାୟୁଡୁ ୭ ବଲରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହ ୧୪ ରନକରି ହର୍ଷଲଙ୍କ ତୃତୀୟ ଶିକାର ହୋଇଥିଲେ। ବୋଲିଂରେ ବାଙ୍ଗାଲୋର ତରଫରୁ ହର୍ଷଲ ୩ ଓ ଚହଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।




**ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ପ୍ରଦର୍ଶନ**
ବ୍ୟାଟିଂ: ୬୨* (୨୮ ବଲ, ୪ ଚୌକା, ୫ ଛକା)
ବୋଲିଂ: (୪-୧-୧୩-୩)

**ସଂକ୍ଷିପ୍ତ ସ୍କୋର**

(ଜାଡେଜା- ୬୨*, ଡୁପ୍ଲେସି- ୫୦, ଋତୁରାଜ- ୩୩, ରାଇନା- ୨୪, ରାୟୁଡୁ- ୧୪, ହର୍ଷଲ- ୩/୫୧, ଚହଲ- ୧/୨୪)
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୨୨/୯ (ପଡିକାଲ- ୩୪, ମ୍ୟାକ୍ସୱେଲ- ୨୨, ଜେମିସନ- ୧୬, ସିରାଜ- ୧୨*, ଜାଡେଜା- ୩/୧୩, ତାହିର- ୨/୧୬, ସାମ କୁରାନ- ୧/୩୫, ଶାର୍ଦ୍ଦୁଳ- ୧/୧୧ )।

**ଆଜିର ମ୍ୟାଚ**

ପଞ୍ଜାବ କିଙ୍ଗ୍ସ **ବନାମ** ନାଇଟ ରାଇଡର୍ସ



ସ୍ଥାନ: ଅହମଦାବାଦ
ସମୟ : ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ରାଜସ୍ଥାନ ରୟାଲ୍ସ କ୍ୟାମ୍ପ ଛାଡ଼ିଲେ ଆଣ୍ଡ୍ର୍ୟୁ ଟାଇ




**ମୁମ୍ବାଇ, ୨୫ା୪ (ପି.ଟି.)**

ଅଷ୍ଟ୍ରେଲିଆ ପେସ୍ ବୋଲର ଆଣ୍ଡ୍ର୍ୟୁ ଟାଇ ଚତୁର୍ଥ ବିଦେଶୀ ଖେଳାଳି ହିସାବରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ଓହରିଯାଇଛନ୍ତି। ବ୍ୟକ୍ତିଗତ କାରଣରୁ ନିଜ ଦେଶକୁ ଫେରିଯାଉଛନ୍ତି ବୋଲି ସେ ଦର୍ଶାଇଛନ୍ତି। ପୂର୍ବରୁ ଇଂଲଣ୍ଡର ଜୋଫ୍ରା ଆର୍ଚର (ହାତରେ ଅସ୍ତ୍ରୋପଚାର), ବେନ୍ ଷ୍ଟୋକ୍ସ (ଆଙ୍ଗୁଠି ହାଡ଼ ଭାଙ୍ଗି ଯାଇଥିବାରୁ) ଏବଂ ଲିଆମ ଲିଭିଙ୍ଗଷ୍ଟୋନ୍ (ବାୟୋ-ବବଲ ଜନିତ ବିଷାଦ) ଏହି ବ୍ୟୟବହୁଳ ଟି୨୦ ଟୁର୍ନାମେଣ୍ଟ ଛାଡ଼ି ନିଜ ଦେଶକୁ ଚାଲିଯାଇଛନ୍ତି। ଟାଇ ରବିବାର ସକାଳେ ସ୍ୱଦେଶ ଫେରିଛନ୍ତି। ଅଷ୍ଟ୍ରେଲୀୟ ପେସ୍ ବୋଲର ଯଦି କୌଣସି ସହାୟତା ଲୋଡନ୍ତି ତାଙ୍କୁ ଯୋଗାଇ ଦିଆଯିବ ବୋଲି ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜ୍ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି। ଅସ୍ତ୍ରୋପଚାର ଯୋଗୁ ଆର୍ଚର ତାଙ୍କ ଦଳରେ ଯୋଗଦାନ କରିପାରି ନାହାନ୍ତି। ଷ୍ଟୋକ୍ସ ପ୍ରାରମ୍ଭରେ ଇଞ୍ଜୁରି ସମସ୍ୟାରେ ପଡ଼ିଛନ୍ତି। ଅନ୍ୟପକ୍ଷରେ ଲିଭିଙ୍ଗଷ୍ଟୋନ୍ ବାୟୋ-ବବଲରେ ଅବସ୍ଥାନ କରିବା ଅତ୍ୟନ୍ତ କଷ୍ଟଦାୟକ ବୋଲି ଦର୍ଶାଇ ଗୋଟିଏ ହେଲେ ମ୍ୟାଚ ଖେଳି ନ ଥିଲେ। ୩୪ବର୍ଷୀୟ ଟାଇ ଅଷ୍ଟ୍ରେଲିଆ ତରଫରୁ ୭ ଅନ୍ତର୍ଜାତୀୟ ଦିନିକିଆ ଓ ୨୮ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଟୁର୍ନାମେଣ୍ଟର ଚଳିତ ସଂସ୍କରଣରେ ସେ ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ ଖେଳିବା ସୁଯୋଗ ପାଇନାହାନ୍ତି। ସେ ତାଙ୍କ ଗତ ମ୍ୟାଚ ଫେବୃୟାରୀରେ ସିଡ୍‌ନୀ ସିକ୍ସର୍ସ ବିପକ୍ଷରେ ପର୍ଥ ସ୍କର୍ଚର୍ସ ତରଫରୁ ଖେଳିଥିଲେ।

# ଅମିତଙ୍କୁ ବ୍ରୋଞ୍ଜ ପଦକ

**ନୂଆଦିଲ୍ଲୀ, ୨୫ା୪ (ପି.ଟି.):** ଭାରତୀୟ ବକ୍ସର ଅମିତ ପଙ୍ଘାଲ (୫୨କେଜି) ସେଣ୍ଟ ପିଟରବର୍ଗସଠାରେ ଚାଲିଥିବା ଗଭର୍ନର୍ସ କପ୍ ବକ୍ସିଂ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେମିଫାଇନାଲରେ ବିଶ୍ୱ ତଥା ଅଲିମ୍ପିକ ଚାମ୍ପିୟନ ଉଜବେକିସ୍ତାନର ସାଖୋବିଦ୍ଦିନ ଜୋଇରୋଭଙ୍କଠାରୁ ସେ ୫-୦ରେ ହାରିଯାଇଛନ୍ତି। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ପରେ ଜୋଇରୋଭଙ୍କ ବିପକ୍ଷରେ ଭାରତୀୟ ବକ୍ସରଙ୍କ ଏହା ହେଉଛି ଦ୍ୱିତୀୟ ପରାଜୟ।



ଚାମ୍ପିୟନଶିପ୍‌ର ଫାଇନାଲରେ ସେ ପରାଜିତ ହୋଇଯାଇଥିଲେ। ଜୁଲାଇ-ଅଗଷ୍ଟରେ ହେବାକୁଥିବା ଟୋକିଓ ଗେମ୍ସରେ ଉଭୟ ବକ୍ସର ଅଂଶଗ୍ରହଣ କରିବେ। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରଥମ ଭାଗରେ ବୁଲ୍‌ଗେରିଆରେ ଅନୁଷ୍ଠିତ ଷ୍ଟ୍ରାଣ୍ଡଜା ମେମୋରିଆଲ ଟୁର୍ନାମେଣ୍ଟରେ ଜୋଇରୋଭଙ୍କୁ ଭାରତର ଅନ୍ୟ ଜଣେ ବକ୍ସର ଦୀପକ କୁମାର ହରାଇ ଦେଇଥିଲେ। ଅମିତ ଜଣେମାତ୍ର ଭାରତୀୟ ଭାବେ ଗଭର୍ନର୍ସ କପ୍‌ରେ ପଦକ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ଅଲିମ୍ପିକ ଯୋଗ୍ୟତା ହାସଲ କରିଥିବା ଆଶିଷ କୁମାର (୭୫କେଜି) ଓ ସୁମିତ ସାଙ୍ଗୱାନ (୮୧କେଜି) ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେଇସାରିଛନ୍ତି।

# ଭୁକ୍ତି ଓ ମୁକ୍ତିର ତୀର୍ଥ- କୋଣାଦିତ୍ୟ

**ଡ. ସୁରେନ୍ଦ୍ର କୁମାର ମିଶ୍ର**




କୋଣାଦିତ୍ୟର ତୀର୍ଥ ପରମ୍ପରା ଓ ସୂର୍ଯ୍ୟ ଉପାସନାର ଐତିହ୍ୟ ଆମେ ଆଲୋଚନା କରୁଥିଲେ। ତୀର୍ଥ ପରମ୍ପରା ପ୍ରଥମେ ପ୍ରସିଦ୍ଧ ଥିଲା କୋଣାର୍କରେ। ନଇଲେ ଶାମ୍ବ ଆସିଥାନ୍ତେ କାହିଁକି! ତାଙ୍କ ପ୍ରସଙ୍ଗ ଆଲୋଚନାକୁ ଆସିଥାନ୍ତା କାହିଁକି! ଶାମ୍ବଙ୍କର କୋଣାଦିତ୍ୟଠାରେ ସୂର୍ଯ୍ୟ ଉପାସନାର କାଳ ଖ୍ରୀଷ୍ଟପୂର୍ବ ଊନବିଂଶ ଶତାବ୍ଦୀ ବୋଲି ପଣ୍ଡିତ କୃପାସିନ୍ଧୁ ମିଶ୍ର ମତ ଦେଇଛନ୍ତି। ଆମେ ମନେକରୁ ଏହି ସମୟଠାରୁ ଆହୁରି ପ୍ରାଚୀନ ହୋଇପାରେ, କାରଣ ବର୍ତ୍ତମାନ ସୁଦ୍ଧା ଗବେଷଣାରୁ ନିର୍ଣ୍ଣୟ କରାଯାଇଛି ମହାଭାରତ ଯୁଦ୍ଧ ଆରମ୍ଭ ହୋଇଥିଲା ଖ୍ରୀ.ପୂ. ୫୫୬୧, ଅକ୍ଟୋବର ୧୬ ତାରିଖ, ରବିବାର ଦିନ ୨ ଘ. ୩୫ ମି. ସମୟରେ। ଏହି ସମୟଠାରୁ ଶାମ୍ବଙ୍କ ଆଗମନ ୨୦/୩୦ ବର୍ଷ କମ୍ ହୋଇପାରେ। ତେଣୁ ବର୍ତ୍ତମାନ ସମୟ ୨୦୨୧ ମସିହାକୁ ଧରି ହିସାବ କଲେ ହାରାହାରି ୭୫୫୦ ବର୍ଷ ପୂର୍ବେ ଶାମ୍ବ କୋଣାଦିତ୍ୟକୁ ଉପାସନା ଲାଗି ଆସିଥିଲେ ବୋଲି କୁହାଯାଇପାରେ। ଶାକଦ୍ୱୀପ ବ୍ରାହ୍ମଣମାନେ କୋଣାର୍କରେ ଦେବସେବା କରୁଥିଲେ ବା କରିବାକୁ ଆସିଥିଲେ ବା ଅଣାଯାଇଥିଲେ ତାହା ସବୁ ଇଂରେଜମାନଙ୍କ ସୃଷ୍ଟ ଅରିନ୍ଦମ କିମ୍ବଦନ୍ତୀ ପରି ମନେହୁଏ। ବୈଦିକ ବ୍ରାହ୍ମଣ କ'ଣ ଆମର ନ ଥିଲେ ନା ସୂର୍ଯ୍ୟଙ୍କର ଉପାସନା କରୁ ନ ଥିଲେ!

କିମ୍ବଦନ୍ତୀର ସ୍ରଷ୍ଟା ଥିଲେ ଶ୍ରୀ ହଣ୍ଟର। ୧୮୭୦-୭୨ ମସିହା କଥା। ଉଦ୍ଦେଶ୍ୟ ଥିଲା ଆମେ ଯେଉଁମାନେ ଭାରତୀୟ, ଆମେ ଏ ଦେଶର ନୁହଁ। ଆମେ ସବୁ ଆର୍ଯ୍ୟ ଜାତି ବାହାରୁ ଆସିଛୁ ଏଇ ଦେଶକୁ। ଦେଶ ଆମର ନୁହଁ କି ଆମେ ଦେଶର ନୁହଁ। କିମ୍ବଦନ୍ତୀକୁ ସୁଚିନ୍ତିତ ଭାବରେ ଇଂରେଜ ଲେଖକମାନେ ଲେଖି ହୀନମନ୍ୟତା ସୃଷ୍ଟି କରିଥିଲେ। ଓଡ଼ିଶାରେ ଯଯାତି କିମ୍ବଦନ୍ତୀ (ବ୍ରାହ୍ମଣମାନେ କାନ୍ୟକୁବ୍‌ଜରୁ ଆସିଛନ୍ତି), ବଙ୍ଗଳାରେ ଆଦିଶ୍ୱର କିମ୍ବଦନ୍ତୀ, ଦକ୍ଷିଣ ଭାରତରେ ଅରିନ୍ଦମ କିମ୍ବଦନ୍ତୀ ପ୍ରଭୃତି। ଏହାଦ୍ୱାରା ଭାରତୀୟମାନଙ୍କ ମନରେ ଏକ ଗୋଳମାଳିଆ ଚିନ୍ତାଧାରା ଭର୍ତ୍ତି କରିବାକୁ ଚେଷ୍ଟା କରାଯାଇଛି। ଆମେ କେହି ସ୍ଥାନୀୟ ନୁହଁ, କିଏ କେଉଁଆଡୁ ଆସିଛେ। ମାରାତ୍ମକ ମାନସିକତା ଇଏ। ଜାତୀୟତାବୋଧକୁ ଅଣଆଡ଼ିଆ କରିବାର ଉପକ୍ରମ। ଆମ ଗୌରବକୁ ନ୍ୟୂନ କରିବାକୁ ଚତୁର ହଣ୍ଟରଙ୍କ ଇତିହାସ ମୁଖ୍ୟତଃ ଦାୟୀ। ଆମେ ତାକୁଇ ଘଣ୍ଟାଘଣ୍ଟି କରି ମନ୍ଥନ କରିବା ପରେ ଶାକଦ୍ୱୀପ ବ୍ରାହ୍ମଣ ପ୍ରସଙ୍ଗ ଚର୍ଚ୍ଚାକୁ ଆସିଛି ଆମର ମନେହୁଏ।



କିଲ୍ଲାବୟାଳିଶିବାଟିଠାରେ ଥିବା ଶ୍ରୀ ପଦ୍ମକେଶର ମନ୍ଦିରର ପ୍ରତିକୃତି ଗଙ୍ଗେଶ୍ୱରୀ ମନ୍ଦିର।

ବାହାର ପଣ୍ଡିତମାନେ ମତ ଦେଇଥିଲେ ଭାରତୀୟ ସୂର୍ଯ୍ୟ ଉପାସନା ମଗ ବ୍ରାହ୍ମଣମାନଙ୍କ ସୌର ଉପାସନା ଦ୍ୱାରା ପ୍ରଭାବିତ ହୋଇଥିଲା। ଏହାକୁ ଖୁବ୍ ସତର୍କତାର ସହିତ ଖଣ୍ଡନ କରିଛନ୍ତି ଡ. ମଥୁରେନ୍ଦ୍ର ପୃଷ୍ଟି। ତାଙ୍କର 'ଭାରତୀୟ ସୌରଚେତନା' ପୁସ୍ତକରେ ସେ ଲେଖିଛନ୍ତି- ଇରାନୀୟ 'ମିଥ୍ରା' ନାମ ପରିବର୍ତ୍ତେ ଭାରତୀୟ 'ମିତ୍ର'ଙ୍କ ନାମ ସ୍ଥାନ ପାଇଛି ମହାଭାରତ ଗ୍ରନ୍ଥର ୧୦୮ ସୂର୍ଯ୍ୟ ସ୍ତୋତ୍ରରେ। ଇରାନୀୟଙ୍କର ସୂର୍ଯ୍ୟ ଦେବତା 'ମିହିର' ମଧ୍ୟ ରାମାୟଣ ଗ୍ରନ୍ଥରେ ସ୍ଥାନ ପାଇନାହାନ୍ତି, ରାମାୟଣର ଆଦିତ୍ୟ ହୃଦୟ ସ୍ତୋତ୍ରମ୍‌ରେ 'ମିହିର' ନାମ ନାହିଁ। ବ୍ରହ୍ମପୁରାଣରୁ ଆମେ କୋଣାଦିତ୍ୟ ନାମ ପାଉ। ମୈତ୍ରବନ କୋଣାର୍କରେ 'ମିତ୍ରାଦିତ୍ୟ' ନାମରେ ସୂର୍ଯ୍ୟଙ୍କୁ ପୂଜା କରାଯାଉଥିଲା। ମିତ୍ରାଦିତ୍ୟ ହିଁ କୋଣାଦିତ୍ୟର ଉପାସ୍ୟ ଥିଲେ। 'ମିଥ୍ରା' ନୁହନ୍ତି କିମ୍ବା 'ମିହିର' ନୁହନ୍ତି। ଶାମ୍ବ ପୁରାଣର ମୈତ୍ରବନ, ଭବିଷ୍ୟ ପୁରାଣର ମିତ୍ରବନ, କପିଳ ସଂହିତାର ମୈତ୍ରେୟ ବନର ରହସ୍ୟ ଯିଏ ଜାଣି ନ ଥିଲେ ସେହିମାନେ ହିଁ ଲେଖିଲେ ସବୁ ଗୋଳମାଳିଆ ଆଲେଖ୍ୟ। ମୂଳରୁ କହିଥିଲୁ ଶ୍ରୀପଦ୍ମକେଶର ମନ୍ଦିର କିମ୍ବା 'ମହାପ୍ରଶସ୍ତ ପଞ୍ଚରଥ ପ୍ରାସାଦ'ର ଐତିହ୍ୟ ଯେଉଁମାନଙ୍କୁ ଜଣା ନ ଥିଲା ସେ ଗୋଟାଏ ଜାତିର ପୂର୍ବପୁରୁଷଙ୍କ ଦକ୍ଷତା, କୌଶଳ, ନିର୍ମାଣ କଳା ଓ ତ୍ୟାଗକୁ କେମିତି ବୁଝିବେ!

## କୋଣାର୍କ ମନ୍ଦିର ପରିଚିତ ଥିଲା- ମହାପ୍ରଶସ୍ତ ପଞ୍ଚରଥ ପ୍ରାସାଦ ନାମରେ

ଆମର କେତେକ ତଥାକଥିତ ଆଲୋଚକ ଆମକୁ ହିନିମାନିଆ କରି ଲେଖିବାରେ ପଛେଇ ନାହାନ୍ତି। ବାହାରିଆ ପଣ୍ଡିତଙ୍କର 'ମିଥ୍' ଓ 'କଲ୍‌ଟ' ଶବ୍ଦର ଭିତିରି ଉଦ୍ଦେଶ୍ୟ ଆମେ ବୁଝିବାରେ ଓ ବୁଝାଇବାରେ ଢିଲାପଣ ଦେଖାଇଛେ। ଭାରତର ଅଣଓଡ଼ିଆ ଆଲୋଚକମାନେ ଭିଡିଓଟାରି ଗୌରବମୟ ନିଦର୍ଶନକୁ ଆପଣାର ବୋଲି କହିବାକୁ ସରମ ବି କଲେ ନାହିଁ। ଏମାନେ ବି 'ଭୁକ୍ତି' କ'ଣ 'ମୁକ୍ତି' କ'ଣ ସେ ଦିଗକୁ ଆଗେଇଲେ ନାହିଁ। 'କୋଣାଦିତ୍ୟ ଇତି ଖ୍ୟାତୋ ଭୁକ୍ତି ମୁକ୍ତି ଫଳପ୍ରଦଃ' ଚେତନାକୁ ଆଡ଼େଇଗଲେ। ଦୁଇଟି ଯାକ ଶବ୍ଦର ରହସ୍ୟ ମୃତ୍ୟୁଚେତନା ସହିତ ସମ୍ବନ୍ଧିତ। 'ହିରଣ୍ୟଲୋକ'ର ଗହନ ଗାଥା।

ହିରଣ୍ୟଲୋକର ରହସ୍ୟ ପୂଜ୍ୟ ଯୁକ୍ତେଶ୍ୱର ଗିରି ତାଙ୍କର ପ୍ରିୟ ଶିଷ୍ୟ ପରମହଂସ ଯୋଗାନନ୍ଦଙ୍କୁ ଖୁବ୍ ସରଳ ଭାଷାରେ ବୁଝାଇଥିଲେ, ଯାହା 'ଯୋଗୀର ଆତ୍ମଚରିତ' ଗ୍ରନ୍ଥରେ ସ୍ଥାନ ପାଇଛି। ହିରଣ୍ୟଲୋକ ମଧ ଆଲୋକିତ ସୂକ୍ଷ୍ମ ଜଗତ ଭାବରେ ପରିଚିତ। ହିରଣ୍ୟଲୋକକୁ ସେଇମାନେ ଯାଆନ୍ତି, ଯେଉଁମାନେ ତାଙ୍କର ଶେଷ ଜନ୍ମର ମୃତ୍ୟୁ ସମୟରେ ସଜ୍ଞାନରେ ପାର୍ଥିବ ଶରୀର ତ୍ୟାଗ କରିବାର କ୍ଷମତା ଲାଭ କରନ୍ତି। ଆହୁରି ସରଳ କରିବାକୁ ଯାଇ ସେ କହୁଛନ୍ତି- "ହିରଣ୍ୟଲୋକ ହେଉଛି ପରଲୋକର ସୂର୍ଯ୍ୟ ବା ସ୍ୱର୍ଗ।"

ଗୋଟିଏ ଜନ୍ମରେ କିମ୍ବା ଆମେ ଏଇ ଜନ୍ମରେ ହିରଣ୍ୟଲୋକରେ ପହଞ୍ଚିଯିବା ସମ୍ଭବ ହୋଇ ନ ପାରେ, ସାଧକମାନେ ଏଥିପାଇଁ ଯେଉଁ ସାଧନା କରୁଛନ୍ତି ତାହା ମଧ ସାଧାରଣ ଲୋକେ କରିପାରନ୍ତି ନାହିଁ, ମାତ୍ର ଭୁକ୍ତି ଆଉ ମୁକ୍ତିର ଲୋକାନ୍ତରୀକରଣ ମାଧ୍ୟମରେ ନିକଟତର ହେବା ଅସମ୍ଭବ ନୁହେଁ। ଚନ୍ଦ୍ରଭାଗା ତୀର୍ଥ, ବୁଢ଼ ଓ ମୈତ୍ରେୟବନରେ ମିତ୍ରାଦିତ୍ୟଙ୍କ ଉପାସନା, ଏ ସବୁ ଲୋକାନ୍ତରୀକରଣ, ସେଇ ଗହନ ରହସ୍ୟର।

**ଫଟୋ: ଭାରତୀଭୂଷଣ ଉପାଧ୍ୟାୟ**

**ଭାରତରୁ ଆମେରିକା ବିମାନ ଭଡ଼ା ୩ ଗୁଣା ବୃଦ୍ଧି**

କରୋନା ମହାମାରୀର ୨ୟ ଲହର ଯୋଗୁ ଭାରତରେ କୋଭିଡ-୧୯ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧିପାଉଥିବା ଯୋଗୁ ୟୁଏସ ପ୍ରଶାସନ ବିମାନ ସେବା ଉପରେ କଡା କଟକଣା ଜାରି କରିଛି। ସେହିଭଳି ୟୁଏସ ନାଗରିକଙ୍କ ଲାଗି ଏକ ଟ୍ରାଭଲ ଆଡଭାଇଜରି ମଧ୍ୟ ଜାରି କରିବା ସହ ଭାରତରୁ ଆମେରିକା ବିମାନ ଭଡାକୁ ପ୍ରାୟ ୩ ଗୁଣା ବୃଦ୍ଧି କରିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଭାରତୀୟଙ୍କ ଯାତ୍ରା ଉପରେ ଜର୍ମାନୀର କଟକଣା



**ନୂଆଦିଲ୍ଲୀ,୨୫।୪:** କୋଭିଡ ସଂକ୍ରମଣ ବୃଦ୍ଧିକୁ ନଜରରେ ରଖି ଭାରତୀୟଙ୍କ ଯାତ୍ରା ଉପରେ ଜର୍ମାନୀ ବର୍ତ୍ତମାନ କଟକଣା ଲଗାଇଛି। କେବଳ ଜର୍ମାନୀ ନାଗରିକ ଏବଂ ଜର୍ମାନୀରେ ବାସ କରିବା ଲାଗି ଅନୁମତି ଲାଭ କରିଥିବା ବ୍ୟକ୍ତି ବିଶେଷ ସେହି ଦେଶକୁ ବିମାନ ଯାତ୍ରା କରିପାରିବେ। ଗତ ଗୋଟିଏ ସପ୍ତାହ ମଧ୍ୟରେ ବ୍ରିଟେନ, ୟୁନାଇଟେଡ ଆରବ ଏମିରେଟ୍ସ, କାନାଡା, କୁଏତ, ଓମାନ, ହଂକଂ ଏବଂ ସାଉଦି ଆରବ ଭଳି ଦେଶ ଭାରତୀୟଙ୍କ ବିମାନ ଯାତ୍ରା ଉପରେ ବ୍ୟାନ ଲଗାଇଛନ୍ତି। ସେହିଭଳି ସିଙ୍ଗାପୁର ଏବଂ ଇଣ୍ଡୋନେସିଆ ମଧ୍ୟ ସମାନ ପ୍ରକାରର କଟକଣା ଭାରତୀୟ ଉପରେ ଜାରି କରିଛନ୍ତି।

### ବିଭ୍ରାନ୍ତିକର ପୋଷ୍ଟ ହଟାଇବେ ଟୁଇଟର, ଫେସବୁକ

**ନୂଆଦିଲ୍ଲୀ,୨୫।୪:** ଟୁଇଟର ଏବଂ ଫେସ୍‌ବୁକ୍ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡିକ ବିଭ୍ରାନ୍ତକର ପୋଷ୍ଟଗୁଡିକୁ ହଟାଇବେ। କେନ୍ଦ୍ର ସରକାର ରବିବାର କମ୍ପାନୀଗୁଡିକୁ ଏଭଳି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଭୁଲ ସୁଚନା ପ୍ରସାର ଏବଂ ମହାମାରୀ ସମୟରେ ଲୋକଙ୍କୁ ଡରାଇବା ଭଳି ପୋଷ୍ଟ ସବୁକୁ ବାଦ ଦେବା ଲାଗି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏ ନେଇ ଆକାଉଣ୍ଟ ହୋଲ୍ଡରଙ୍କୁ ଅବଗତ କରାଇଥିବା ଟୁଇଟର ପକ୍ଷରୁ ସୂଚନା ଦିଆଯାଇଛି। କେତେ ସଂଖ୍ୟକ ଆକାଉଣ୍ଟକୁ ଏ ନେଇ କୁହାଯାଇଛି ବୋଲି କମ୍ପାନୀ କିଛି ସ୍ପଷ୍ଟ ଭାବେ କହିନାହିଁ। ଏ ସମ୍ପର୍କରେ ଇନଷ୍ଟାଗ୍ରାମ ଏବଂ ଫେସବୁକର ପ୍ରତିକ୍ରିୟା ଲୋଡାଯାଇଥିଲେ ମଧ ଏହା ମିଳିପାରିନାହିଁ।

## ଅକ୍ସିଜେନ ଯୋଗାଣ
# ଆଗେଇ ଆସିଛି ଶିଳ୍ପ ଜଗତ

**ନୂଆଦିଲ୍ଲୀ,୨୫।୪**

କୋଭିଡ୍-୧୯ର ଦ୍ୱିତୀୟ ଲହର ଯୋଗୁ ସାରା ଦେଶରେ ସଂକ୍ରମଣ ଏବେ ବଢିଚାଲିଛି। ଏଭଳି ସ୍ଥିତିରେ ମେଡିକାଲ ଅକ୍ସିଜେନର ଅଭାବ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଅକ୍ସିଜେନ ଅଭାବକୁ ପୂରଣ କରିବା ଲାଗି ଦେଶର ଶିଳ୍ପ ଜଗତ ଆଗେଇ ଆସିବା ସହ ଏହାର ପରିବହନ ଦିଗରେ ମଧ୍ୟ ସହାୟତା କରୁଥିବା ଦେଖାଯାଉଛି। ଦେଶର ପ୍ରମୁଖ କର୍ପୋରେଟଗୁଡ଼ିକ ଅକ୍ସିଜେନ ଯୋଗାଣ ଦିଗରେ ଅଦ୍ୟାବଧି ନିଜର ଯୋଗଦାନ ରଖିଛନ୍ତି।

ସୂଚନା ମୁତାବକ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଦୈନିକ ୯୦୦ ନିୟୁତ ଟନ ଲିକ୍ୟୁଡ ମେଡିକାଲ ଅକ୍ସିଜେନ(ଏଲ୍‌ଏମ୍‌ଓ) ଯୋଗାଣ ଲାଗି ଆଗେଇ ଆସିଛି। ଯୋଗାଣ ଧାରା ବୃଦ୍ଧି କରିବା ଲାଗି ପ୍ରସ୍ତୁତ ଥିବା କମ୍ପାନୀ କହିଛି। କମ୍ପାନୀ ଏହାର ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ତାମିଲନାଡୁରେ ରହିଥିବା ପ୍ଲାଣ୍ଟଗୁଡିକରୁ ଚଳିତ ମାସରେ ପ୍ରାୟ ୨୦ ହଜାର ଟନ୍ ମେଡିକାଲ ଅକ୍ସିଜେନ ଯୋଗାଣ ଲକ୍ଷ୍ୟ ରଖିଥିବା ଶନିବାର କହିଛି। ଜେଏସ୍‌ଡବ୍ଲ୍ୟୁ ଗ୍ରୁପ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ସରକାରଙ୍କ ସହ ଏ ନେଇ ଆଲୋଚନା ପରେ



ପୂର୍ଣ୍ଣ କ୍ଷମତାରେ ଅକ୍ସିଜେନ ଯୋଗାଣ ଲକ୍ଷ୍ୟ ରହିଥିବା ସ୍ପଷ୍ଟ କରିଛନ୍ତି। ଦେଶର ଅଧିକାଂଶ ଇସ୍ପାତ କମ୍ପାନୀ ଏ ଦିଗରେ ନିଜର ଯୋଗଦାନ ରଖୁଥିବା ଜଣାପଡିଛି।

ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀ ଟୁଇଟ କରି କହିଛନ୍ତି, ଅକ୍ସିଜେନ ଯୋଗାଣ ଦିଗରେ ଯୋଗଦାନ ଜାରି ରହିବ। କମ୍ପାନୀ ପ୍ରାଥମିକ ପର୍ଯ୍ୟାୟରେ ୮୦ ଟନ୍‌ର ଲିକ୍ୟୁଡ ଅକ୍ସିଜେନ ଶନିବାର ପଠାଇଛି। ସାଉଦି ଆରବରୁ ୫ ହଜାର ମେଡିକାଲ ଅକ୍ସିଜେନ ସିଲିଣ୍ଡର ଅଣାଯିବା ସହ ଏଗୁଡିକ ଶୀଘ୍ର ଯୋଗାଇ ଦିଆଯିବ। କ୍ରାୟୋଜେନିକ କଣ୍ଟେନର ଅଭାବ ଯୋଗୁ ଅକ୍ସିଜେନ ଯୋଗାଣ ବାଧାପ୍ରାପ୍ତ ହେଉଛି। ଏହି ସମସ୍ୟା ସମାଧାନ ଲାଗି ପ୍ରୟାସ ଜାରି ରହିଛି ବୋଲି ଆଦାନୀ କହିଛନ୍ତି। ସେହିଭଳି ଦେଶର ଅନ୍ୟ ପ୍ରମୁଖ ବାଣିଜ୍ୟିକ ଗ୍ରୁପ ଆଇଟିସି ପକ୍ଷରୁ କୁହାଯାଇଛି ଯେ, ୨୦ ଟନ୍‌ର ୨୪ କ୍ରାୟୋଜେନିକ କଣ୍ଟେନରରୁ ବିମାନ ଯୋଗେ ଆଣିବା ଲାଗି ଲିଣ୍ଡେ ଇଣ୍ଡିଆ ସହ ଚୁକ୍ତି କରାଯାଇଛି। ଯୋଗାଣ ଲାଗି ବୃହତ୍ ସଂଖ୍ୟକ ଅକ୍ସିଜେନ କନସେନଟ୍ରେଟର ବିମାନ ଯୋଗେ ଏହି କମ୍ପାନୀ ପରିବହନ କରୁଥିବା ଜଣାପଡିଛି। ଏହାବାଦ ମେଡିକାଲଗୁଡିକରେ କିଭଳି ଅକ୍ସିଜେନ ଉତ୍ପାଦନ ହୋଇପାରିବ ସେ ନେଇ କମ୍ପାନୀ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ଜାରି ରଖିଛି। ଟାଟା ଗ୍ରୁପର ପ୍ରଥମ ୪ କ୍ରାୟୋଜେନିକ କଣ୍ଟେନର ଶନିବାର ପହଞ୍ଚିଛି। ଅକ୍ସିଜେନ ଅଭାବକୁ ଦୂର କରିବା ଲାଗି ଗ୍ରୁପ ପକ୍ଷରୁ ୨୪ କ୍ରାୟୋଜେନିକ କଣ୍ଟେନର ବ୍ୟବସ୍ଥା କରାଯାଉଛି। ଏହାବାଦ ଟାଟା ଷ୍ଟିଲ ପକ୍ଷରୁ ବିଭିନ୍ନ ରାଜ୍ୟଗୁଡିକୁ ୩୦୦ ଟନ୍‌ର ମେଡିକାଲ ଲିକ୍ୟୁଡ ଅକ୍ସିଜେନ ପଠାଯାଇଛି।

ସାରା ଦେଶରେ ରହିଥିବା ଷ୍ଟିଲ ପ୍ଲାଣ୍ଟଗୁଡିକ ମେଡିକାଲ ଅକ୍ସିଜେନ ଯୋଗାଣ କରୁଥିବା ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟରେ କହିଥିଲେ। ଷ୍ଟିଲ ପ୍ଲାଣ୍ଟଗୁଡିକ ୧ ଲକ୍ଷ ୪୩ ହଜାର ଟନ୍ ଅକ୍ସିଜେନ ଯୋଗାଇ ଦେଇଥିବା ବେଳେ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକ ୩୯ ହଜାର ଟନ୍ ଯୋଗଦାନ ରଖିଛି। ଘରୋଇ ଇସ୍ପାତ କମ୍ପାନୀ ମଧ୍ୟରେ ଆର୍ସେଲର ମିତ୍ତଲ ଏବଂ ନିପନ ଷ୍ଟିଲ ଦୈନିକ ୨୧୦ ଟନ୍ ମେଡିକାଲ ଅକ୍ସିଜେନ ଯୋଗାଉଛି। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ୧୦୦ ଟନ୍ ଦୈନିକ ଅକ୍ସିଜେନ ଯୋଗାଣ ହେଉଥିବା ବେଳେ ଏହାକୁ ୧୫୦ ଟନ୍‌କୁ ବଢାଇବା ନେଇ ଯୋଜନା ରଖାଯାଇଛି।

# ଅର୍ଥ ବ୍ୟବସ୍ଥା ସୁଧାର ପ୍ରକ୍ରିୟାରେ ବାଧା

**ଭୁବନେଶ୍ୱର,୨୫।୪**

## ଚିନ୍ତା ବଢ଼ାଉଛି ସଂକ୍ରମଣ




ଚଳିତ ଆର୍ଥିକବର୍ଷରେ ଦେଶର ଅଭିବୃଦ୍ଧି ଟ୍ରାକକୁ ଫେରି ଆସିବ ବୋଲି ଅନେକେ ଆଶା କରୁଥିଲେ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ମଧ୍ୟ ୨ ସପ୍ତାହ ତଳେ କହିଥିଲା ଯେ, ଭାରତର ଅଭିବୃଦ୍ଧି ୧୨.୫% ଛୁଇଁବ। ପ୍ରମୁଖ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ମଧ୍ୟରେ ଭାରତ ସବୁଠାରୁ ବେଶି ହାରରେ ଅଭିବୃଦ୍ଧି କରିବ ବୋଲି ଏହାର ରିପୋର୍ଟରେ କୁହାଯାଇଥିଲା। ବର୍ତ୍ତମାନ କୋଭିଡ୍ ୧୯ ପୁଣି ଥରେ ସାରା ବିଶ୍ୱକୁ କବଳିତ କରିଛି। ଅଭିବୃଦ୍ଧି ନେଇ ଏଜେନ୍ସିଗୁଡ଼ିକ ଯେଉଁ ଆକଳନ କରିଥିଲେ ତାହା ହାସଲ କରିବା ସମ୍ଭବ ହେବ କି ନାହିଁ ତାହା ବର୍ତ୍ତମାନ ଆଶଙ୍କା କରାଯାଉଛି। ଦେଶର ରାଜଧାନୀ ନୂଆଦିଲ୍ଲୀରେ ସ୍ଥିତି ବର୍ତ୍ତମାନ ସାଂଘାତିକ ହୋଇଛି। ଦେଶର ଜିଡିପିକୁ ୬%ରୁ ଊର୍ଦ୍ଧ୍ୱ ଯୋଗଦାନ ରଖୁଥିବା ମୁମ୍ବାଇର ବ୍ୟବସ୍ଥା ମଧ୍ୟ କରୋନା ପାଇଁ ବେହାଲ ହୋଇପଡିଛି।

ସରକାର ବର୍ତ୍ତମାନ ସାରା ଦେଶକୁ ଲକ୍‌ଡାଉନ କରିନାହାନ୍ତି। ରାଜ୍ୟ ଏବଂ ଆଞ୍ଚଳିକ ସ୍ତରରେ କଟକଣା ଦ୍ୱାରା କୋଭିଡ୍‌କୁ ନିୟନ୍ତ୍ରଣ କରିବାକୁ ରାଜ୍ୟଗୁଡିକୁ ଦାୟିତ୍ୱ ଦିଆଯାଇଛି। ଦ୍ୱିତୀୟ ଲହର ଯୋଗୁ ଯେଉଁ କ୍ଷତି ସାଧନ ହେଉଛି ତାହା ଭରଣା କରିବାକୁ ସମୟ ଲାଗିବ। ଏଭଳି ସ୍ଥିତିରେ ରେଟିଂ ଏଜେନ୍ସି ଫିଚ୍ ଭାରତର ଅଭିବୃଦ୍ଧି ଆକଳନକୁ ନେଇ ଆଶାବାଦୀ ବୋଲି କହିଛି। ଚଳିତ ଆର୍ଥିକ ବର୍ଷରେ ଜିଡିପି ୧୨.୮% ବଢିବ ବୋଲି ଏହି ଏଜେନ୍ସି ରିପୋର୍ଟରେ ପ୍ରକାଶ କରିଛି। ଆର୍‌ବିଆଇ ମଧ୍ୟ ୧୦.୫% ଅଭିବୃଦ୍ଧି ଆକଳନକୁ ଅପରିବର୍ତ୍ତିତ ରଖିଛି। ନିକଟରେ ଗଭର୍ନର ଶକ୍ତିକାନ୍ତ କହିଥିଲେ ଯେ, ସଂକ୍ରମଣ ଅର୍ଥ ବ୍ୟବସ୍ଥାକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଉଛି। ଅର୍ଥ ବ୍ୟବସ୍ଥା ପାଇଁ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିବ।

ଜାନୁୟାରୀ ତୁଳନାରେ ଏପ୍ରିଲ ୧୮ ସୁଦ୍ଧା ଆର୍ଥିକ କାର୍ଯ୍ୟକଳାପ କ୍ଷତିଗ୍ରସ୍ତ ହୋଇଥିବା ବ୍ଲୁମବର୍ଗ ଡାଟାରୁ ସାମ୍ନାକୁ ଆସିଛି। ବ୍ଲୁମ ବର୍ଗ ଇକୋନୋମିକ୍ସର ଅର୍ଥନୀତିଜ୍ଞ ଅଭିଶେକ ଗୁପ୍ତା କହିଛନ୍ତି, ଆଞ୍ଚଳିକ ସ୍ତରରେ ଲାଗୁଥିବା କଟକଣା ମଧ୍ୟ ଆର୍ଥିକ କାର୍ଯ୍ୟକଳାପକୁ ଗଭୀର ଭାବେ ପ୍ରଭାବିତ କରିଛି। ବଜାର ବିଶେଷଜ୍ଞମାନେ ମଧ୍ୟ ଚଳିତ ବର୍ଷ ସୁଧାର ପ୍ରକ୍ରିୟାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

# ଶୀଘ୍ର କାର୍ଯ୍ୟକ୍ଷମ ହେବ ଟାଟା ଚା ପ୍ୟାକେଜିଂ ୟୁନିଟ୍

**ଭୁବନେଶ୍ୱର,୨୫।୪**

ଟାଟା ଷ୍ଟିଲ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଟିଏସ୍‌ଏସ୍‌ଇଜେଡ୍) ର ଗୋପାଳପୁର ଶିଳ୍ପ ପାର୍କରେ ୧୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ନିର୍ମିତ ଟାଟା କନ୍‌ଜ୍ୟୁମର ପ୍ରଡକ୍ଟସ୍‌ର ଚା ପ୍ୟାକେଜିଂ ୟୁନିଟ୍‌ରୁ ଶୀଘ୍ର ବ୍ୟବସାୟିକ ଉତ୍ପାଦନ ଆରମ୍ଭ ହେବ। ୧୬ ଏକର ଅଞ୍ଚଳରେ ନିର୍ମିତ ଏହି ୟୁନିଟ୍‌ର ବାର୍ଷିକ ୬୦ ନିୟୁତ କିଲୋଗ୍ରାମ ଉତ୍ପାଦନ ଯୋଜନା ରହିଛି। ଏହି ୟୁନିଟ୍‌ରେ ପରୀକ୍ଷାମୂଳକ ଭାବେ ଉତ୍ପାଦନ ଆରମ୍ଭ ହୋଇସାରିଛି। ଟାଟା କନ୍‌ଜ୍ୟୁମର ପ୍ରଡକ୍ଟସ୍‌ର ସହଯୋଗୀ କମ୍ପାନୀ ଆମଲଗାମେଟେଡ୍ ପ୍ଲାଣ୍ଟେଶନ୍ ପ୍ରାଇଭେଟ୍ ଲିମିଟେଡ୍ (ଏପିପିଏଲ) ଦ୍ୱାରା ଏହି ୟୁନିଟ୍ ପରିଚାଳିତ ହେବ।

ଏପିପିଏଲ୍ ଏକ ପ୍ଲାଣ୍ଟେଶନ୍ କମ୍ପାନୀ ଓ ବାର୍ଷିକ ପ୍ରାୟ ୪୦ ନିୟୁତ କିଲୋଗ୍ରାମ ଉତ୍ପାଦନ କ୍ଷମତା ସହିତ ଏହା ଭାରତର ଦ୍ୱିତୀୟ ବୃହତ୍ତମ ଚା ଉତ୍ପାଦନକାରୀ କମ୍ପାନୀ। ଟାଟା ଷ୍ଟିଲ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଟିଏସ୍‌ଏସ୍‌ଇଜେଡ) ଦେଶ ଓ ଦେଶ ବାହାରର ବିଭିନ୍ନ ସମ୍ଭାବ୍ୟ ନିବେଶକମାନଙ୍କ ସହ ଯୋଗାଯୋଗ କରିବା ସହିତ ଖୁବ୍‌ଶୀଘ୍ର କିଛି ଅନ୍ୟ କମ୍ପାନୀଙ୍କ ସହ ଚୁକ୍ତି ସ୍ୱାକ୍ଷର କରିବାର ସମ୍ଭାବନା ରହିଛି।

# ୟୁପିଏସ୍‌ସି ପୋର୍ଟଫୋଲିଓ ଦୃଢ଼ କଲା ପିୟରସନ୍

**ଭୁବନେଶ୍ୱର,୨୫।୪**

ପିଅର୍‌ସନ୍ ପକ୍ଷରୁ ୟୁପିଏସ୍‌ସି ପରୀକ୍ଷା ପ୍ରସ୍ତୁତି ପାଇଁ ଏହାର ନୂତନ ଟାଇଟଲ୍ ଶୁଭାରମ୍ଭ କରାଯାଇଛି। ଏହା ଶିକ୍ଷାର୍ଥୀମାନଙ୍କୁ ଉଚ୍ଚ ଗୁଣମାନର କଣ୍ଟେଣ୍ଟ ପ୍ରଦାନ କରୁଛି। ପୁସ୍ତକ ଓ ଆପ୍‌ଗୁଡିକର ଏକ ଶକ୍ତିଶାଳୀ ମିଶ୍ରିତ ଶିକ୍ଷା ସମାଧାନର ଉନ୍ମୋଚନ କରିବା ପାଇଁ କମ୍ପାନୀ ପକ୍ଷରୁ ପ୍ରତିଷ୍ଠିତ ଲେଖକ ଦେବଦତ୍ତ ପଟ୍ଟନାୟକ ଓ ଶ୍ରୀରାମ ଶ୍ରୀରଙ୍ଗମଙ୍କ ସମେତ ରୋହିତ ଦେଓ ଝା'ଙ୍କ ସହ ସହଭାଗିତା କରାଯାଇଛି। ଏହି ଶିକ୍ଷା ସମାଧାନ ସମସ୍ତ ପ୍ରମୁଖ ବିଷୟବସ୍ତୁକୁ କଭର୍ କରି ୟୁପିଏସ୍‌ସି ଆଶାୟୀମାନଙ୍କ ପ୍ରସ୍ତୁତିକୁ ଉନ୍ନତ କରିବ।

# ରେଲୱେର ୧୪୦ ଏମ୍‌ଟି ଅକ୍ସିଜେନ୍ ପରିବହନ

**ନୂଆଦିଲ୍ଲୀ,୨୫।୪**

କରୋନା ମହାମାରୀର ୨ୟ ଲହର ଯୋଗୁ ଦେଶରେ ସଂକ୍ରମଣ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ଫଳରେ ଅଚାନକ ରୋଗୀ ସଂଖ୍ୟା ବୃଦ୍ଧି ଯୋଗୁ ଦେଶରେ ଏକ ପ୍ରକାରର ମେଡିକାଲ ସ୍ତରରେ ଅସ୍ଥିରତା ଦେଖାଦେଇଛି। ଗୋଟିଏ ପଟରେ ରୋଗୀ ସଂଖ୍ୟା ବୃଦ୍ଧି ଅନ୍ୟପକ୍ଷରେ ମେଡିକାଲଗୁଡିକରେ ଲିକୁଇଡ ମେଡିକାଲ ଅକ୍ସିଜେନ ବା ତରଳ ମେଡିକାଲ ଅମ୍ଳଜାନ (ଏଲଏମଓ)ର ଅଭାବ ପରିଲକ୍ଷିତ ହୋଇଛି। ସବୁଠାରୁ ବଡକଥା ମେଡିକାଲଗୁଡିକରେ ଆବଶ୍ୟକ ପରିମାଣରେ ଅମ୍ଳଜାନ ନ ଥିବାରୁ ବାହାର ରାଜ୍ୟ ଗୁଡିକରୁ ଉକ୍ତ ରାଜ୍ୟର ସରକାର ଅମ୍ଳଜାନ ଆଣିବାକୁ ବାଧ୍ୟ ହେଉଛନ୍ତି। ଏଭଳି ପରିସ୍ଥିତିରେ ପରିବହନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବାରୁ ଭାରତୀୟ ରେଲୱେ ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଛି।

ସରକାର ମଧ୍ୟ ରେଳପଥକୁ ଗ୍ରିନ କରିଡର ଘୋଷଣା କରିଛନ୍ତି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଭାରତୀୟ ରେଲୱେ ୧୪୦ ମେଟ୍ରିକ ଟନରୁ ଊର୍ଦ୍ଧ୍ୱ ପରିମାଣର ଏଲ୍‌ଏମ୍‌ଓ ପରିବହନ କରିବାକୁ ଯାଉଛି। ବର୍ତ୍ତମାନ ସମୟରେ ୯ଟି ଟ୍ୟାଙ୍କର ବୋକାରୋ ପ୍ଲାଣ୍ଟରୁ ଆବଶ୍ୟକୀୟ ପରିମାଣର ଅମ୍ଳଜାନ ଧରି ଯାତ୍ରା



କରିସାରିଛି। ସେଥିମଧ୍ୟରୁ ୫ଟି ଗାଡି ରାତି ସୁଦ୍ଧା ୟୁପିର ଲକ୍ଷ୍ନୌରେ ଏବଂ ବାକି ୪ଟି ଆସନ୍ତାକାଲି ସକାଳ ସୁଦ୍ଧା ଲକ୍ଷ୍ନୌରେ ପହଞ୍ଚିବ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ସେହିଭଳି ରେଲୱେର ୧୦ଟି ଗାଡି ପ୍ରାୟ ୧୫୦ ଟନ ଏଲ୍‌ଏମ୍‌ଓ ନେଇ ମୁମ୍ବାଇରୁ ଭାଇଜାଗ ଭାୟା ନାଗପୁର ଏବଂ ନାସିକ ଓ ଲକ୍ଷ୍ନୌରୁ ବୋକାରୋରୁ ଯାଉଥିବା ଜଣାପଡିଛି।

## ଫୁର୍‌ସତ୍

# ଥାନାରେ ହଳଦୀ ପରମ୍ପରା

**ଜୟପୁର:** ମହାମାରୀ ସମୟରେ ପୋଲିସ, ସ୍ୱାସ୍ଥ୍ୟକର୍ମୀଙ୍କ ଭଳି କୋଭିଡ ଯୋଦ୍ଧାମାନଙ୍କର କାମ ବହୁତ ବଢିଯାଇଛି। ପରିବାର ଘରଦ୍ୱାର ଭୁଲି, ଛୁଟି ବାତିଲ କରି ସେମାନଙ୍କ କର୍ତ୍ତବ୍ୟ କରୁଛନ୍ତି। ଏମିତି ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ କର୍ମଚାରୀ ଏବେ ସୋସିଆଲ ମିଡିଆରେ ଢେର ଚର୍ଚ୍ଚିତ ହେଉଛନ୍ତି। କାହିଁକିନା ସମ୍ପୃକ୍ତ ପୋଲିସ କର୍ମଚାରୀ ତାଙ୍କ ଛୁଟି ବାତିଲ କରି ବିବାହ ପୂର୍ବରୁ ଥାନାରେ ହିଁ ହଳଦି ଲଗାଇବାର ପରମ୍ପରା ପାଳନ କରିଛନ୍ତି। ଥପୋଲିସ ଷ୍ଟେଶନରେ ହଳଦୀ ସେରିମନି। ଘଟଣା ଘଟିଛି ରାଜସ୍ଥାନର ଡୁଙ୍ଗରପୁର ପୋଲିସ ଷ୍ଟେଶନରେ। ଏହି ଥାନାର ଜଣେ ମହିଳା କନଷ୍ଟେବଲଙ୍କ ବିବାହ ସ୍ଥିର ହୋଇଥିଲେ ବି ବର୍ତ୍ତମାନ ପରିସ୍ଥିତିରେ ତାଙ୍କ ଛୁଟି ବାତିଲ କରାଯାଇଛି।



ସେଥିପାଇଁ ସେ ପରମ୍ପରା ଅନୁସାରେ ଥାନାରେ ହିଁ ନିଜ ହଳଦୀ ପରମ୍ପରା ପୁରା କରିଛନ୍ତି। ସେ ତାଙ୍କ ସାଥୀ ମହିଳା ପୋଲିସ କର୍ମୀଙ୍କ ସହିତ ଏହି ହଳଦି ଲଗାଇବାର ବିଧି ପାଳନ କରିଛନ୍ତି। ଏହାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରାଯାଇଛି। କୋଭିଡ ଯୋଦ୍ଧାଙ୍କ ଜୀବନଶୈଳୀ ଓ ସେମାନଙ୍କ ତ୍ୟାଗ ନିଶ୍ଚିତଭାବେ ପ୍ରଶଂସନୀୟ ବୋଲି ଅନେକେ ମତ ଦେଇଛନ୍ତି।

# ଶ୍ମଶାନକୁ କଲେ ଘର

**ମୁମ୍ବାଇ:** ମହାମାରୀ ସମୟରେ ଶ୍ମଶାନରେ ଅନ୍ତିମ ସଂସ୍କାର ଲମ୍ବା ଲାଇନ ଲାଗୁଥିବାବେଳେ ଜଣେ ବ୍ୟକ୍ତି ଶ୍ମଶାନରେ ସବୁବେଳେ ରହୁଛନ୍ତି। କାରଣ କରୋନା ଯୋଗୁ ତାଙ୍କର ଚାକିରି ଚାଲିଯାଇଥିଲା। ଘର ଛାଡ଼ି ସେ ଶ୍ମଶାନରେ ରହିବାକୁ ଲାଗିଲେ। ଏବେ ଏଠାରେ ରହି କରୋନା ରୋଗୀଙ୍କ ଅନ୍ତିମ ସଂସ୍କାର କରୁଛନ୍ତି। ଏହି କାର୍ଯ୍ୟରେ ତାଙ୍କ ସ୍ତ୍ରୀ ତାଙ୍କୁ ସାହାଯ୍ୟ କରୁଛନ୍ତି। ଗୁଜରାଟର ବଡୋଦରାସ୍ଥିତ ଶ୍ମଶାନରେ ଏହି ବ୍ୟକ୍ତିଙ୍କୁ ନେଇ ଖୁବ ଚର୍ଚ୍ଚା ହେଉଛି। ବର୍ଷେ ହେବ କହ୍ନେୟାଲାଲ ଏହି ଶ୍ମଶାନରେ ରହିଆସୁଛନ୍ତି। ତାଙ୍କ ସ୍ତ୍ରୀ ମୁମ୍ବାଇରେ କାମ କରୁଛନ୍ତି। କାମ ସରିବା ପରେ ଶ୍ମଶାନକୁ ଆସି ସେ ସ୍ୱାମୀଙ୍କୁ ସାହାଯ୍ୟ କରୁଛନ୍ତି। କହ୍ନେୟାଲାଲ କୁହନ୍ତି, ଆରମ୍ଭରେ ଟିକେ ଅସୁବିଧା ହେଉଥିଲା। ବର୍ତ୍ତମାନ କିଛି ଲାଗୁନାହିଁ।



# ପାକିସ୍ତାନକୁ ସ୍ୱରାଙ୍କ ପ୍ରଶଂସା



**ମୁମ୍ବାଇ:** ଭାରତରେ ଭୟଙ୍କର ଭାବେ କରୋନା ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସମବେଦନା ସହ ସହାୟତା ଯୋଗାଇବାକୁ ପ୍ରସ୍ତୁତ ଥିବା କହିଛି ପଡ଼ୋଶୀ ପାକିସ୍ତାନ। ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କଠାରୁ ଆରମ୍ଭ କରି ପାକିସ୍ତାନର ପୂର୍ବ କ୍ରିକେଟର ଶୋଏବ ଅଖତର ସହାୟତା କରିବାକୁ କହିବା ପରେ ଏହି ଦେଶକୁ ପ୍ରଶଂସା କରିଛନ୍ତି ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର। ଭାରତକୁ ସାରା ବିଶ୍ୱ ସହାୟତା ପାଇଁ ଆଗକୁ ଆସିବା ଦରକାର। ଆମେ ଏକାଠି ହୋଇ ପରସ୍ପରକୁ ସହଯୋଗ କରିବା ଉଚିତ ବୋଲି ସୋଏବ ଟୁଇଟ କରିଥିଲେ। ଏହାର ଉତ୍ତର ରଖି ସ୍ୱରା ସୋଏବଙ୍କୁ ମାନବିକତା ଏବଂ ବିନମ୍ର ଶବ୍ଦ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଏଭଳି ବିଶାଳ ହୃଦୟ ପାଇଁ ପଡୋଶୀଙ୍କୁ ଧନ୍ୟବାଦ ବୋଲି ସ୍ୱରା କହିଛନ୍ତି।

# 'ପ୍ରେମରେ ପଡିବିନି'

**ମୁମ୍ବାଇ:** ଦୁଇ ବର୍ଷ ପର୍ଯ୍ୟନ୍ତ ପ୍ରେମରେ ପଡିବେନି ବୋଲି କହିଛନ୍ତି ଅଭିନେତ୍ରୀ ଜାହ୍ନବୀ କପୁର। ଇଶନ ଖଟରଙ୍କ ସହ ବ୍ରେକ୍‌ଅପ ପରେ ଜାହ୍ନବୀ ଏଭଳି ଶପଥ ନେଇଥିବା ଚର୍ଚ୍ଚା ହେଉଛି।


## ମନେ ପଡ଼ନ୍ତି

**ଅଭୁଲା ସ୍ମୃତି**
ଅଷ୍ଟାଦଶ ବର୍ଷ



ଂଅଭିଷେକ (ପିଣ୍ଟୁ)

ରାମ ବନବାସ ଚଉଦ ବରଷ
ଫେରିଲେ ଅଯୋଧ୍ୟା ଭୂଇଁ
ତୁ ଫେରିଲୁନି ଅଫେରା ରାଇଜୁ
ପଥ ତୋର ଚାହିଁ ଚାହିଁ
ତଥାପିରେ ଧନ ରହିଛି ଏ ଆଶା
ଆସିବୁ ତୁ ଆମ ପାଶେ
ହସିବୁ ଖେଳିବୁ ଆମ ପାଖେ ଦିନେ
ସାଇ ପାଦେ ସେ ବିଶ୍ୱାସ
ଆସିବୁ ନିଶ୍ଚୟ ଧନରେ ମୋହର
ବନ୍ଦ ହେବା ପୂର୍ବରୁ ନିଃଶ୍ୱାସ ।

-:ତୋର ହତଭାଗିନୀ:-
ମମି, ବାପା, ରିଣ୍ଟୁ, ସେଲି, ଜଲି ।

ଧ-୬୯୩୯୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଂଶ୍ରୀଯୁକ୍ତ ଇଞ୍ଜିନିୟର ଧୀରେନ୍ଦ୍ର ନାଥ ରାୟ

ଆବିର୍ଭାବ: ୦୩।୧୯୪୪ ମସିହା
ତିରୋଧାନ: ୧୬।୦୪।୨୦୨୧ ମସିହା

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଆପଣଙ୍କର ଅନୁପସ୍ଥିତି ସର୍ବଦା ଅନୁଭବ କରିବୁ।
ଆପଣଙ୍କର ଆତ୍ମା ସର୍ବଦା ଜଗନ୍ନାଥଙ୍କ ପଦାରବିନ୍ଦ ଯୁଗଳେ ଚିରଶାନ୍ତି ପାଉ।

-:ଶୋକସନ୍ତପ୍ତ ପରିବାର:-
ଧର୍ମପତ୍ନୀ: ସୁଧାରାଣୀ ରାୟ, ପୁତ୍ର, ବୋହୂ, ଝିଅ, ଜ୍ୱାଇଁ ଓ ନାତୁଣୀ ।

ଧ-୨୦୫୯୩

**Sraddhanjali**



✓CHOUDHURY RAJKISHORE DASH

Tuma Smrutire...11th Day
You have decided to move to a better place on 16th of April, 2021
Wife: KANTILATA
Yours
Lalatendu, Biswajit, Dr. Bijay Debashree, Amita, Sanghamitra, Sushree and amiya, Rutuparna, Bibhabashu, Seba & Sriparna
Plot No.802, Mahabir Nagar Jharpada, Bhubaneswar-751006

ଧ-୨୦୫୯୬

**ଖର୍ଚ୍ଚ ଲୋନ ପାସ୍ ହେଲା ପରେ**
**BALAJI FINANCE**
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**ଦ୍ୱିତୀୟ ଜନ୍ମଦିନର ଶୁଭେଚ୍ଛା**



ଦିନାନାଥ (ଦିନୁ)

ଆଜି ତୋର ଦ୍ୱିତୀୟ ଜନ୍ମଦିବସ ଅବସରରେ ଅନେକ ଅନେକ ଶୁଭ ଆଶୀର୍ବାଦ। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ, ମହାପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା ।

-:ଶୁଭେଚ୍ଛା ସହ:-
ଜେଜେ, ଜେଜେମା', ମାମୁ, ମାଇଁ, ମାମା, ବାବା, ଅଜା, ଆଈ, ପରିବାରବର୍ଗ ।

ଧ-୨୦୫୯୪

**Birthday Wish**



**Dear Sibani,** Many more happy returns of the day. May Lord Jagannath bless you with loads of happiness, success & prosperity in life. Keep exploring & enjoying life in your own way.
**Best wishes:** Papa, Mama, Maa, Aja, Aai & our loving family.
**Happy birthday Mamali.**

D-20595

**ନବମ ଜନ୍ମବାର୍ଷିକ ଶୁଭେଚ୍ଛା**



ସାଇସ୍ମିତୋଲ
ଧଳାପଥର

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

-:ଶୁଭେଚ୍ଛା ସହ:-
ବାବା, ମାଆ, ଅଜା, ଆଈ ଓ କୁନି ଝିଅ: ପଲକୀ ।

ଧ-୨୦୫୮୦

# ମେଡିକାଲ ଅକ୍ସିଜେନ୍



ନିକୁଞ୍ଜ ବିହାରୀ ସାହୁ



ଏବେ ଆମ ଦେଶରେ ମେଡିକାଲ ଅକ୍ସିଜେନ୍‌ର ସଙ୍କଟ ଯୋଗୁଁ ବହୁ କରୋନା ରୋଗୀ ମୃତ୍ୟୁର ଶିକାର ହେଉଛନ୍ତି। ଏପରିକି ସରକାର ବିଦେଶରୁ ୫୦ ହଜାର ମେଟ୍ରିକ ଟନ୍ ମେଡିକାଲ ଅକ୍ସିଜେନ୍ କ୍ରୟ କରିବା ପାଇଁ ପ୍ରୟାସ କରୁଛନ୍ତି। ତେବେ ପ୍ରଶ୍ନ ଉଠେ, ମେଡିକାଲ ଅକ୍ସିଜେନ୍ କ'ଣ ଏବଂ ଏହା ସାଧାରଣ ଅକ୍ସିଜେନ୍‌ଠାରୁ ଅଲଗା କିପରି? ଆମ ବାୟୁମଣ୍ଡଳରେ ୨୧ ପ୍ରତିଶତ ଅର୍ଥାତ୍ ଏକ-ପଞ୍ଚମାଂଶ ଅକ୍ସିଜେନ୍ ଥିଲାବେଳେ ଏହାକୁ ବାୟୁମଣ୍ଡଳରୁ ସିଧାସଳଖ ଗ୍ରହଣ କରି ସିଲିଣ୍ଡରରେ ଭର୍ତ୍ତି ପୂର୍ବକ ରୋଗୀଙ୍କ ଶ୍ୱାସକ୍ରିୟା ନିମନ୍ତେ ହସ୍‌ପିଟାଲକୁ ଯୋଗାଣ କରାଯାଇ ପାରିବ ନାହିଁ କାହିଁକି? ମେଡିକାଲ ଅକ୍ସିଜେନ୍ ପ୍ରସ୍ତୁତ କରାଯାଏ କିପରି, ଇତ୍ୟାଦି ଇତ୍ୟାଦି?

**ମେଡିକାଲ ଅକ୍ସିଜେନ୍ କ'ଣ :** ଆଇନ ଅନୁସାରେ ମେଡିକାଲ ଅକ୍ସିଜେନ୍ ସ୍ୱାସ୍ଥ୍ୟକ୍ଷେତ୍ର ନିମନ୍ତେ ଏକ ଅତ୍ୟାବଶ୍ୟକ ସାମଗ୍ରୀ, ଯାହାକୁ



୨୦୧୫ରେ ଅତ୍ୟାବଶ୍ୟକ ସାମଗ୍ରୀ ସୂଚୀରେ ଅନ୍ତର୍ଭୁକ୍ତ କରାଯାଇଛି। ଏହା ମଧ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସୂଚୀରେ ଏକ ଅତ୍ୟାବଶ୍ୟକ ସାମଗ୍ରୀ ରୂପେ ମାନ୍ୟତା ଲାଭ କରିଛି। ମେଡିକାଲ ଅକ୍ସିଜେନ୍‌ର ତାତ୍ପର୍ଯ୍ୟ ହେଉଛି ୯୮ ପ୍ରତିଶତ ପର୍ଯ୍ୟନ୍ତ ବିଶୁଦ୍ଧ ଅକ୍ସିଜେନ୍ ଯାହା ଅନ୍ୟ ପଦାର୍ଥ ଯଥା ଧୂଳିକଣା, ଜଳୀୟବାଷ୍ପ ଏବଂ ବିଭିନ୍ନ ଗ୍ୟାସ ସବୁରୁ ମୁକ୍ତ ଥାଏ। ଏହାକୁ ବାୟୁମଣ୍ଡଳରୁ ସିଧାସଳଖ ଗ୍ରହଣ କରି ସିଲିଣ୍ଡରରେ ଭର୍ତ୍ତି କରାଯାଇ ପାରିବ ନାହିଁ କାହିଁକି? ଆମ ଚାରିପଟେ ଥିବା ବାୟୁମଣ୍ଡଳରେ ମାତ୍ର ୨୧ ପ୍ରତିଶତ ଅକ୍ସିଜେନ୍ ଉପଲବ୍ଧ ଅଛି। ମାତ୍ର ଏହାକୁ ହସ୍‌ପିଟାଲରେ ଜରୁରିକାଳୀନ ଆବଶ୍ୟକତା ନିମନ୍ତେ ବିନିଯୋଗ କରାଯାଇ ପାରିବ ନାହିଁ। ମେଡିକାଲ ଅକ୍ସିଜେନ୍‌କୁ ପ୍ରକୃତପକ୍ଷରେ ବଡ ବଡ କାରଖାନାରେ ତରଳ ରୂପରେ ପ୍ରସ୍ତୁତ କରି ବିତରଣ କରାଯାଏ।

**ମେଡିକାଲ ଅକ୍ସିଜେନ୍ ପ୍ରସ୍ତୁତ କରାଯାଏ କିପରି :** ଯେପରି ଜଳକୁ ଶୂନ (୦) ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାକୁ ଥଣ୍ଡା କଲେ ଏହା ଅବସ୍ଥା ପରିବର୍ତ୍ତନ କରି ବରଫ ଏବଂ ୧୦୦ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାକୁ ଗରମ କଲେ ଅବସ୍ଥା ପରିବର୍ତ୍ତନ କରି ବାଷ୍ପରେ ପରିଣତ ହୁଏ। ସେହିପରି ବାୟୁରେ ଥିବା ଅକ୍ସିଜେନ୍, ନାଇଟ୍ରୋଜେନ୍ ସମେତ ବିଭିନ୍ନ ଗ୍ୟାସ୍ ତାପମାତ୍ରା ଅନୁସାରେ ସେମାନଙ୍କ ଅବସ୍ଥା ପରିବର୍ତ୍ତନ କରିଥା'ନ୍ତି। ପ୍ରକୃତପକ୍ଷରେ, ସେମାନଙ୍କ ସ୍ଫୁଟନାଙ୍କ ଅତି କମ୍ ଥିବାରୁ ସେମାନେ ସାଧାରଣ ବାୟୁମଣ୍ଡଳୀୟ ତାପମାତ୍ରାରେ ଗ୍ୟାସ୍ ରୂପରେ ଥାଆନ୍ତି। ଅକ୍ସିଜେନ୍ −୧୮୩ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ଅବସ୍ଥା ପରିବର୍ତ୍ତନ କରି ତରଳରୁ ଗ୍ୟାସ୍ ରୂପରେ ପହଞ୍ଚି ଥାଏ। ଫଳରେ ଗ୍ୟାସୀୟ ଅକ୍ସିଜେନ୍‌କୁ −୧୮୩ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ଥଣ୍ଡା କଲେ ତାହା ତରଳ ଅକ୍ସିଜେନ୍‌ରେ ପରିଣତ ହୋଇଥାଏ। ମେଡିକାଲ ଅକ୍ସିଜେନ୍ ପ୍ରସ୍ତୁତ ନିମନ୍ତେ ଆମ ଚାରିପଟର ବାୟୁମଣ୍ଡଳରୁ ଶୁଦ୍ଧ ଅକ୍ସିଜେନ୍‌କୁ ବୈଜ୍ଞାନିକ ପ୍ରଣାଳୀରେ ପୃଥକ କରାଯାଇଥାଏ। ବାୟୁର ଗଠନ ଅନୁସାରେ, ଏହାର ୭୮ ପ୍ରତିଶତ ଭାଗ ନାଇଟ୍ରୋଜେନ୍, ୨୧ ପ୍ରତିଶତ ଅକ୍ସିଜେନ୍ ଏବଂ ଅବଶିଷ୍ଟ ପ୍ରତିଶତ ଆର୍ଗନ୍, ହିଲିୟମ୍, ନିୟନ୍, କ୍ରିପ୍ଟନ୍, ଜେନୋନ୍ ଭଳି କିଛି ଗ୍ୟାସରେ ଗଢା। ଏହି ସବୁ ଗ୍ୟାସର ସ୍ଫୁଟନାଙ୍କ ଅତି କମ୍ ହୋଇଥିଲେ ମଧ୍ୟ ଅଲଗା ଅଲଗା। ଫଳରେ ଆମେ ବାୟୁକୁ ଥଣ୍ଡା କଲେ −୧୦୮ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ପ୍ରଥମେ ଜେନୋନ୍ ଗ୍ୟାସ୍ ତରଳୀକୃତ ହେବାରୁ ଏହାକୁ ଅଲଗା କରାଯାଇପାରେ। ତା'ପରେ −୧୫୩ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ କ୍ରିପ୍ଟନ୍ ଗ୍ୟାସ୍ ତରଳୀକୃତ ହୋଇ ଅଲଗା ହୋଇଯାଏ। ଆଉ ତା'ପରେ, ଅକ୍ସିଜେନ୍ −୧୮୩ ଡିଗ୍ରୀ ସେଲସିୟସ ତାପମାତ୍ରରେ ତରଳୀକୃତ ହୋଇ ପୃଥକ ହୋଇଯାଏ। ବାୟୁରୁ ବିଭିନ୍ନ ଗ୍ୟାସକୁ ଅଲଗା କରିବାର ଏହି ପଦ୍ଧତିକୁ 'କ୍ରାୟୋଜେନିକ ପଦ୍ଧତି' କୁହାଯାଏ। ଏହି ପଦ୍ଧତି ଜରିଆରେ ବାୟୁରୁ ପୃଥକୀକୃତ ହେଉଥିବା ଅକ୍ସିଜେନ୍ ୯୯.୫ ପ୍ରତିଶତ ପର୍ଯ୍ୟନ୍ତ ଶୁଦ୍ଧ ହୋଇଥାଏ। ଏହି ସମସ୍ତ ପ୍ରକ୍ରିୟା ଅତି ଉଚ୍ଚ ଚାପରେ ସମ୍ପାଦିତ କରାଯାଏ ଯାହାଦ୍ୱାରା ଗ୍ୟାସର ସ୍ଫୁଟନାଙ୍କ ଯଥେଷ୍ଟ ବଢି ଯାଉଥିବାରୁ ଗ୍ୟାସକୁ ବେଶି ଥଣ୍ଡା କରିବାକୁ ପଡେ ନାହିଁ। ଏହି ପ୍ରକ୍ରିୟା ସମ୍ପାଦନ ପୂର୍ବରୁ ସାଧାରଣ ବାୟୁରୁ ବିଭିନ୍ନ ଅଦରକାରୀ ପଦାର୍ଥ ଯଥା ଧୂଳିକଣା, ତୈଳକଣିକା ଇତ୍ୟାଦିକୁ ଫିଲ୍ଟର ଜରିଆରେ ଛାଣି ଅଲଗା କରାଯାଏ।

**ଅକ୍ସିଜେନ୍ ହସ୍‌ପିଟାଲରେ ପହଞ୍ଚେ କିପରି:** ଉତ୍ପାଦନକାରୀ କାରଖାନା ତରଳ ଅକ୍ସିଜେନକୁ ବଡ ବଡ କ୍ରାୟୋଜେନିକ ଟ୍ୟାଙ୍କରରେ ଭର୍ତ୍ତି କରି ଅତି ଶୀତଳ ତାପମାତ୍ରାରେ ଯାନ ଦ୍ୱାରା ବିତରଣକାରୀ ସଂସ୍ଥାଙ୍କ ନିକଟରେ ପହଞ୍ଚାଏ। ବିତରଣକାରୀ ସଂସ୍ଥା ଏହାର ଚାପ ହ୍ରାସ କରି ଗ୍ୟାସ୍ ରୂପକୁ ଆଣି ଅଲଗା ଅଲଗା ଆୟତନର ସିଲିଣ୍ଡରରେ ଭର୍ତ୍ତି ପୂର୍ବକ ହସ୍‌ପିଟାଲକୁ କିମ୍ବା ଛୋଟ ଯୋଗାଣକାରୀ ସଂସ୍ଥା ନିକଟକୁ ପ୍ରେରଣ କରେ।

**ଜଣେ ମନୁଷ୍ୟ ପାଇଁ କେତେ ଅକ୍ସିଜେନ୍ ଆବଶ୍ୟକ :** ପରିଶ୍ରମ କରୁଥିବା ଜଣେ ବୟସ୍କ ବ୍ୟକ୍ତିଙ୍କ ଶ୍ୱାସକ୍ରିୟା ପାଇଁ ପ୍ରତି ମିନିଟରେ ୭ ରୁ ୮ ଲିଟର ବାୟୁ ଆବଶ୍ୟକ ହୋଇଥାଏ। ଶ୍ୱାସକ୍ରିୟା ଜରିଆରେ ଫୁସ୍‌ଫୁସକୁ ପ୍ରବେଶ କରୁଥିବା ବାୟୁରେ ପ୍ରାୟ ୨୦ ପ୍ରତିଶତ ଅକ୍ସିଜେନ୍ ଥିଲାବେଳେ ପ୍ରଶ୍ୱାସରେ ନିର୍ଗତ ବାୟୁରେ ୧୫ ପ୍ରତିଶତ ଅକ୍ସିଜେନ୍ ରହିଥାଏ। ଅର୍ଥାତ୍, ଶ୍ୱାସକ୍ରିୟା ଜରିଆରେ ଶରୀର ମଧ୍ୟରେ ପ୍ରବେଶ କରୁଥିବା ବାୟୁର ମାତ୍ର ୫ ପ୍ରତିଶତ ଶରୀର ଦ୍ୱାରା ବ୍ୟବହୃତ ହୋଇଥାଏ। ସୁତରାଂ ଜଣେ ସୁସ୍ଥ ବ୍ୟକ୍ତି ପାଇଁ ପ୍ରତି ୨୪ ଘଣ୍ଟାରେ ୫୫୦ ଲିଟର ଶୁଦ୍ଧ ଅକ୍ସିଜେନ୍ ଆବଶ୍ୟକ ହୋଇଥାଏ। ମାତ୍ର ପରିଶ୍ରମ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଅଧିକ ଅକ୍ସିଜେନ୍ ଆବଶ୍ୟକ ପଡିଥାଏ। ଜଣେ ସୁସ୍ଥ ବ୍ୟକ୍ତି ପ୍ରତି ମିନିଟ୍ କୁ ୧୨ ରୁ ୨୦ ଥର ଶ୍ୱାସକ୍ରିୟା ସମ୍ପାଦନ କରିଥା'ନ୍ତି। ଏହାଠାରୁ ଅଧିକ କିମ୍ବା କମ୍ ଶ୍ୱାସକ୍ରିୟା ହାର କିଛି ଅସୁସ୍ଥତାର ଲକ୍ଷଣ ହୋଇପାରେ। (କ୍ରମଶଃ...)

-ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪




"ଆଇନ ଅନୁସାରେ ମେଡିକାଲ ଅକ୍ସିଜେନ୍ ସ୍ୱାସ୍ଥ୍ୟକ୍ଷେତ୍ର ନିମନ୍ତେ ଏକ ଅତ୍ୟାବଶ୍ୟକ ସାମଗ୍ରୀ, ଯାହାକୁ ୨୦୧୫ରେ ଅତ୍ୟାବଶ୍ୟକ ସାମଗ୍ରୀ ସୂଚୀରେ ଅନ୍ତର୍ଭୁକ୍ତ କରାଯାଇଛି। ଏହା ମଧ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସୂଚୀରେ ଏକ ଅତ୍ୟାବଶ୍ୟକ ସାମଗ୍ରୀ ରୂପେ ମାନ୍ୟତା ଲାଭ କରିଛି। ମେଡିକାଲ ଅକ୍ସିଜେନ୍‌ର ତାତ୍ପର୍ଯ୍ୟ ହେଉଛି ୯୮% ପର୍ଯ୍ୟନ୍ତ ବିଶୁଦ୍ଧ ଅକ୍ସିଜେନ୍ ଯାହା ଅନ୍ୟ ପଦାର୍ଥ ଯଥା ଧୂଳିକଣା, ଜଳୀୟବାଷ୍ପ ଏବଂ ବିଭିନ୍ନ ଗ୍ୟାସ୍ ସବୁରୁ ମୁକ୍ତ ଥାଏ।"

# ରାତ୍ର ଭୋଜନ କିଛି କଥା



**ସୁସ୍ଥ ରହିବା ପାଇଁ ଆମକୁ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବାକୁ ପଡ଼ିଥାଏ। କେବଳ ସକାଳ ବ୍ରେକ୍‌ଫାଷ୍ଟ କିମ୍ବା ମଧ୍ୟାହ୍ନ ଭୋଜନ ନୁହେଁ, ରାତ୍ର ଭୋଜନ ପ୍ରତି ଧ୍ୟାନ ଦେବାକୁ ପଡ଼େ। ତେବେ ରାତି ସମୟରେ ଆମେ କେଉଁ ଖାଦ୍ୟ ଖାଇଲେ ତାହା ଶରୀର ପାଇଁ ଉପକାରୀ ଜାଣନ୍ତୁ ସେ ସମ୍ପର୍କରେ...**

- ରାତିରେ ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ, ଯାହା ସହଜରେ ହଜମ ହେଉଥିବ।
- ରାତ୍ର ଭୋଜନ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ କଥା ରହିଛି। ତାହା ହେଲା-ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ର ଭୋଜନ ଖାଇବା ଦରକାର।
- ରାତ୍ର ଭୋଜନ ଖାଇବାର ଅଧ ଘଣ୍ଟାଏ ପୂର୍ବରୁ ଉଷୁମ ପାଣି ପିଅନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ।
- ରାତିରେ ଖାଇ ସାରିବା ପରେ କିଛି ସମୟ ଚାଲବୁଲ କରନ୍ତୁ। ଅତିକମ୍‌ରେ ୧୦-୧୫ ମିନିଟ୍ ଚାଲବୁଲ କଲେ ଖାଦ୍ୟ ସହଜରେ ହଜମ ହୋଇଥାଏ।
- ରାତ୍ର ଭୋଜନ ଶେଷ କରିବା ପରେ ଆଉ ଏକ କଥା ପ୍ରତି ଗୁରୁତ୍ୱ ଦେବା ଦରକାର। ତାହା ହେଲା ଦାନ୍ତ ଘଷିବା। ସକାଳେ ଏବଂ ରାତିରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।
- ରାତ୍ର ଭୋଜନ ଶେଷ କରିବା ପରେ ଆଦୌ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ।

# ଉପକାରୀ ପିଜୁଳି

ପିଜୁଳିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ରୋଗ ପ୍ରତିରୋଧକ ଶକ୍ତିକୁ ସନ୍ତୁଳିତ ରଖିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ଦୈନନ୍ଦିନ ଖାଦ୍ୟ ତାଲିକାରେ ପିଜୁଳିକୁ ସାମିଲ କରନ୍ତୁ। ଏଥିରେ ଥିବା ଭିଟାମିନ୍ 'ସି' ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବାରେ ସାହାଯ୍ୟ କରିଥାଏ। ଆଉ ଏକ କଥା। ପିଜୁଳି ହେଉଛି ଫାଇବର ଗନ୍ତାଘର। ୟୁନିଭର୍ସିଟି ଅଫ ୱାଶିଂଟନର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ପିଜୁଳି ଖାଇବା ଦ୍ୱାରା କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂର କରାଯାଇପାରିବ। ଅନ୍ୟପକ୍ଷରେ ପିଜୁଳିରେ ପୋଟାସିୟମ ଏବଂ ମ୍ୟାଗ୍ନେସିୟମ ଭରିରହିଛି। ଏହା ମାଂସପେଶୀକୁ ଦୃଢ଼ ହେବାରେ ସହାୟକ ହୋଇଥାଏ। ତା'ସହ କୋଷ୍ଠକାଠିନ୍ୟଜନିତ ସମସ୍ୟା ଦୂର କରିବାରେ ପିଜୁଳି ସାହାଯ୍ୟ କରିଥାଏ।



# ସକାଳେ ବିଳମ୍ବରେ ଉଠିଲେ..

ସକାଳ ହେବା ମାତ୍ରେ ଉଠିବା ଏକ ଭଲ ଅଭ୍ୟାସ। ହେଲେ ଏମିତି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ସକାଳୁ ଉଠିବାରେ ବିଳମ୍ବ କରିଥାଆନ୍ତି। କିଛି ବ୍ୟକ୍ତିଙ୍କର ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ତେବେ ସକାଳୁ ବିଳମ୍ବରେ ଉଠିଲେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡ଼ିଥାଏ। 'ସକାଳୁ ବିଳମ୍ବରେ ଉଠିବା ଏବଂ ତାହାର ମସ୍ତିଷ୍କ ଉପରେ ପ୍ରଭାବ' ଶୀର୍ଷକ ବିଷୟକୁ ନେଇ ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ବିଳମ୍ବରେ ଉଠୁଥିଲେ ଏବଂ ଏହା ସେମାନଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା, ସେପରି ବ୍ୟକ୍ତିଙ୍କର ମସ୍ତିଷ୍କ କାର୍ଯ୍ୟଧାରା ଏଥିଯୋଗୁଁ ପ୍ରଭାବିତ ହୋଇଥିବାର ଜଣାପଡ଼ିଥିଲା। ତେବେ ଏପରି ଅଭ୍ୟାସକୁ ତୁରନ୍ତ ପରିତ୍ୟାଗ କରିବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।



# ରିକମ୍ବିନାଣ୍ଟ ଡିଏନ୍ଏ

(ଶେଷ ଭାଗ)

ପ୍ଲାସମିଡ୍‌ମାନେ କ୍ରୋମୋଜୋମାଲ ଡିଏନ୍ଏ ଉପରେ ନିର୍ଭର ନ କରି ସ୍ୱାଧୀନଭାବେ ନିଜ ପ୍ରତିରୂପ ତିଆରି କରି ପାରନ୍ତି। ବ୍ୟାକ୍ଟେରିଆ ଓ ଆର୍କିଆ ଅଣୁଜୀବଙ୍କଠାରେ ପ୍ଲାସମିଡ୍ ମିଳିଥାଏ। ଅତିକମରେ ଗୋଟିଏ ଦରକାରୀ ଜିନ୍ ସେମାନେ ଆମନ୍ତ୍ରକ କୋଷିକା ନିମନ୍ତେ ଧାରଣ କରିଥାନ୍ତି। ୧୯୭୨ ମସିହାରେ ଆମେରିକାର ଅନୁବଂଶ ବିଜ୍ଞାନ ବିଶାରଦ ଷ୍ଟାନ୍‌ଲେ ନର୍ମାନ୍ କୋହେନ ଓ ହରବର୍ଟ ବୋୟର ପ୍ରଥମ ରିକମ୍ବିନାଣ୍ଟ ଡିଏନ୍ଏ ତିଆରି କରିଥିଲେ। ସେମାନେ ଆଣ୍ଟିବାୟୋଟିକ୍‌କୁ ପ୍ରତିରୋଧ କରୁଥିବା ବିଦେଶୀ ଡିଏନ୍ଏର ଜିନ୍ ଓ ସାଲମୋନେଲା ଟାଇଫିମୁରିୟମ ଗ୍ରାମ୍ ନେଗେଟିଭ ବୀଜାଣୁର ପ୍ଲାସମିଡ୍‌ର ପାଲିଣ୍ଡ୍ରୋମିକ୍ ସ୍ଥାନକୁ ରେଷ୍ଟ୍ରିକସନ ଏଞ୍ଜାଇମ୍ ରୂପକ ଆଣବିକ କଇଁଚି ସାହାଯ୍ୟରେ କାଟିବାପରେ ଲିଗେଜ୍ ଆଣବିକ ଅଠା ଦ୍ୱାରା ସନ୍ନିବିଷ୍ଟ କରାଇ ରିକମ୍ବିନାଣ୍ଟ ଡିଏନ୍ଏ ସୃଷ୍ଟି କରିଥିଲେ ଏବଂ ପରେ ସେହି ରୂପାନ୍ତରିତ ଡିଏନ୍ଏକୁ ଇ. କୋଲି ବୀଜାଣୁ ଦେହରେ ସମ୍ମିଳିତ କରାଇ ତାହାର ଅନେକ ଅବିକଳ କ୍ଲୋନ ସବୁ ତିଆରି କରିପାରିଥିଲେ।



କୋହେନଙ୍କ ଜିନ୍ ପ୍ରତିରୋପଣ ପଦ୍ଧତି ଆବିଷ୍କାର ପରେ ଜୈବ ପ୍ରଯୁକ୍ତି ବିଦ୍ୟା ବିକାଶର ଶିଖର ଛୁଇଁଛି। କୃଷି କ୍ଷେତ୍ରରେ ଜେନେଟିକ୍ ଯାନ୍ତ୍ରିକ ବିଜ୍ଞାନ ସାହାଯ୍ୟରେ କୀଟମାନଙ୍କୁ ପ୍ରତିରୋଧ କରୁଥିବା ଟ୍ରାନ୍ସଜେନିକ୍ ବୃକ୍ଷ, ବିଟ୍ କଟନ, ସୁବର୍ଣ୍ଣ ଧାନ ଆଦି ଜିନ୍ ରୂପାନ୍ତରିତ କୃଷି କାର୍ଯ୍ୟ କରାଗଲାଣି। ଜିନ୍ ଚିକିତ୍ସା ପଦ୍ଧତିରେ ଜର୍ମାଲିନ୍ ଜିନ୍ ଥେରାପି ଓ ସୋମାଟିକ୍ ଜିନ୍ ଥେରାପି ଆରମ୍ଭ କରାଗଲାଣି। ହେପାଟାଇଟିସ 'ବି' ଟିକା ଓ କୋଭିଡ -୧୯ ଟିକା ପାଇଁ ମଧ ଏହି ବିଦ୍ୟା ପ୍ରୟୋଗ କରାଯାଉଛି। ଜେନେଟିକ ଯାନ୍ତ୍ରିକ ବିଜ୍ଞାନ ପ୍ରୟୋଗ କରି ହ୍ୟୁମାନ ଇନ୍‌ସୁଲିନ ହର୍ମୋନ ତିଆରି ସରିଲାଣି। ପଶୁମାନଙ୍କ ଜିନୋମରେ ବିଦେଶୀ ଜିନ୍ ସନ୍ନିବିଷ୍ଟ କରି ଟ୍ରାନ୍ସଜେନିକ୍ ପଶୁ ମଧ ସର୍ଜନା କରାହୋଇଛି। ତନ୍ମଧ୍ୟରେ ଟ୍ରାନ୍ସଜେନିକ ମୂଷା, ମେଣ୍ଢା, ଘୁଷୁରି, ଛେଳି, ଗାଈ ଓ ମାଛ ଅନ୍ୟତମ। ରିକମ୍ବିନାଣ୍ଟ ଡିଏନ୍ଏ ଜ୍ଞାନ କୌଶଳକୁ ସଠିକ ଭାବେ ବ୍ୟବହାର କଲେ ମାନବତାର ଅଶେଷ ହିତ ସାଧନ କରାଯାଇପାରିବ।

-ଡ. ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ
ରସାୟନ ବିଜ୍ଞାନ ଅଧ୍ୟାପକ, ସରକାରୀ ମହିଳା କନିଷ୍ଠ ମହାବିଦ୍ୟାଳୟ, ସୁନ୍ଦରଗଡ଼, ମୋ : ୯୯୩୮୭୮୩୦୫୧

# ଆଣ୍ଟାସିଡ୍ ଏବଂ ପାକସ୍ଥଳୀ

ପେଟଜନିତ କିଛି ସମସ୍ୟା ଥିଲେ ଡାକ୍ତର ଆମକୁ କେତେକ ଔଷଧ ବ୍ୟତୀତ ଆଣ୍ଟାସିଡ୍ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ହେଲେ ଏହାକୁ ଦୀର୍ଘଦିନ ଧରି ଖାଇଲେ ତାହାର ପ୍ରଭାବ ପାକସ୍ଥଳୀ ଉପରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ପାକସ୍ଥଳୀଜନିତ ସସମ୍ୟା



ଉପରେ ତର୍ଜମା କରିବା ସମୟରେ ସେମାନେ କେତେକ ନୂଆ ତଥ୍ୟ ବିଷୟରେ ଅବଗତ ହୋଇଥିଲେ। ସେଗୁଡିକ ମଧ୍ୟରେ ଥିଲା ଆଣ୍ଟାସିଡ୍ ବ୍ୟବହାର। ଅଧିକ ଦିନ ଏହାକୁ ଖାଇଲେ ତାହାର କୁପ୍ରଭାବ ପାକସ୍ଥଳୀ ଉପରେ ପଡିବାର ସେମାନେ ଜାଣିବାକୁ ପାଇଥିଲେ।

# ସ୍ୱାସ୍ଥ୍ୟ ସୂଚନା

- ଡାଇବେଟିସ୍‌ର କେତେକ ପ୍ରାକ୍ ଲକ୍ଷଣ ରହିଛି। ଆବଶ୍ୟକତାଠାରୁ ଅଧିକ ପରିସ୍ରା ଲାଗିବା, ଅତ୍ୟଧିକ ଭୋକ କରିବା, ବାରମ୍ବାର ଶୋଷ କରିବା, ହଠାତ୍ ଓଜନ କମିଯିବା, ଘା' ହୋଇଥିଲେ ସହଜରେ ନ ଶୁଖିବା ଆଦିକୁ ଏହାର ପ୍ରାରମ୍ଭିକ ଲକ୍ଷଣ ଭାବରେ ନିଆଯାଇଥାଏ। ତେଣୁ ଏପରି କିଛି ଲକ୍ଷଣ ଥିଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- କେତେକ ବ୍ୟକ୍ତି ଦୀର୍ଘକାଳୀନ ରୋଗରେ ପୀଡିତ ହୋଇଥାଆନ୍ତି। ଏହି ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଆନ୍ତୁ। ତା'ସହ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।
- ସବୁବେଳେ ନିଜର ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ଏ ସମ୍ପର୍କରେ ବିଶଦ ଭାବରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରିବାକୁ ଭୁଲନ୍ତୁ ନାହିଁ।
- ଯଦି ସବୁବେଳେ ଉପର ଫ୍ଲୋର୍‌ରେ ଥିବା ଅଫିସ କିମ୍ବା ଘର ପାଇଁ ଲିଫ୍ଟ ବ୍ୟବହାର କରୁଛନ୍ତି, ତେବେ ମଝିରେ ମଝିରେ ଶିଡିରେ ଚଢ଼ି ଯିବାଆସିବା କରିପାରନ୍ତି।
- ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହନ୍ତୁ ନାହିଁ। କିଛି ସମୟ ଅନ୍ତରାଳରେ ଉଠି ଚାଲବୁଲ କଲେ ଏହାର ପ୍ରଭାବ ଅଣ୍ଟା ଉପରେ ପଡି ନ ଥାଏ।



# ସୁପରଓଭରରେ ଜିତିଲା ଦିଲ୍ଲୀ

**ଚେନ୍ନାଇ,୨୫।୪**

ଚଳିତ ଆଇପିଏଲ୍‌ର ପ୍ରଥମ ଟାଇ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ସୁପରଓଭର ମାଧ୍ୟମରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ଚେପକ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ ଟସ୍ ଜିତି ବ୍ୟାଟିଂ କରି ୪ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା। ଜବାବରେ ହାଇଦ୍ରାବାଦ ମଧ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ସମାନ ୧୫୯ ରନ ସଂଗ୍ରହ କରିଥିଲା। ଫଳରେ ମ୍ୟାଚ୍ ଟାଇ ରହିଥିଲା। ତେବେ ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ୭ ରନ କରିଥିଲା। ଜବାବରେ ଦିଲ୍ଲୀ ୮ ରନ କରି ବିଜୟୀ ହୋଇଥିଲା।

୧୬୦ ରନ ଆଭରେଜ ଟାର୍ଗେଟର ପିଛା କରି ହାଇଦ୍ରାବାଦ ପ୍ରଥମେ ଅଧିନାୟକ ୱାର୍ନରଙ୍କୁ ହରାଇଥିଲା। ୱାର୍ନର ୬ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଅନ୍ୟତମ ଓପନର ଜନି ବେୟାରଷ୍ଟୋ ୧୮ ବଲରୁ ୩ ଚୌକା ଓ ୪ ଛକା ସହ ୩୮ ରନକରି ଆଉଟ ହୋଇଥିଲେ। ବିରାଟ ସିଂ ମାତ୍ର ୪, କେଦାର ଯାଦବ ୯, ଅଭିଷେକ ଶର୍ମା ୫, ବିଜୟ ଶଙ୍କର ୮ ରନ କରିଆଉଟ ହୋଇଥିଲେ। ରସିଦ ଖାଁ ବିନା ସ୍କୋରରେ ଆଉଟ ହୋଇଥିଲେ। କ୍ରମାଗତ ୨ଟି ବଲ୍‌ରେ ଅକ୍ଷର ପଟେଲ ଅଭିଷେକ ଓ ରସିଦଙ୍କୁ ଏଲ୍‌ବିଡବ୍ଲ୍ୟୁ କରିଥିଲେ। କେନ ୱିଲିୟମସନ ୬୬(୫୧ ବଲ, ୮ ଚୌକା) ଓ ଜଗଦୀଶ ସୁଚୀଥ ୧୫ ରନ (୬ ବଲ, ୨ ଚୌକା, ୧ ଛକା) କରି ଅପରାଜିତ ରହିଥିଲେ। ବୋଲିଂରେ ଦିଲ୍ଲୀ ପକ୍ଷରୁ ଆଭେସ ଖାଁ ୩, ଅକ୍ଷର ୨, ଅମିତ ମିଶ୍ରା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଦିଲ୍ଲୀ ଜବରଦସ୍ତ ଆରମ୍ଭ କରିଥିଲା। ଦୁଇ ଓପନର ପୃଥ୍ୱୀ ଶ' ଓ ଶିଖର ଧାୱନ ୬୪ ବଲରୁ ୮୧ ରନ ସଂଗ୍ରହ କରିଥିଲେ। ୧ ରନ ନେବାକୁ ଯାଇ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହେବା ପୂର୍ବରୁ ପୃଥ୍ୱୀ ୫୩ ରନ (୩୯ ବଲ, ୭ ଚୌକା, ୧ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପୃଥ୍ୱୀ ଆଇପିଏଲ୍‌ରେ ଅଷ୍ଟମ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ୨୬ ବଲରୁ ୩ ଚୌକା ସହ ଧାୱନ ୨୮ ରନକରି ସ୍ପିନର ରସିଦ ଖାଁଙ୍କ ଦ୍ୱାରା ବୋଲ୍ଡ ହୋଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଉଇକେଟ ଭାବେ ଅଧିନାୟକ ରିଷଭ ପନ୍ତ ୨୭ ବଲରୁ ୪ ଚୌକା ଓ ୧ ଛକା ସହ ୩୭ରନ କରି ସିଦ୍ଧାର୍ଥ କାଉଲଙ୍କ ବଲ୍‌ରେ ଜଗଦୀଶ ସୁଚିତଙ୍କୁ ଡିପ୍ ମିଡ୍ ଉଇକେଟରେ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାର ୩ଟି ବଲ୍ ପରେ କାଉଲ ଶିମରନ ହେଟମେୟରଙ୍କୁ ଆଉଟ କରିଥିଲେ। ୧ ରନକରି ହେଟମେୟର ଲଙ୍ଗ୍‌ଅଫ୍‌ରେ କେନ୍ ୱିଲିୟମସନଙ୍କୁ କ୍ୟାଚ୍ ଦେଇଥିଲେ। ତୃତୀୟ ଉଇକେଟରେ ଷ୍ଟିଭ୍ ସ୍ମିଥ୍ ଓ ପନ୍ତ ୪୨ ବଲରୁ ୫୮ ରନ ସଂଗ୍ରହ କରିଥିଲେ। ୨୫ ବଲରୁ ୩ ଚୌକା ଓ ୧ ଛକା ସହ ୩୪ ରନ କରି ସ୍ମିଥ ଓ ମାର୍କସ ଷ୍ଟୋଇନିସ ୪ ରନକରି ଅପରାଜିତ ରହିଥିଲେ। ଅନ୍ତିମ ୫ ଓଭରରେ ଦିଲ୍ଲୀ ୨ ଉଇକେଟ ହରାଇ ୪୩ ରନ ସଂଗ୍ରହ କରିଥିଲା। ବୋଲିଂରେ ହାଇଦ୍ରାବାଦ ତରଫରୁ କାଉଲ ୨ ଓ ରସିଦ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ପୃଥ୍ୱୀ ଶ'।

**ସଂକ୍ଷିପ୍ତ ସ୍କୋର**

(ପୃଥ୍ୱୀ- ୫୩, ପନ୍ତ- ୩୭, ସ୍ମିଥ୍- ୩୪*, ଧାୱନ- ୨୮, କାଉଲ- ୨/୩୧, ରସିଦ- ୧/୩୧)। ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୫୯/୭ (ୱିଲିୟମସନ-୬୬*, ବେୟାରଷ୍ଟୋ- ୩୮, ଆଭେସ- ୩/୩୪, ଅକ୍ଷର- ୨/୨୬)

## ମହିଳା ରିକର୍ଭ ଟିମ୍‌କୁ ସ୍ୱର୍ଣ୍ଣ

**ତୀରନ୍ଦାଜୀ ବିଶ୍ୱକପ୍**

**ଗୁଆଟାମାଲା ସିଟି, ୨୫।୪ (ପି.ଟି.):** ଏଠାରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱକପ୍ ମହିଳା ରିକର୍ଭ ଫାଇନାଲରେ ମେକ୍ସିକୋକୁ ୫-୪ (୨୭-୨୬)ରେ ପରାସ୍ତ କରି ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଦୀପିକା କୁମାରୀ, ଅଙ୍କିତା ଭକତ ଓ କୋମଲିକା ବାରିଙ୍କୁ ନେଇ ଭାରତୀୟ ଦଳ ୨୭ ପଏଣ୍ଟ ସ୍କୋର କରି ୧ ପଏଣ୍ଟ ବ୍ୟବଧାନରେ ୭ବର୍ଷ ପରେ ପ୍ରଥମ ବିଶ୍ୱକପ୍ ଟିମ୍ ସ୍ୱର୍ଣ୍ଣ ହାତେଇଥିଲା। ମହିଳା ଦଳ ପୂର୍ବରୁ ୨୦୧୧ (ସାଂଘାଇ), ୨୦୧୩ (ମେଡିଲିନ୍ ), ୨୦୧୩ ଓ ୨୦୧୪ (ରୋକ୍ଲୋ)ରେ ସ୍ୱର୍ଣ୍ଣ ଜିତିଥିଲା।

## କୋହଲିଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା

**ମୁମ୍ବାଇ, ୨୫।୪ (ପି.ଟି.):** ରବିବାର ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ସ୍ଲୋ ଓଭର ରେଟ୍ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ବିରାଟ କୋହଲିଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଛି।







Finance Partners: TVS CREDIT, L&T Financial Services, IDFC FIRST Bank, IndusInd Bank, SHRIRAM City, Bank of Baroda Credit Card, ICICI Bank Credit & Debit Cards

++Ex-showroom price Odisha of TVS Sport KLS Mag BS VI Variant. Prices subject to change without prior notice. ^5year warranty without any additional charges.For Further details on record please visit: www.tvssport.com.
##Finance at the sole discretion of the financer Schemes cannot be clubbed. **Saving based on current market Schemes *T&C apply.

TVS ^ 5 YEAR WARRANTY

FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.co.in; Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628; ROURKELA: Unique TVS, Ph : 8114372182, 8114372181, Guru Gobind TVS, Ph: 9776280601, 9437203299 ; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700732; BHAWANIPATNA : Raj Rajeswari TVS, Ph : 7682809880, Authorised Dealers: Rengali, Ph.: 9437052831; Deogarh, Ph : 9437392892; Charbahal, Ph.: 9853406294; Junagarh, Ph.: 9437092284, 9437939586; Raj Khariar, Ph : 9439144433; Muniguda, Ph : 9583860028; Dharmagarh, Ph : 9938883405; Kutra, Ph : 6370312667, 7796501441; Belpahar, Ph.: 9238581791; Attabira, Ph : 9853157276; Barpali, Ph.: 9777703149; Patnagarh, Ph.: 9938621078; Dungripally, Ph.: 9937926986; Sundergarh, Ph.: 06622-274361, 9437139011; Rajgangpur, Ph : 9861265188 ; Khariar Road, Ph.: 9938098888; Sohela, Ph.: 9938739550; Bhatli, Ph : 9090140103; Boudh, Ph.: 9439238768; Kantabanji, Ph : 9437210599; Gaisilat, Ph : 9937408645; Jaipatna, Ph : 9178280401; Sambalpur, Ph : 9337016000; Bamra, Ph : 9437535172; Kuchinda, Ph : 9437058129; Redhakhol : Ph : 7978349822; Saintala : Ph : 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph : 9938119999, 9777822622; Laikera, Ph : 9938465363 Bheden, Ph : 7008024042, 7008822177; Godbhaga, Ph : 6372444931, 6372445813; Bangamunda, Ph : 9937526500; Tusura, Ph : 9437890955, 9439581200; Bandhabahal, Ph : 6371909005 ; Bagdehi, Ph : 7008977491; Udanbandh, Ph : 7326042333, 7326042335; Lathor, Ph : 7008086417; Kantamal, Ph : 7008225996; Diptipur, Ph : 7894726957, 9937219913; Dhama, Ph : 7735079641; Birmaharajpur, Ph : 8018860710.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଆମ୍ବୁଲାନ୍ସ ଆସିଲାନି, ବାଇକ୍‌ରେ ଗଲେ କୋଭିଡ୍ ଆକ୍ରାନ୍ତ

ପଦ୍ମପୁର,(ଡି.ଏନ.ଏ): ରାଜବୋଡାସମ୍ବର ପଦ୍ମପୁର ବ୍ଲକ ସର୍ଗିବାହାଲ ପଞ୍ଚାୟତ ଇଚ୍ଛାପାଲି ଗ୍ରାମର ଜଣେ ୨୭ ବର୍ଷର ଯୁବକ ଗତ ୮ଦିନ ତଳେ କରୋନା ପଜିଟିଭ ଚିହ୍ନଟ ହୋଇ କ୍ୱାରେଣ୍ଟାଇନରେ ଥିଲେ । କିନ୍ତୁ ହଠାତ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିବା ପାଇଁ ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲା। ୩ ଘଣ୍ଟା ଅପେକ୍ଷା ପରେ ବି ଆମ୍ବୁଲାନ୍ସ ପହଞ୍ଚି ନ ଥିଲା। ଶେଷରେ ପରିବାର ଲୋକେ ଉକ୍ତ ଯୁବକଙ୍କୁ ରେନିକୋଟ ପିନ୍ଧାଇ ବାଇକ୍‌ରେ ଚିକିତ୍ସାଳୟକୁ ନେବା ଦେଖିବାକୁ ମିଳିଥିଲା।

**ସଂକ୍ଷେପରେ**

## ବାପାଙ୍କୁ ହତ୍ୟା ଅଭିଯୋଗରେ ପୁଅ ଗିରଫ

**ବରଗଡ଼ ଅଫିସ,୨୫।୪:** ବରଗଡ଼ ଜିଲା ଭେଡ଼େନ ଥାନା ଅଧୀନ ତେନ୍ତୁଲିଟିକ୍ରା ଗ୍ରାମରେ ପୁଅର ଆକ୍ରମଣରେ ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମଙ୍ଗଳ ସେଠ(୬୫)। ପୋଲିସ ଏ ନେଇ ଏକ ହତ୍ୟା ମାମଲା ରୁଜୁ (ନଂ.୬୯/୨୧)କରିଛି। ଏହା ସହିତ ମୃତକଙ୍କ ପୁଅ ଶିବ ସେଠଙ୍କୁ ଗିରଫ କରି ପୋଲିସ ଅଧିକ ତଦନ୍ତ ଚଳାଇଛି । ପ୍ରକାଶ ଯେ, ମଙ୍ଗଳଙ୍କ ୪ ପୁଅ ଅଛନ୍ତି। ଗତ ଦୁଇଦିନ ତଳେ ତୃତୀୟ ପୁଅ ଶିବ ଓ ମଙ୍ଗଳଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଶନିବାର ରାତିରେ ବାପପୁଅ ଏକାଠି ଥିଲେ । ରବିବାର ସକାଳୁ ମଙ୍ଗଳଙ୍କ ମୃତଦେହ ଘରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଭେଡ଼େନ ଥାନାଧିକାରୀ ହେମନ୍ତ ରାଓ ସଦଳବଳ ସେଠାକୁ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲା। ସେହିପରି ଶିବଙ୍କୁ ଥାନାକୁ ଆଣି ଜେରା କରିବାବେଳେ ମଙ୍ଗଳଙ୍କୁ ଆକ୍ରମଣ ନେଇ ସେ ସ୍ୱୀକାର କରିଥିବା ପୋଲିସ କହିଛି ।

## ଖଡ଼ିଆଳ ସହର ୫ ଦିନ ବନ୍ଦ

**ଖଡିଆଳ, ୨୫।୪ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ୫ ଦିନ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ସହର ବନ୍ଦ କରିବା ନେଇ ଆଦେଶ ଜାରି କରିଛନ୍ତି। ହେଲେ ସାଧାରଣ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୋକାନବଜାର ଖୋଲିବା ସମୟରେ କିଛିଟା କୋହଳ କରାଯାଇଛି। ସକାଳ ୬ଟାରୁ ୧୦ଟା ପର୍ଯ୍ୟନ୍ତ ଦୈନିକ ବଜାର ଖୋଲିବାକୁ ଥିବାବେଳେ ସଉଦା ଦୋକାନକୁ ଅପରାହ୍ନ ୩ଟାରୁ ୬ଟା ପର୍ଯ୍ୟନ୍ତ ଖୋଲିବା ଲାଗି ନିର୍ଦ୍ଦେଶ ଜାରି କରାଯାଇଛି। ଏହି ସମୟରେ ସମସ୍ତ ଦୋକାନୀ କୋଭିଡ୍ ନିୟମାବଳୀକୁ ମାନି ସାମାଜିକ ଦୂରତା ଏବଂ ମାସ୍କ ପରିଧାନ କରିବାକୁ ଅନିବାର୍ଯ୍ୟ ଅଟେ। ସେହିପରି ଜରୁରୀକାଳୀନ ସେବାକୁ ଛାଡି ଅନ୍ୟସବୁ ଦୋକାନ ବଜାର ବନ୍ଦ ରହିବାକୁ ଖଡିଆଳ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

# ମୁହଁ ଖୋଲିବାକୁ ଭୟ

**ବରଗଡ଼ ଅଫିସ,୨୫।୪**

- କୋଭିଡ୍ କଟକଣା ଉଲ୍ଲଂଘନ
- କିଛି ଜାଣି ନ ଥିବା କହିଲେ ଜିଲାପାଳ
- ପୋଲିସରେ ଏତଲା ଦେବ କଂଗ୍ରେସ
- ଏସ୍‌ପି, ଜିଲାପାଳଙ୍କୁ ଭେଟିବ ଭାଜପା

ବରଗଡ଼ ଜିଲା ଭେଡ଼େନ ବ୍ଲକରେ ପୋଲିସ, ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଦୁଇଟି ଜନଗହଳି କାର୍ଯ୍ୟକ୍ରମରେ ଯୋଗଦେଇ କୋଭିଡ୍ କଟକଣା ଉଲ୍ଲଂଘନ କରିବା ଅଭିଯୋଗ ଉପରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏ ନେଇ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ ସେ ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ । ସେହିପରି ଏସ୍‌ଡ଼ିପିଓ ଦିପକ କୁମାର ଗୋଛାୟତଙ୍କୁ ପଚାରିବାରୁ ସେ ନେଇ କିଛି କହି ପାରିବେ ନାହିଁ ବୋଲି କହିଥିଲେ। ବରଗଡ଼ ଏସ୍‌ପି ପଦ୍ମିନୀ ସାହୁଙ୍କ ମୋବାଇଲ ନଂ. ୯୩୪୮୪୬୪୩୫୨ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ଫୋନ ରିସିଭ୍ ନ କରିବାରୁ ତାଙ୍କ ମତାମତ ମିଳିପାରି ନ ଥିଲା। ଏହି ଘଟଣାରେ ପୋଲିସ, ପ୍ରଶାସନର ଏଭଳି ନିରବତା ଆଲୋଚନାର ବିଷୟ ହୋଇଥିବା ବେଳେ ଏହା ଏକ ରାଜନୈତିକ ପ୍ରସଙ୍ଗ ପାଲଟିଛି। ଅନ୍ୟପକ୍ଷେ ଭୟରେ ବିଧାୟିକାଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଚର୍ଚ୍ଚା ହେଉଛି।

ଜିଲାରେ କୋଭିଡ୍ ସଂକ୍ରମଣ ଉଦବେଗଜନକ ସ୍ଥିତିରେ ରହିଛି। ଏହାକୁ ପ୍ରତିହତ କରିବା ପାଇଁ ସପ୍ତାହାନ୍ତ ଶଟ୍ ଡାଉନ, ନାଇଟ୍ କର୍ଫ୍ୟୁ ଲାଗୁ ହୋଇଥିବା ସତ୍ତ୍ୱେ ଶତାଧିକ ଲୋକଙ୍କୁ ନେଇ କରିଥିବା କାର୍ଯ୍ୟକ୍ରମରୁ କୋଭିଡ୍ କଟକଣାକୁ ବିଧାୟିକା ଛୁରିଆ ମାନି ନ ଥିବା ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ କହିଛନ୍ତି। ଖୋଲାଖୋଲି କଟକଣା ଉଲ୍ଲଂଘନ ହୋଇଥିବାବେଳେ ସାଧାରଣ ଜନତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଉଥିବା ପୋଲିସ ପ୍ରଶାସନ ନିଦାବିଷ୍ଟ ସାଜିବା ସରକାରୀ କଳର ପ୍ରତିବଦ୍ଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ଏବଂ ଏହା ଲୋକଙ୍କୁ ନକାରାତ୍ମକ ବାର୍ତ୍ତା ଦେଉଛି। ଫଳରେ ଏହି ଘଟଣା ଉପରେ ସୋମବାର ଭେଡ଼େନ ଥାନାରେ ଏତଲା ଦିଆଯିବା ସହିତ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲା କଂଗ୍ରେସ ଏସ୍‌ପି, ଜିଲାପାଳଙ୍କୁ ଫେରାଦ ହେବ ବୋଲି ସେ କହିଛନ୍ତି। ସେହିପରି ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି, କୋଭିଡ୍ କଟକଣା ଥିବାବେଳେ ରାଜ୍ୟ ସରକାର ନିଜେ ସପ୍ତାହାନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟରେ ଶାସକ ଦଳର ଜଣେ ବିଧାୟିକା, ରାଜ୍ୟ ବିଜେଡ଼ି ମହିଳା ସଭାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ହଜାର ହଜାର ଲୋକଙ୍କ ସମାଗମରେ ଉଦ୍‌ଘାଟନ କାର୍ଯ୍ୟକ୍ରମ କରୁଛନ୍ତି ଏବଂ ପୋଲିସ ନୀରବଦ୍ରଷ୍ଟା ସାଜିବା ଦୁର୍ଭାଗ୍ୟଜନକ। ଲୋକେ କଟକଣାକୁ କେତେବେଳେ ଉଲ୍ଲଂଘନ କଲେ ପୋଲିସ ସେମାନଙ୍କୁ ମାଡପିଟ୍ କରିବା ସହିତ ଜରିମାନା ଅସୁଲି କରୁଛି। କିନ୍ତୁ ଜଣେ ବିଧାୟିକା କଟକଣା ଉଲ୍ଲଂଘନ କଲେ ପୋଲିସ, ପ୍ରଶାସନ ଚୁପ୍ ବସିବା ଘଟଣାରୁ ସେମାନଙ୍କ କାର୍ଯ୍ୟ ଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଯେଉଁ ନିୟମ କରିଛନ୍ତି, ତାକୁ ତାଙ୍କ ବିଧାୟିକା ମାନୁ ନାହାନ୍ତି। ଏଭଳି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ, ପୋଲିସ ମହାନିର୍ଦ୍ଦେଶକ, ବରଗଡ଼ ଜିଲାପାଳ ଓ ଏସପି କିଭଳି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି, ତାହା ଦେଖିବାକୁ ବାକି ରହିଲା ବୋଲି ଷଡ଼ଙ୍ଗୀ କହିଥିଲେ। ଏ ନେଇ ସୋମବାର ଜିଲାପାଳ, ଏସ୍‌ପିଙ୍କୁ ଭେଟି ବିଧାୟିକାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରାଯିବ ବୋଲି ସେ କହିଥିଲେ।

## କୋଭିଡ୍ ସ୍ୱର୍ଗଦ୍ୱାରକୁ ପହଞ୍ଚିଲା କାଠ



ବରଗଡ଼ କୋଭିଡ୍ ସ୍ୱର୍ଗଦ୍ୱାରରେ କାଠ ବୋଝେଇ ଟ୍ରକ୍ ।

**ବରଗଡ଼ ଅଫିସ,୨୫।୪**

ବରଗଡ଼ ସହରରେ ଶବଦାହ ପାଇଁ କାଠ ଅଭାବ ପରିଲକ୍ଷିତ ହୋଇଛି। କୋଭିଡ୍ ମୃତକଙ୍କ ଶବଦାହ କ୍ଷେତ୍ରରେ ବର୍ତ୍ତମାନ ଏହା ଏକ ପ୍ରମୁଖ ସମସ୍ୟା ଥିଲା। ଏହା ଜାଣିବା ପରେ ବିଭିନ୍ନ ଅଞ୍ଚଳର ସାମାଜିକ ଅନୁଷ୍ଠାନ କାଠ ଯୋଗାଇବା ପାଇଁ ଆଗଭର ହୋଇଛନ୍ତି। ଏହି କ୍ରମରେ ରବିବାର ଭେଡ଼େନ ବ୍ଲକ ଅଧୀନ ଥୁଆପାଲି ଲାୟନ୍ସ କ୍ଲବର ସୁନୀଲ ବାଙ୍କା, ସୁଶୀଲ କେଡ଼ିଆ, ହିମାଂଶୁ ହୋତା ପ୍ରମୁଖ ଏକ ଟ୍ରକରେ କାଠ ଧରି ବରଗଡ଼ କୋଭିଡ୍ ସ୍ୱର୍ଗଦ୍ୱାରକୁ ପହଞ୍ଚିଥିଲେ । କାଠ ପହଞ୍ଚିବା ପରେ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ଶବଦାହ କରିଥିଲେ। ସେହିପରି ବରଗଡ଼ ସହରର ଗୋବିନ୍ଦପାଲି ସ୍ୱର୍ଗଦ୍ୱାର ନିକଟରେ ମଧ୍ୟ ବନ ବିଭାଗ ପକ୍ଷରୁ କାଠ ବିକ୍ରି ପାଇଁ ରବିବାରଠାରୁ ଏକ ନୂଆ ଡିପୋ ଖୋଲାଯାଇଛି। କାଠ ସମସ୍ୟା ଉପୁଜିବା ପରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏ ସମ୍ପର୍କରେ ବନ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସହିତ କାଠ ଡିପୋ ଖୋଲିବାକୁ ଜଣାଇଥିଲେ।

# ଘରୁ ବାହାରିବାକୁ ଡରୁଛନ୍ତି ଲୋକେ

**୪ଜଣଙ୍କୁ ମାରିବା ପରେ କେଶାଇପାଲି ଜଙ୍ଗଲରେ ହାତୀ**

**ଲୋଇସିଂହା,୨୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଓ ସୀମାନ୍ତ ବରଗଡ଼ ଜିଲା ଗାଇସିଲଟ ବ୍ଲକ ଅଞ୍ଚଳରେ ଗତ ବୁଧବାର ନରହନ୍ତା ହାତୀ ୪ଜଣଙ୍କୁ ଦଳି ମାରିପକାଇଥିଲା। ଏହାପରେ ଉକ୍ତ ହାତୀ ଆଗଲପୁର ବ୍ଲକ ଛେଲିଆପାଟ ସଂରକ୍ଷିତ ଜଙ୍ଗଲକୁ ଚାଲିଯାଇଥିଲା। ଏବେ ବି ଉକ୍ତ ସଂରକ୍ଷିତ ଜଙ୍ଗଲ କେଶାଇପାଲି ନିକଟରେ ହାତୀ ରହିଛି। ଉକ୍ତ ହାତୀକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ଘରୁ ବାହାରିବାକୁ ନିରାପଦ ମଣୁନାହାନ୍ତି। ସାଲେଭଟା-ଡୁଡୁକା, ଲୋଇସିଂହା-ଭରସୁଜା, ବୁର୍ଡା-ବଡଟିକା, ରାମପୁର-ଡୁଡୁକା, ରୋତ-ଭରସୁଜା ରାସ୍ତା ସନ୍ଧ୍ୟା ପୂର୍ବରୁ ଶୂନ୍‌ଶାନ ହୋଇଯାଉଛି।



ଉପଦ୍ରବ କରିଥିବା ହାତୀ।

ସୂଚନାଯୋଗ୍ୟ ଯେ, ଗତ ବୁଧବାର ସକାଳେ ଉକ୍ତ ହାତୀ ବରଗଡ଼ ଜିଲା ଗାଇସିଲଟ ଅଞ୍ଚଳର ଉମରାଟ ଓ ନାଥପାଲି ଗ୍ରାମର ୩ ଜଣଙ୍କୁ ଆକ୍ରମଣ କରି ମାରିଦେଇଥିଲା । ସେଠାରୁ ହାତୀ ଆଗଲପୁର ବ୍ଲକ ଦର୍ଲିପାଲି ଗାଁକୁ ଆସି ନିଜ ତୋଟାରୁ ଆମ୍ବ ଗୋଟାଇ ସାଇକେଲରେ ଘରକୁ ଫେରୁଥିବା ବିରଞ୍ଚି ସାହୁଙ୍କୁ ଦଳି ମାରିପକାଇଥିଲା। ଏହାପରେ ହାତୀ ନିକଟସ୍ଥ ଛେଲିଆ ସଂରକ୍ଷିତ ଜଙ୍ଗଲୁ ଚାଲିଯାଇଥିଲା। ଏବେ ଗାଇଖାଇ ଜଳପ୍ରକଳ୍ପ ନିକଟ କେଶାଇପାଲି ନିକଟରେ ହାତୀ ରହିଥିବା ସ୍ଥାନୀୟ ଫରେଷ୍ଟର ମଧୁସୂଦନ ଗଡୁଆ କହିଛନ୍ତି। ଶନିବାର ରାତିରେ ହାତୀ କେଶାଇପାଲି ନିକଟସ୍ଥ ଜଣେ ଚାଷୀଙ୍କ ରବିଧାନ ଖାଇଥିବା ସେ କହିଛନ୍ତି। ଏଠାରେ ହାତୀର କୌଣସି ଅସ୍ୱାଭାବିକ ଲକ୍ଷଣ ଦେଖିବାକୁ ମିଳିନାହିଁ। ଗତ ବୁଧବାର ଲୋକେ ହାତୀକୁ ପାଟିତୁଣ୍ଡ କରି ଘଉଡାଇ ଥାଇପାରନ୍ତି। ଏ ସମ୍ପର୍କରେ ଡିଏଫଓ ସମୀର କୁମାର ଶତପଥୀଙ୍କୁ ପଚାରିବାରୁ ହାତୀ ଏବେ ଛେଳିଆପାଟ ସଂରକ୍ଷିତ ଜଙ୍ଗଲରେ ରହିଛି। ବିଳମ୍ବିତ ରାତିରେ ଖାଦ୍ୟ ଅନ୍ୱେଷଣରେ ବାହାରି ପୁଣି ଜଙ୍ଗଲକୁ ଫେରୁଥିବା ସେ କହିଛନ୍ତି।

## ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା: ଚାଳକ ମୃତ

**କେସିଙ୍ଗା,୨୫।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କଣ୍ଟପଡା ପଞ୍ଚାୟତ ବଙ୍ଗଳା ବଜାର ନିକଟରେ ବରଗଡ-ବୋରିଗୁମ୍ମା ଜାତୀୟ ରାଜପଥ ୨୬ ଉପରେ ଶନିବାର ବିଳମ୍ବିତ ରାତିରେ ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କାରେ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକଙ୍କ ଘର ଛତିଶଗଡର ରାୟପୁର ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ପକ୍ଷରୁ ତାଙ୍କ ପରିବାରବର୍ଗଙ୍କୁ ସୂଚନା ଦିଆଯାଇଛି। ମୃତକ ପରିବାର ଲୋକ ଆସିଲେ ଶବ ବ୍ୟବଚ୍ଛେଦ କରାଯିବ। ଏ ନେଇ ଥାନାରେ ଏକ ମାମଲା (ନଂ. ୧୪୫/୨୧) ରୁଜୁ ହୋଇଛି। ସୂଚନା ଯେ, କେସିଙ୍ଗା ପଟୁ ଟ୍ରକ୍ (ନଂ.ଏଚ୍ଆଇ ୭୪ଏ-୨୭୫୪) ବଲାଙ୍ଗୀର ଅଭିମୁଖେ ଯାଉଥିଲା। ଅନ୍ୟ ଏକ ଟ୍ରକ୍ (ନଂ.ସିଜି୦୪ଏମଭି-୯୧୩୭) ବଲାଙ୍ଗୀରରୁ କେସିଙ୍ଗା ପଟେ ଯାଉଥିବା ବେଳେ ହଠାତ ଆରପଟ ରାସ୍ତାକୁ ଚାଲିଯାଇ ଟ୍ରକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଛତିଶଗଡ଼ ନମ୍ବର ଥିବା ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଥିଲା। ହରିଆଣାର ନମ୍ବର ଟ୍ରକ୍ ଚାଳକ ଫେରାର ହୋଇଥିଲେ। କେସିଙ୍ଗା ପୋଲିସ ପହଞ୍ଚି ଦୁଇ ଗାଡିକୁ ଜେସିବି ସାହାଯ୍ୟରେ ରାସ୍ତାରୁ ହଟାଇ ଚାଳକଙ୍କ ମୃତଦେହ ଉଦ୍ଧାର କରି କେସିଙ୍ଗା ଡାକ୍ତରଖାନକୁ ନେଇଥିଲା। ମୃତ ଚାଳକଙ୍କ ନାମ ଜଣାପଡ଼ି ନ ଥିବାବେଳେ ପରିବାର ଲୋକେ ଆସିଲେ ସବୁ ଜଣାପଡିବ ବୋଲି କେସିଙ୍ଗା ଏଏସଆଇ ଶ୍ରୀନିବାସ ବିଶ୍ୱାଳ କହିଛନ୍ତି।

दिल्ली सरकार
आप की सरकार

ଦିଲ୍ଲୀ ସରକାର ଅକ୍ସିଜେନ୍ ପରିବହନ ପାଇଁ କ୍ରାୟୋଜେନିକ୍ ଟ୍ୟାଙ୍କର୍ସ ଆବଶ୍ୟକ କରୁଛନ୍ତି

ଦିଲ୍ଲୀରେ ଭାରି ମାତ୍ରାରେ ଅକ୍ସିଜେନ୍‌ର ଅଭାବ ଦେଖାଦେଇଛି । ଯଦି ଆପଣ କିମ୍ବା ଆପଣଙ୍କ ସଂସ୍ଥା ନିକଟରେ ଅକ୍ସିଜେନ୍ ଓ ତାହାର ପରିବହନ ପାଇଁ ଟ୍ୟାଙ୍କର୍ସ ଉପଲବ୍ଧ ଅଛି, ତେବେ ଦିଲ୍ଲୀ ସରକାର ଆପଣଙ୍କର ସହଯୋଗ ଆବଶ୍ୟକ କରୁଛନ୍ତି । ଆପଣଙ୍କ ନିକଟରେ ଅକ୍ସିଜେନ୍ ପରିବହନ ପାଇଁ ଖାଲି କ୍ରାୟୋଜେନିକ୍ ଟ୍ୟାଙ୍କର୍ ରହିଥିଲେ ମଧ୍ୟ ଆମକୁ ସୂଚିତ କରନ୍ତୁ । ଏହାଦ୍ୱାରା ଅନ୍ୟ ସ୍ଥାନରୁ ଅକ୍ସିଜେନ୍ ଆଣିବାରେ ଆମକୁ ସହାୟତା ମିଳିବ । ଏହା ଏକ ଜରୁରିକାଳୀନ ଆବଶ୍ୟକତା ଅଟେ । ଦୟାକରି ଆମକୁ ସାହାଯ୍ୟ କରନ୍ତୁ । ଦିଲ୍ଲୀବାସୀ ସବୁଦିନ ପାଇଁ ଆପଣଙ୍କ ନିକଟରେ ଋଣୀ ରହିବେ ।

ଆପଣଙ୍କର ଏହି ସହଯୋଗ ଦ୍ୱାରା ଆମକୁ ହଜାର ହଜାର ଭାଇ ଭଉଣୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାରେ ସହାୟତା ମିଳିବ ।

ଯୋଗାଯୋଗ କରନ୍ତୁ-
ଶ୍ରୀ ଏସ୍.ଏମ୍. ଅଲୀ, ସ୍ୱତନ୍ତ୍ର ସଚିବ
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଦିଲ୍ଲୀ ସରକାର
Phone: 9871006453, 011-23392018
Email: specialsechealth@gmail.com

DIP/Shabdarth/D/0009/21-22

ସୂଚନା ଏବଂ ପ୍ରସାରଣ ନିର୍ଦ୍ଦେଶାଳୟ, ଜାତୀୟ ରାଜଧାନୀ କ୍ଷେତ୍ର, ଦିଲ୍ଲୀ ସରକାର

### ଘର ପୋଡ଼ିଦେଲେ ଦୁର୍ବୃତ୍ତ

ସଇଁତଲା,(ଡ଼ି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ସାନଦାସମୁଣ୍ଡା ଗ୍ରାମରେ ଶନିବାର ରାତିରେ ଜଣେ ବ୍ୟକ୍ତିଙ୍କ ଘରକୁ ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ିଦେଇଥିବା ସଇଁତଲା ଥାନାରେ ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତ ବିପନ୍ନ ତିଳକର ସାହୁ (୩୮)ଙ୍କ ଅଭିଯୋଗ ଅନୁସାରେ ଶନିବାର ସେ ପରିବାର ସହ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ରାତିରେ କେହି ତାଙ୍କ ଘରେ ନିଆଁ ଲଗାଇଦେଇଛି। ସକାଳେ ଏହା ଜାଣିବା ପରେ ସେ ସଇଁତଲା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ହେଲେ ସେତେବେଳକୁ ଘରେ ଥିବା ୧୦ବସ୍ତା ଧାନ, ୫୦କେଜି ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ଛାରଖାର ହୋଇଯାଇଥିଲା। ସଇଁତଲା ଏସଆଇ ପ୍ରସନ୍ନ କୁମାର ନାଏକ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

## ସଂକ୍ଷେପରେ

### ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ: କରୋନାରେ ମହିଳାଙ୍କ ମୃତ୍ୟୁ

ବୌଦ୍ଧ,୨୫।୪(ସ୍ୱ.ପ୍ର.): ବୌଦ୍ଧ ଜିଲାରେ ପ୍ରଥମ ପର୍ଯ୍ୟାୟ କରୋନା ସଂକ୍ରମଣରେ ସରକାରୀ ଭାବେ ୧୧ ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ସମୟରେ ଜିଲା କୋଭିଡ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣେ ମହିଳାଙ୍କ ରବିବାର ସକାଳେ ମୃତ୍ୟୁ ଘଟିଥିବା ସିଡିଏମ୍‌ଓ ଡା. ତ୍ରିଲୋଚନ ପ୍ରଧାନ ସୂଚନା ଦେଇଛନ୍ତି। ମୃତକ ହେଲେ ରାମକିଷନ୍ ଅଗ୍ରୱାଲାଙ୍କ ପତ୍ନୀ ସାଲୁ(୩୫)। ସିଡିଏମଓ ପ୍ରଧାନଙ୍କ କହିବା ଅନୁସାରେ, ମହିଳା ଜଣକ ପଜିଟିଭ୍ ଚିହ୍ନଟ ହେବା ପରେ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଥିଲେ। ଶନିବାର ରାତିରେ ତାଙ୍କୁ କୋଭିଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡେଥ୍ ଅଡିଟ୍ ରିପୋର୍ଟ ହସ୍ତଗତ ହେବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାଯିବ ବୋଲି ସେ କହିଛନ୍ତି। ପ୍ରଶାସନ ପକ୍ଷରୁ କୋଭିଡ କଟକଣାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ସୂଚନାଯୋଗ୍ୟ ଯେ ବୌଦ୍ଧ ଜିଲା କୋଭିଡ ହସ୍ପିଟାଲରେ ବର୍ତ୍ତମାନ ୧୨ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ଜଣାଯାଇଛି।

### ଗ୍ରାମାଞ୍ଚଳରେ ସପ୍ତାହାନ୍ତ ଶଟ୍ ଡାଉନ୍ ପ୍ରଭାବ

ବୌଦ୍ଧ,୨୫।୪(ସ୍ୱ.ପ୍ର.): କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା ସପ୍ତାହାନ୍ତ ଶଟ୍‌ଡାଉନ୍‌ର ଦ୍ୱିତୀୟ ଦିନରେ ବୌଦ୍ଧ ଜିଲାର କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଜିଲା ସଦରମହକୁମାରେ କେବଳ ଶଟ୍‌ଡାଉନ୍ ଥିବା ବେଳେ ଚାରିଛକ, ପୁରୁଣାକଟକ, ଜହ୍ନାପଙ୍କ, ବାଉଁଶୁଣି, ପଲସାଗୁଡା, ମନମୁଣ୍ଡା ଓ କଣ୍ଟାମାଳ ଅଞ୍ଚଳର ୮୦ ପ୍ରତିଶତ ଦୋକାନବଜାର ବନ୍ଦ ରହିଥିଲା। ରାସ୍ତାଘାଟ ଶୁନଶାନ ଦେଖିବାକୁ ମିଳିଥିଲା । ବୌଦ୍ଧ ସହରର ବ୍ରିଜ୍ ଛକ, ଏନ୍‌ଏସି ଛକ, ମେଡିକାଲ ଛକ, ଗାନ୍ଧୀଛକ, ଭୈରବୀ ଛକ, କୋର୍ଟଛକ, ଜାମୁଛକ, ବୁଟୁପାଲି ଅଞ୍ଚଳରେ ପୋଲିସର କଡା ପହରା ଦେଖିବାକୁ ମିଳିଥିଲା। ତେବେ ସନ୍ଧ୍ୟାରେ କିଛି ଅମାନିଆ ଘରୁ ବାହାରି ବୁଲିବା ଦେଖିବାକୁ ମିଳିଥିଲା ।

### ରାମଚଣ୍ଡୀଙ୍କ ବାର୍ଷିକ ପୂଜା ମହୋତ୍ସବ

ଜାମଟିକ୍ରା, ୨୫।୪ (ଡି.ଏନ.ଏ): ଅତାବିରା ବ୍ଲକ ଅଧୀନ ଝିଲିମିଣ୍ଡା ଗ୍ରାମରେ କୁଲିତା ସମାଜ ପକ୍ଷରୁ ରଣେଶ୍ୱରୀ ରାମଚଣ୍ଡୀ ଦେବୀଙ୍କ ବାର୍ଷିକ ପୂଜା ରବିବାର କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଜୟ କୁମାର ଭୋଇ ପୂଜା ସମ୍ପାଦନ କରିଥିବା ବେଳେ କୁନୁ ପଧାନ ଓ ଉର୍ମିଳା ପଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଧର୍ମରାଜ ପଧାନ, ହରେକୃଷ୍ଣ ପଧାନ, ଗୋବିନ୍ଦ ଭୋଇ, ଆନନ୍ଦ ପଧାନ, ଗୋକୁଳ ସାହୁ, ପଞ୍ଚାନନ ପଧାନ, ମୋହିତ ଭୁଏ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### କୋରେକ୍ସ ଜବତ୍, ଅଭିଯୁକ୍ତ ଗିରଫ

ଖପ୍ରାଖୋଲ, ୨୫।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁରେ ସ୍ଥାନୀୟ ପୋଲିସ୍ ଚଢାଉ କରି ବେଆଇନ୍ କୋରେକ୍ସ ବିକିବା ଅଭିଯୋଗରେ ରବିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ଧଣ୍ଡାମୁଣ୍ଡା ଗାଁର ବଲ୍ଲଭ ପଧାନ(୪୦) । ଅଭିଯୁକ୍ତଙ୍କଠାରୁ ୧୧ ବୋତଲ କୋରେକ୍ସ ଜବତ୍ ହୋଇଛି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(ନଂ.୫୯/୨୧)ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

### ପ୍ୟାକ୍ସ ସମ୍ପାଦକଙ୍କ ଅକାଳ ବିୟୋଗ

ଖପ୍ରାଖୋଲ, ୨୫।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପ୍ୟାକ୍ସ ସମ୍ପାଦକ ମାଧବ ପାଢ଼ୀ(୪୮)ଙ୍କ ରବିବାର ଅକାଳ ବିୟୋଗ ଘଟିଛି । କିଛି ଦିନ ହେଲା ତାଙ୍କୁ ଜ୍ୱର ହୋଇଥିଲା। କରୋନା ପଜିଟିଭ ଚିହ୍ନଟ ପରେ ବରଗଡର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ଜଣେ ପରୋପକାରୀ ଏବଂ ମେଳାପି ବ୍ୟକ୍ତି ଥିଲେ । ଖପ୍ରାଖୋଲ ଅଞ୍ଚଳରେ ଗୋଟିଏ ପରେ ଗୋଟିଏ କରୋନା ମୃତ୍ୟୁ ଘଟୁଥିବାରୁ ଲୋକଙ୍କ ମଧ୍ୟରେ ଭୟ ଦେଖାଦେଇଛି ।

# ଅନାସ୍ଥା ଭୋଟ ନେଇ ଛକାପଞ୍ଝା

■ଉଲୁଣ୍ଡା ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ ଆଜି
■ଫଳାଫଳ ଘୋଷଣା ଉପରେ ରୋକ୍

ସୋନପୁର,୨୫।୪(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ମିତାଲି ମହାକୁରଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ସୋମବାର ଭୋଟ ଗ୍ରହଣ କରାଯିବ। ଉପଜିଲାପାଳ ଅଶୋକ କୁମାର ଭୋଇ ୨୬ ତାରିଖ ପୂର୍ବାହ୍ନ ୧୧ଟାରେ ପ୍ରସ୍ତାବ ଉପରେ ମତଦାନ ପାଇଁ ନୋଟିସ୍ ଜାରି କରିଛନ୍ତି। ଏଥିସକାଶେ ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ସରଗରମ ରହିଛି। ଅଧକ୍ଷାଙ୍କ କାର୍ଯ୍ୟକାଳ ଆଉ ମାତ୍ର ୬ ମାସ ଥିବା ବେଳେ ଅନାସ୍ଥାକୁ ନେଇ ବିଜେଡି, ଭାଜପା ଓ କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇଉଠିଛି। ଅନ୍ୟପକ୍ଷେ ଅଧକ୍ଷାଙ୍କ ବିରୋଧରେ ହେବାକୁ ଥିବା ଅନାସ୍ଥା ପ୍ରସ୍ତାବରେ ଭୋଟ ହେବ। ମାତ୍ର ଏହାର ଫଳାଫଳ ଘୋଷଣା କରାଯିବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଧକ୍ଷାଙ୍କ କାର୍ଯ୍ୟଧାରାରେ ଅସନ୍ତୋଷବ୍ୟକ୍ତ କରି ୧୭ଟି ପଞ୍ଚାୟତର ୨୪ଜଣ ସରପଞ୍ଚ ଓ ସମିତି ସଭ୍ୟ ବୀରମହାରାଜପୁର ଉପଜିଲାପାଳଙ୍କଠାରେ ଲିଖିତ ପ୍ରସ୍ତାବ ଦେଇଥିଲେ। ଗତ ୧୩ ତାରିଖ ମଙ୍ଗଳବାର ଅନୁଷ୍ଠିତ ସମିତି ବୈଠକରେ ମାତ୍ର ୮ ଜଣ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ। କୋରମ ଅଭାବରୁ ଏହି ବୈଠକ ସ୍ଥଗିତ ରହିଥିଲା। ମୋଟ ୧୭ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବଲାଙ୍ଗୀର ଏମ୍‌ପି ଓ ବୀରମହାରାଜପୁର ବିଧାୟକଙ୍କୁ ନେଇ ୩୬ ଜଣ ସଦସ୍ୟ ଭୋଟରେ ଅଂଶଗ୍ରହଣ କରିପାରିବେ। ସେହିପରି ନିକଟରେ ଲସ୍ତଲା ପଞ୍ଚାୟତର ସରପଞ୍ଚ ପଦବୀ ଅସିଦ୍ଧ ଘୋଷଣା ହୋଇଛି। ନାଏବ ସରପଞ୍ଚ ଦାୟିତ୍ୱରେ ଅଛନ୍ତି। ସେ ଭୋଟରେ ଭାଗ ନେବେ କି ନାହିଁ ସୋମବାର ନିର୍ଦ୍ଧାରିତ ସମୟରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଉପଜିଲାପାଳ ଭୋଇ କହିଛନ୍ତି।

ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ଭୋଟ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ରହିବେ। ବୀରମହାରାଜପୁର ତହସିଲଦାର ରାଜେନ୍ଦ୍ର କୁମାର ପରିଡା ପ୍ରିଜାଇଡିଂ ଅଫିସର ଦାୟିତ୍ୱରେ ତୁଲାଇବେ। ମିତାଲି ହେଉଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ ରାଧାକାନ୍ତ ମହାକୁରଙ୍କ ଧର୍ମପତ୍ନୀ। ଗତ ପଞ୍ଚାୟତ ନିର୍ବାଚନରେ ମିତାଲି କଳାପଥର ପଞ୍ଚାୟତରୁ ବିଜୟୀ ହୋଇଥିଲେ। ସେହି ସମୟରେ ବିଜେଡି ସମର୍ଥିତ ସମିତି ସଭ୍ୟ ଯଦିଓ ଅଧିକ ଥିଲେ, କ୍ରସ ଭୋଟିଂ ଓ ଜଣେ ସମିତି ସଭ୍ୟ ଅନୁପସ୍ଥିତ ରହିବା ଯୋଗୁଁ ପ୍ରତିଦ୍ୱନ୍ଦ୍ୱୀଙ୍କ ଭୋଟ ସମାନ ହୋଇଥିଲା। ଧର୍ମଗୁଳା ମାଧ୍ୟମରେ ମିତାଲି ଅଧକ୍ଷା ନିର୍ବାଚିତ ହୋଇଥିଲେ। ତେଣୁ ଅଧକ୍ଷା ପଦ କଂଗ୍ରେସ ହାତକୁ ଚାଲି ଯାଇଥିଲା। ପରବର୍ତ୍ତୀ ସମୟରେ ମିତାଲି ଓ ତାଙ୍କ ସ୍ୱାମୀ ରାଧାକାନ୍ତ କଂଗ୍ରେସ ଦଳରେ ସକ୍ରିୟ ନଥିଲେ । ଗତ ସାଧାରଣ ନିର୍ବାଚନ ପରେ ରାଧାକାନ୍ତ କୁଆଡେ ଏକ ଜାତୀୟ ଦଳ ପଟକୁ ଢଳିଥିଲେ। ମିତାଲିଙ୍କ ବିରୋଧରେ କଂଗ୍ରେସ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣିଥିବା ବେଳେ ବିଜେଡି ସମର୍ଥନ ଜଣାଇଛି। ଅନ୍ୟପକ୍ଷେ ଭାଜପା ସମର୍ଥିତ କେତେକ ନିର୍ବାଚିତ ପ୍ରତିନିଧି ମଧ୍ୟ ଅନାସ୍ଥାକୁ ସମର୍ଥନ କରିଥିବା ଜଣାପଡିଛି।

# ଲଡୁଗାଁ ୭ ଦିନ ପାଇଁ ଶଟ୍‌ଡାଉନ ଘୋଷଣା



କୋକସରା ବ୍ଲକ ଲଡୁଗାଁ ଶଟ୍‌ଡାଉନ ପାଇଁ ଦୋକାନବଜାର ବନ୍ଦ ରହିଛି।

### କୋକସରା ବ୍ଲକରେ ବଢୁଛି କୋଭିଡ୍ ସଂକ୍ରମଣ

କୋକସରା, ୨୫।୪ (ଡି.ଏନ.ଏ.)

ଗତ ଦୁଇ ସପ୍ତାହ ହେବ କଳାହାଣ୍ଡି ଜିଲା କୋକସରା ବ୍ଲକର ବିଭିନ୍ନ ଅଞ୍ଚଳରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ପ୍ରତିଦିନ କୋକସରା ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା କୋଭିଡ୍ ଫିଭର କ୍ଲିନିକରେ ଆଣ୍ଟିଜେନ ଟେଷ୍ଟ କରିବାକୁ ଲୋକଙ୍କ ଲମ୍ବା ଲାଇନ। ଏହା ମଧ୍ୟରେ ଅନେକ କୋଭିଡ୍ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଗତ କିଛିଦିନ ମଧ୍ୟରେ ମାତ୍ରାଧିକ ସଂଖ୍ୟକ ଆକ୍ରାନ୍ତ ବାହାରୁଥିବା ଯୋଗୁ ଅଞ୍ଚଳରେ ଲୋକଙ୍କ ମଧ୍ୟ ଏକ ଅଜଣା ଭୟ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି କୋକସରା ବ୍ଲକ ଲଡୁଗାଁ ସରପଞ୍ଚ କହ୍ନେଇ ଚରଣ ଦାସ ସୋମବାରରୁ ଆସନ୍ତା ରବିବାର ପର୍ଯ୍ୟନ୍ତ ପଞ୍ଚାୟତକୁ ଶଟଡାଉନ ଘୋଷଣା କରିଛନ୍ତି। ସେହିପରି ଗମ୍ଭାରୀଗୁଡା ପଞ୍ଚାୟତକୁ ସରପଞ୍ଚ ନନ୍ଦିତା ସାହୁ ମଙ୍ଗଳବାର ୬ ଘଣ୍ଟା ପର୍ଯ୍ୟନ୍ତ ଶଟଡାଉନ ଘୋଷଣା କରିଛନ୍ତି। କୋକସରା ବ୍ଲକ ସଦର ମହକୁମା ସହ ବିଭିନ୍ନ ଗ୍ରାମାଞ୍ଚଳରେ ମଧ୍ୟ କରୋନା ସଂକ୍ରମଣ କାୟା ବିସ୍ତାର କରିବାରେ ଲାଗିଛି ସପ୍ତାହନ୍ତ ଶଟଡାଉନ କେବଳ ଶନିବାର ଓ ରବିବାର ରହିଥିବା ବେଳେ ପୋଲିସ ପକ୍ଷରୁ ମାସ୍କ ଚେକିଂ ଓ ପାଟ୍ରୋଲିଂ ଜାରି ରହିଥିବା ଦେଖିବାକୁ ମିଳୁଛି।

# ଫାଟିଛି ପାଇପ, ଭାଙ୍ଗିଛି ଷ୍ଟାଣ୍ଡପୋଷ୍ଟ



ଭାଙ୍ଗିଥିବା ଷ୍ଟାଣ୍ଡପୋଷ୍ଟ।

ଅମରପାଲି, ୨୫।୪ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହିଲୁଙ୍ଗ ଗ୍ରାମରେ ଜଳଯୋଗାଣ ପ୍ରକଳ୍ପରୁ ଲାଗିଥିବା ପାଇପ ଫାଟିଛି। ଏପରିକି ଗ୍ରାମରେ ଲାଗିଥିବା ଷ୍ଟାଣ୍ଡପୋଷ୍ଟଗୁଡିକ ମଧ୍ୟ ଭାଙ୍ଗି ଯାଇଥିବା ଅଭିଯୋଗ ହେଉଛି। ଗ୍ରାମରେ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ପ୍ରାୟ ୧୦ବର୍ଷ ପୂର୍ବେ ଏକ ଜଳଯୋଗାଣ ପ୍ରକଳ୍ପ କରାଯାଇଥିଲା। ଟାଙ୍କି ନିର୍ମାଣ କରି ଗାଁରେ ପାଇପ ବିଛାଇ ଷ୍ଟାଣ୍ଡପୋଷ୍ଟ ମଧ୍ୟ ଲଗାଯାଇଥିଲା। ଗ୍ରାମବାସୀ ଠିକରେ ମଧ୍ୟ ପାଣି ପାଉଥିଲେ। ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏବେ ପାଇପ ସବୁ ଅନେକ ସ୍ଥାନରେ ଫାଟି ଯାଇଥିବା ବେଳେ ପ୍ରାୟ ୧୦ରୁ ଅଧିକ ଷ୍ଟାଣ୍ଡପୋଷ୍ଟ ଭାଙ୍ଗି ଯାଇଛି। ଫଳରେ ଅନେକ ସ୍ଥାନକୁ ଠିକରେ ପାଣି ଯାଉ ନାହିଁ। ଫଳରେ ଲୋକେ ଠିକରେ ପାନୀୟ ଜଳ ପାଇବାରେ ଅସୁବିଧା ହେଉଛି। ପ୍ରାୟ ୩ଟି ୱାର୍ଡ ବିଶିଷ୍ଟ ଗ୍ରାମର ଲୋକ ସଂଖ୍ୟା ୨୫ ଶହରୁ ଅଧିକ ହେବେ। ଏବେ ଲୋକେ ବାଧ ହୋଇ ନଳକୂପ ନିକଟରେ ଲମ୍ବା ଲାଇନ ଲଗାଉଛନ୍ତି। ଉକ୍ତ ସମସ୍ୟା ନେଇ ଗ୍ରାମବାସୀ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଗ୍ରାମର ସନ୍ତୋଷ ସିଂ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ମଞ୍ଜୁଲତା ଗୌଡଙ୍କୁ ପଚାରିବାରୁ ଦିନେ ଦୁଇ ଦିନ ମଧ୍ୟରେ ହିଲୁଙ୍ଗର ପାଇପ ମରାମତି କରାଯିବ ବୋଲି କହିଛନ୍ତି ।

# କୋଭିଡ୍ ଟେଷ୍ଟ ବଢ଼ାଇବାକୁ ଦାବି

### ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ବ୍ୟାପୁଛି ଜ୍ୱର

ଖପ୍ରାଖୋଲ, ୨୫।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ କିଛି ଦିନ ହେଲା ଅଜଣା ଜ୍ୱର ବ୍ୟାପୁଛି। କରୋନାର ଦ୍ୱିତୀୟ ଲହର ଯୋଗୁ ଲୋକେ ଭୟରେ ଥିବାବେଳେ ଅଜଣା ଜ୍ୱର ଲୋକଙ୍କୁ ଶଙ୍କାଗ୍ରସ୍ତ କରିଛି। କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରିସ୍ଥଳେ ଆବଶ୍ୟକ ଅନୁସାରେ କୋଭିଡ୍ ଟେଷ୍ଟ ହେଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି । ମହରାପଦର ପଞ୍ଚାୟତ ଡମନିମାଲ ଗାଁରେ କିଛି ଦିନ ମଧ୍ୟରେ ୬ଜଣଙ୍କର ମୃତ୍ୟୁ ଘଟିଲାଣି। ଡାକ୍ତରୀ ଟିମ୍ ଗାଁକୁ ଯାଇ ଟେଷ୍ଟ କଲା ପରେ ୯ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ସେହିପରି ଶୁକ୍ରବାର କରାଯାଇଥିବା ଟେଷ୍ଟରୁ ୧୭ଜଣ ସଂକ୍ରମିତ ଥିବା ଜଣାପଡିଛି। ଏକ ନିର୍ଦ୍ଦିଷ୍ଟ ପଡାରୁ କେବଳ ପଜିଟିଭ ଚିହ୍ନଟ ହେଉଥିବାରୁ ଭୟର ବାତାବରଣ ଦେଖାଦେଇଛି। ସେହିପରି ନାନ୍ଦୁପଲା ପଞ୍ଚାୟତର ତାମିପଦର ଗାଁର ଗୋଟିଏ ପରିବାରର ୨ଜଣଙ୍କ ମୃତ୍ୟୁ ଘଟିଛି। ଖପ୍ରାଖୋଲ ସିଏଚସିରେ କେବଳ ୫୦ଟି ଟେଷ୍ଟ ପାଇଁ ଉପରୁ ନିର୍ଦ୍ଦେଶ ଥିବାବେଳେ ପ୍ରତିଦିନ ଶତାଧିକ ରୋଗୀ ଟେଷ୍ଟ ପାଇଁ ଆସି ଫେରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଜିଲା ପ୍ରଶାସନ କୋଭିଡ୍ ଟେଷ୍ଟ ବଢାଇବାକୁ ଦାବି ହେଉଛି । ଏ ନେଇ ଖପ୍ରାଖୋଲ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା.ସୁରଜ ଦୀପ୍‌ଙ୍କୁ ପଚାରିବାରୁ ଆମକୁ ଯେତିକି ପରିମାଣ ଟେଷ୍ଟ ପାଇଁ ନିର୍ଦ୍ଦେଶ ଆସୁଛି ସେହି ପରିମାଣରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଭ୍ରାମ୍ୟମାଣ କୋଭିଡ୍ ଟେଷ୍ଟ ୟୁନିଟ୍ ମାଧ୍ୟମରେ ଟେଷ୍ଟ କରୁଛୁ। ଅତି ଆବଶ୍ୟକ ହେଲେ ଇନ୍‌ଡୋରରେ ମଧ୍ୟ ଟେଷ୍ଟ କରାଯାଉଛି ବୋଲି କହିଛନ୍ତି। ସେହିପରି ଖପ୍ରାଖୋଲ ବିଡିଓ ତରଣୀ ସୁନାଙ୍କୁ ପଚାରିବାରୁ କୋଭିଡ୍ ଟେଷ୍ଟ ବଢାଇବା ପାଇଁ ଦାବି ରହିଛି । ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବି ବୋଲି ସେ କହିଛନ୍ତି ।

# ଢ଼ାଉଛି କରୋନା, ବଢୁଛି ସଂକ୍ରମଣ

■ସରିଲା ଦୁଇଦିନିଆ ସପ୍ତାହାନ୍ତ ଶଟ୍‌ଡାଉନ୍
■ଆଜିଠାରୁ ପାଟଣାଗଡ, କଣ୍ଟାବାଞ୍ଜିରେ ଦୋକାନ ବଜାର ବନ୍ଦ
■ଦୋକାନ ବଜାର ବନ୍ଦ ପାଇଁ ବଣିକ ସଂଘର ବୈଠକ ଆଜି

ବଲାଙ୍ଗୀର ଅଫିସ/ଟିଟିଲାଗଡ/କଣ୍ଟାବାଞ୍ଜି, ୨୫।୪ (ଡି.ଏନ୍.ଏ.)

ରବିବାର ଦୁଇଦିନିଆ ସପ୍ତାହାନ୍ତ ଶଟ୍‌ଡାଉନ୍ ଶେଷ ହୋଇଛି। ଏହିଦିନ ଜିଲାର ସମସ୍ତ ୫ଟି ଯାକ ସହରାଞ୍ଚଳ ବଲାଙ୍ଗୀର, ଟିଟିଲଗଡ, ପାଟଣାଗଡ, କଣ୍ଟାବାଞ୍ଜି, ପାଟଣାଗଡ ଓ ତୁଷରାରେ ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ ବେସରକାରୀ ଅଫିସ, ଡାକଘର, ବ୍ୟାଙ୍କ, ଗାଡିମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ପୋଲିସ ଟିମ୍ ସହରର ବିଭିନ୍ନ ରାସ୍ତାରେ ଯାଞ୍ଚ ଜାରି ରଖିଥିଲେ ।

ଦୁଇଦିନିଆ ସପ୍ତାହାନ୍ତ ଶଟ୍‌ଡାଉନ୍ ସତ୍ତ୍ୱେ ଜିଲାରେ କୋଭିଡ ସଂକ୍ରମଣ ମାମଲା ବୃଦ୍ଧି ପାଉଥିବାରୁ ଚିନ୍ତା ବଢ଼ିବାରେ ଲାଗିଛି। ଏହାକୁ ଆଖି ଆଗରେ ରଖି ସରକାରୀ ଘୋଷିତ ସପ୍ତାହାନ୍ତ ଦୁଇଦିନିଆ ଶଟ୍‌ଡାଉନ୍ ବାଦ୍ ଜିଲାର ବିଭିନ୍ନ ସହରାଞ୍ଚଳରେ ବଣିକ ସଂଘମାନେ ଅନ୍ୟଦିନ ମଧ୍ୟ ଦୋକାନ ବଜାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଟିଟିଲାଗଡ ବଣିକ ସଂଘ ପକ୍ଷରୁ ଗତ ୭ ଦିନ ହେଲା ଦୋକାନ ବଜାର ବନ୍ଦ କରାଯିବା ନିଷ୍ପତ୍ତି ନିଆଯାଇଛି। ଫଳରେ ଟିଟିଲାଗଡ ସହରରେ ଦୁଇଦିନିଆ ସପ୍ତାହାନ୍ତ ଶଟ୍‌ଡାଉନ୍ ଛଡା ଅନ୍ୟଦିନମାନଙ୍କରେ ମଧ୍ୟ ବଣିକ ସଂଘ ଅଧିନରେ ଥିବା ଦୋକାନୀମାନେ ସେମାନଙ୍କ ଦୋକାନ ବଜାର ବନ୍ଦ ରଖୁଛନ୍ତି। ଯେଉଁ ଦୋକାନୀମାନେ ବଣିକ ସଂଘ ଅଧୀନରେ ନାହାନ୍ତି ସେମାନେ ଦୋକାନ ଖୋଲୁଛନ୍ତି। କଣ୍ଟାବାଞ୍ଜିରେ କରୋନା ସଂକ୍ରମଣ ବୃଦ୍ଧିକୁ ଆଖି ଆଗରେ ରଖି ସୋମବାର ପୂର୍ବାହ୍ନ ୧୦ଟାରୁ ବଜାର ବନ୍ଦ ନିଷ୍ପତ୍ତି ନିଆଯାଇଛି। ସକାଳ ୭ରୁ ୧୦ଟା ମଧ୍ୟରେ କିରାନା ଦୋକାନ ଖୋଲା ରଖାଯିବ । ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ ବୋଲି କଣ୍ଟାବାଞ୍ଜି ବଣିକ ସଂଘ ସଭାପତି ଅନୀଲ ଅଗ୍ରୱାଲ ସୂଚନା ଦେଇଛନ୍ତି। ପାଟଣାଗଡରେ ମଧ୍ୟ ସୋମବାରଠାରୁ ସମସ୍ତ ଦୋକାନ ବଜାର ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି। କୋଭିଡ ସଂକ୍ରମଣ ଚେନ୍‌କୁ ଭାଙ୍ଗିବା ପାଇଁ ଶେଷରେ ଦୋକାନୀମାନେ ନିଜେ ନିଜେ ଦୋକାନ ବଜାର ବନ୍ଦ କରିବା ନିଷ୍ପତ୍ତି ନେଉଥିବା ଜଣାପଡିଛି। ବଲାଙ୍ଗୀର ସହରରେ ମଧ୍ୟ ଦିନକୁ ଦିନ କୋଭିଡ ସଂକ୍ରମଣ ମାମଲା ବଢ଼ିବାରେ ଲାଗିଛି ।



ଏଭଳି ପରିସ୍ଥିତିରେ ସପ୍ତାହନ୍ତ ଶଟ୍‌ଡାଉନ୍ ବାଦ୍ ଅନ୍ୟ ଦିନମାନଙ୍କୁ ମଧ୍ୟ ଦୋକାନ ବଜାର ବନ୍ଦ ରଖିବାକୁ ବିଭିନ୍ନ ମହଲରେ ଆଲୋଚନା ହେଉଛି। ପରିସ୍ଥିତିକୁ ଆଖି ଆଗରେ ରଖି ବଲାଙ୍ଗୀର ବଣିକ ସଂଘ ମଧ୍ୟ ଆଗାମୀ ଦିନରେ ଦୋକାନ ବଜାର ବନ୍ଦ କରିବାକୁ ଯୋଜନା କରୁଛି। ବଣିକ ସଂଘ ପକ୍ଷରୁ ଏସଂକ୍ରାନ୍ତରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବାକୁ ଯୋଜନା କରାଯାଇଛି। ଏନେଇ ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ସୋମବାର ଦୋକାନ ବଜାର ବନ୍ଦକୁ ନେଇ ଦୋକାନୀମାନଙ୍କ ମଧ୍ୟରେ ଆଲୋଚନା ହେବ । ସେମାନଙ୍କ ମତ ନିଆଯାଇ ସୋମବାର ଏନେଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସେ ଜଣାଇଛନ୍ତି।

# ୨୮ରୁ ୩୦ ଯାଏ ଦୋକାନବଜାର ବନ୍ଦ

■କରୋନା ସଂକ୍ରମଣ ରୋକିବା ପାଇଁ ପଦକ୍ଷେପ
■ଜୁନାଗଡ଼ ବଣିକ ସଂଘର ନିଷ୍ପତ୍ତି

ଜୁନାଗଡ଼, ୨୫।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସହରାଞ୍ଚଳରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଛି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଏବେ ଭୟର ବାତାବରଣ ଦେଖିବାକୁ ମିଳିଛି। ଏଭଳି ପରିସ୍ଥିତିରେ ଲୋକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଜୁନାଗଡ ବଣିକ ସଂଘ ପକ୍ଷରୁ ଏକ ବଡ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାର ପ୍ରତ୍ୟେକ ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ ଲାଗୁ କରିଥିବାବେଳେ ଏହି ଶଟ୍‌ଡାଉନକୁ ଜୁନାଗଡ ସହରାଞ୍ଚଳରେ ଆହୁରି ୩ଦିନ ବଢାଇ ଦିଆଯାଇଛି। ଆସନ୍ତା ୨୮ ତାରିଖ ବୁଧବାରଠାରୁ ୩୦ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ଜୁନାଗଡ ସହରାଞ୍ଚଳରେ ସମସ୍ତ ଦୋକାନବଜାର ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବ ବୋଲି ବ୍ୟବସାୟୀ ସଂଘ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏ ସମ୍ପର୍କରେ ଜୁନାଗଡ଼ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଥାନାଧିକାରୀ, ଧର୍ମଗଡ଼ ଉପଜିଲାପାଳ ଓ କଳାହାଣ୍ଡି ଜିଲାପାଳଙ୍କୁ ଏକ ଲିଖିତନାମା ପ୍ରେରଣ କରାଯାଇଛି। ଶନିବାର ଓ ରବିବାର ପୂର୍ବପରି ସପ୍ତାହାନ୍ତ ଶଟ୍‌ଡାଉନ ବଳବତ୍ତର ରହିବ। ପ୍ରକାଶଯେ ଜୁନାଗଡ଼ ସହର ସମେତ ବ୍ଲକ ଅଞ୍ଚଳରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧିପାଇ ଗୋଷ୍ଠୀ ସଂକ୍ରମଣର ରୂପ ନେବାକୁ ବସିଲାଣି। ଏପରିସ୍ଥିତିରେ ବ୍ୟବସାୟୀଙ୍କୁ ବେଶି ବିପଦ ଦେଖାଦେଇଛି। କରୋନାକୁ ରୋକିବାକୁ ହେଲେ ଦ୍ରୁତ ଗତିରେ ବଢିଚାଲୁଥିବା ଏହି ଚେନ୍‌କୁ ଭାଙ୍ଗିବାକୁ ପଡିବ। ରବିବାର ସୁଦ୍ଧା ଜୁନାଗଡ଼ ବ୍ଲକ ଅଞ୍ଚଳରେ କରୋନା ପଜିଟିଭ ସଂଖ୍ୟା ୫ଶହ ପାର କରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି। ଲୋକଙ୍କ ସୁରକ୍ଷାକୁ ଆଖି ଆଖରେ ରଖି ଜୁନାଗଡ ବଣିକ ସଂଘ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଶଟ୍‌ଡାଉନ ସମୟରେ ସମସ୍ତେ ଘରେ ରହିବା। ନିଜେ ସଚେତନ ହେବା ସହ ଅନ୍ୟକୁ ସଚେତନ କରିବା ବୋଲି ବଣିକ ସଂଘର ସଭାପତି ମୁକେଶ ଅଗ୍ରୱାଲ ପ୍ରକାଶ କରିଛନ୍ତି ।

# ସାମାଜିକ ଦୂରତା ପାଳନ୍ତୁ, ଡବଲ ମାସ୍କ ପିନ୍ଧନ୍ତୁ

### ହସ୍ପିଟାଲରୁ ନରସିଂହ ଦେଲେ ବାର୍ତ୍ତା

ବଲାଙ୍ଗୀର ଅଫିସ,୨୫।୪: କରୋନା ସଂକ୍ରମିତ ହେବା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସୋମବାର ଏକ ବାର୍ତ୍ତା ଦେଇଛନ୍ତି । ସେ କହିଛନ୍ତି ଯେ, କରୋନା ସଂକ୍ରମିତ ହେବା ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଏହି ବାର୍ତ୍ତାରେ ସେ ଆହୁରି କହିଛନ୍ତି ଯେ, ଉକ୍ତ କରୋନା ମହାମାରୀ ସମୟରେ ସମାଜିକ ଦୂରତା ପାଳନ କରିବା ସହ ଡବଲ ମାସ୍କ ପରିଧାନ କରନ୍ତୁ, ଯଥାସମ୍ଭବ ଘରେ ରୁହନ୍ତୁ । ଅତି ଜରୁରୀ ନହେଲେ ଘରୁ ବାହାରନ୍ତୁ ନାହିଁ । ଜିଲା ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା କଟକଣାକୁ ଠିକ ହିସାବରେ ପାଳନ କରି କରୋନା ବିରୁଦ୍ଧ ଲଢେଇରେ ନିଜେ ଦୃଢତାର ସହ ସହଯୋଗ କରନ୍ତୁ ବୋଲି ଅନୁରୋଧ କରିଛନ୍ତି । ବଲାଙ୍ଗୀର ସହରର କିଛି ଅଞ୍ଚଳରେ ପିଇବା ପାଣି ସମସ୍ୟା ଥିବା ଖବର ପାଇବା ପରେ ସେ ଭୁବନେଶ୍ୱରରେ ଥାଇ ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇ ସହରର ପିଇବା ପାଣି ସମସ୍ୟାର ଶୀଘ୍ର ସମାଧାନ ପଦକ୍ଷେପ ନିଆଯାଉଥିବା ସେ ସୂଚନା ଦେଇଛନ୍ତି।

# ମୃତ ଛାତ୍ରଙ୍କ ପରିବାରକୁ ୪.୭୫ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

ବଲାଙ୍ଗୀର ଅଫିସ,୨୫।୪

ବଲାଙ୍ଗୀର ଜିଲା କୁଲତାପଡା ସ୍କୁଲରେ ଗତ ୨୨ମାର୍ଚ୍ଚ ୨୦୧୪ରେ ସାଙ୍ଗମାନଙ୍କ ସହ ଖେଳୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସପ୍ତମ ଶ୍ରେଣୀ ଛାତ୍ର ସୁଧୀର ଗଡତ୍ୟା(୧୨)ଙ୍କ ମୃତ୍ୟୁ ଘଟିଥିଲା। ଜାତୀୟ ମାନବିକ ଅଧିକାର କମିଶନ ଉକ୍ତ ମାମଲାର ବିଚାର କରି ମୃତ ଛାତ୍ରଙ୍କ ପରିବାରକୁ ୪ ଲକ୍ଷ ୭୫ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ ଦେଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ କରିବାକୁ ଶନିବାର ଓଡିଶା ଶକ୍ତିବିଭାଗ ପ୍ରମୁଖ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଏହି ଘଟଣାକୁ ନେଇ ଭବାନୀପାଟଣାର ସ୍ୱେଚ୍ଛାସେବୀ ଦିଲୀପ କୁମାର ଦାସ ଜାତୀୟ ମାନବିକ କମିଶନରେ ପିଟିସନ୍ ଦାଖଲ କରିଥିଲେ। କମିଶନ ଶନିବାର ଏନେଇ ଶକ୍ତିବିଭାଗ ପ୍ରମୁଖ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ସମ୍ପର୍କରେ ଅଭିଯୋଗକାରୀ ଦାସ ଗଣମାଧମକୁ ସୂଚନା ଦେଇଛନ୍ତି।

# ନିରାଡମ୍ବରରେ ପାଳିତ ହେବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବିନିକା,୨୫।୪(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗାଁରେ ନିର୍ମାଣ ହୋଇଥିବା ତିନି ମନ୍ଦିରର କୋଭିଡ କଟକଣା ଅନୁସାରେ ପ୍ରତିଷ୍ଠା ହେବ। ଏଥିସହିତ ଏକ ବିଶାଳକାୟ ପଞ୍ଚମୁଖୀ ହନୁମାନଙ୍କ ପ୍ରତିମୂର୍ତ୍ତୀ ନିର୍ମାଣ ମଧ୍ୟ ସରିଛି । ହେଲେ କରୋନାର ଦ୍ୱିତୀୟ ଲହର ଯୋଗୁ ପ୍ରତିଷ୍ଠା ଉତ୍ସବକୁ ନିରାଡମ୍ବରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୋମବାର ପ୍ରତିଷ୍ଠା ଉତ୍ସବର କର୍ତ୍ତାକର୍ତ୍ତା ଓ ଆଚାର୍ଯ୍ୟ କଳସ ଯାତ୍ରା କାର୍ଯ୍ୟକ୍ରମ ନିର୍ବାହ କରିବେ । ମଙ୍ଗଳବାର , ବୁଧବାର ଓ ଗୁରୁବାର ସମଲେଶ୍ୱରୀ ମନ୍ଦିର, ତଳିପଡାସ୍ଥିତ ଗୋପାଳଜୀ ମନ୍ଦିର, ଶିବ ମନ୍ଦିର ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳନ କରାଯିବ।

# ଡାକ୍ତର ପଦବୀ ଖାଲି, ରୋଗୀସେବା ବାଧାପ୍ରାପ୍ତ

### ରିଷିଡ଼ା ଡାକ୍ତରଖାନା

■ଫାର୍ମାସିଷ୍ଟଙ୍କ ଭରସାରେ ଚାଲିଛି ସ୍ୱାସ୍ଥ୍ୟସେବା




ରିଷିଡ଼ା ଡାକ୍ତରଖାନା।

କର୍ଲାମୁଣ୍ଡା/ରିଷିଡା, ୨୫।୪ (ଡି.ଏନ.ଏ.)

ସାଧାରଣ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ ସରକାର ଆବଶ୍ୟକ ସ୍ଥାନଗୁଡ଼ିକରେ ଡାକ୍ତରଖାନାଗୁଡିକ ଖୋଲିଛନ୍ତି। ହେଲେ ଆବଶ୍ୟକ ଡାକ୍ତର ନିଯୁକ୍ତି ଦେଇପାରୁ ନ ଥିବାରୁ ରୋଗୀ ସେବା ଠପ୍ ହୋଇଯାଇଛି। ଏଭଳି ପରିସ୍ଥିତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ଥିବା ପୁରାତନ ଡାକ୍ତରଖାନାରେ ଦେଖିବାକୁ ମିଳିଛି। ଏହି ଡାକ୍ତରଖାନା ୧୯୬୨ରେ ସରକାରଙ୍କ ଦ୍ୱାରା ଏରିଆ ହସ୍ପିଟାଲ ଭାବେ ସ୍ଥାପନ ହୋଇଥିଲା। ବର୍ତ୍ତମାନ ଏହା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର (ଓଏଚ) ନାମକୁ ପରିବର୍ତ୍ତନ ହୋଇଛି। ତେବେ ଦୀର୍ଘଦିନରୁ ଡାକ୍ତର ପଦବୀ ଖାଲି ପଡିଥିବାରୁ ଫାର୍ମାସିଷ୍ଟଙ୍କ ଭରସାରେ ଚାଲିଛି ସ୍ୱାସ୍ଥ୍ୟସେବା। ଡାକ୍ତରଖାନା ଉପରେ ନିର୍ଭର କରୁଥିବା ପ୍ରାୟ ୩୦ ହଜାର ଜନସାଧାରଣ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ରିଷିଡା ଯୁବାମଞ୍ଚ ପକ୍ଷରୁ ଅନେକ ଥର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଡାକ୍ତର ନିଯୁକ୍ତି ହୋଇପାରୁ ନ ଥିବା ଦୁର୍ଭାଗ୍ୟର ବିଷୟ ବୋଲି ଯୁବାମଞ୍ଚର ସଭାପତି ଅଶ୍ୱିନୀ କୁମାର ମାଝି, ସମ୍ପାଦକ ନରୋତ୍ତମ ସେଲମା ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ ୬୦ ବର୍ଷ ପୁରୁଣା ହସ୍ପିଟାଲରେ ଜଣେ ଫାର୍ମାସିଷ୍ଟ, ଦୁଇ ଜଣ ଆଟେଣ୍ଡାଣ୍ଟ, ୨ ଜଣ ଷ୍ଟାଫନର୍ସ ରହିଥିବା ବେଳେ ଏଲ୍‌ଟି(ଲାବୋରେଟୋରି ଟେକ୍ନିସିଆନ) ନିଯୁକ୍ତି ହୋଇ ନ ଥିବାରୁ ବିଭିନ୍ନ ପ୍ରକାର ରକ୍ତ ନମୁନା ପରୀକ୍ଷା ପାଇଁ ଲୋକେ ବହୁ ଖର୍ଚ୍ଚାନ୍ତ ହେଉଥିବା ସାମାଜିକ କର୍ମୀ ସତ୍ୟନାରାୟଣ କୁମାର କହିଛନ୍ତି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।